# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ISSUE-341 TUESDAY 9 JUNE 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୩୪୧ ମଙ୍ଗଳବାର ୯ ଜୁନ୍ ୨୦୨୬ ପୃଷ୍ଠା-୧୨ ଟ.୭.୦୦





ପଦାର୍ପଣରେ ମାନବଙ୍କ କୀର୍ତ୍ତିମାନ

ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

**ଶିମିଳିପାଳ ଇତିହାସରେ ପ୍ରଥମ**

# ମଣିଷକୁ ଖାଇଗଲା ବାଘ

ବାରିପଦା, ୮।୬(ସମିସ): ଯାହା ସନ୍ଦେହ କରାଯାଉଥିଲା, ତାହା ସତ ପ୍ରମାଣିତ ହୋଇଛି। ଶିମିଳିପାଳ ଇତିହାସରେ ପ୍ରଥମଥର ପାଇଁ ମଣିଷକୁ ମାରି ଖାଇଛି ବାଘ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ କୁମୁଦାବାଡ଼ି ନିକଟ ଜଙ୍ଗଲରୁ ଗତ ୧ତାରିଖରେ ସାଧୁ ନାଏକଙ୍କ ଅଧାଖିଆ ମୃତଦେହ

- ସ୍ପଷ୍ଟ କଲା ଲ୍ୟାବ୍ ରିପୋର୍ଟ
- କଲରାପତରିଆ ବାଘ ଆକ୍ରମଣରେ ସାଧୁ ନାଏକଙ୍କ ମୃତ୍ୟୁ

ଜବତ ହୋଇଥିଲା। ତାହା ଏକ କଲରାପତରିଆ ବାଘର କାରନାମା ବୋଲି ଲ୍ୟାବ୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ଲ୍ୟାବ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମୃତଦେହରୁ ସଂଗୃହୀତ କେଶ ନମୁନା କଲରାପତରିଆ ବାଘ ସହ ମେଳ ଖାଉଛି। ଏହାସହ କୁକୁର ଦାନ୍ତ ଭଳି ଛେଦଚିହ୍ନ କଲରାପତରିଆ ବାଘ ଆକାର ସହ ସମାନ ରହିଛି। ତେବେ ମଣିଷକୁ ବାଘ ମାରି ଖାଇବା ଆକସ୍ମିକ ଆକ୍ରମଣ ହୋଇଥାଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଯଶିପୁର ଥାନା ଅଧୀନ ବସନ୍ତପୁର ଗ୍ରାମର ସାଧୁ ନାଏକ ଛେଳି ଚରାଇବାକୁ ଯାଇ ଜଙ୍ଗଲରେ ନିଖୋଜ ହୋଇଯାଇଥିଲେ। ଗତ ୧ ତାରିଖରେ ଗ୍ରାମବାସୀ ଜଙ୍ଗଲ ଭିତରେ ଏକ ବୁଦା ନିକଟରୁ ତାଙ୍କର ଅଧାଖିଆ ମୃତଦେହ ଉଦ୍ଧାର କରିଥିଲେ। କୌଣସି ଜଙ୍ଗଲୀ ପଶୁ ଆକ୍ରମଣ ସନ୍ଦେହରେ ବନ ବିଭାଗ ଓ ପୁଲିସ୍ ତଦନ୍ତ କରିଥିଲା। ପ୍ରାରମ୍ଭିକ ତଦନ୍ତରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲା। ସାଧାରଣରେ ବାଘ ଆକ୍ରମଣରେ ମୃତ୍ୟୁ ବୋଲି ଚର୍ଚ୍ଚା ହୋଇଥିଲା। ତେଣୁ, ତଦନ୍ତ ପାଇଁ ସଂଗୃହୀତ ନମୁନା ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇଥିଲା।

ଏହି ଘଟଣା ପରେ ଶ୍ରୀ ଗୋଗିନାନୀ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଆଖପାଖ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଜାରି ରହିଛି। ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏଆଇ କ୍ୟାମେରା ଓ କ୍ୟାମେରା ଟ୍ରାପ୍ ଲଗାଯାଇଛି। ସକାଳ ଓ ସନ୍ଧ୍ୟା ସମୟରେ ଏକାକୀ ଜଙ୍ଗଲକୁ ନଯିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ହେଲେ, ସାଥୀ ହୋ ଯିବେ ଓ କୌଣସି ଜଙ୍ଗଲୀ ପଶୁ ଦେଖିଲେ ତୁରନ୍ତ ନିକଟସ୍ଥ ବନବିଭାଗ କ୍ୟାମ୍ପକୁ ଖବର ଦେବାକୁ ସେ ଅନୁରୋଧ କରିଛନ୍ତି।

**ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ନେଇ ବର୍ଷିଲା ବିଜେଡି**

# ଜନତାଙ୍କୁ ଶୋଷଣ କରୁଛନ୍ତି ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୮।୬(ସମିସ): ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଇଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ଘଟିଚାଲିଛି। ଗତ କିଛି ବର୍ଷ ମଧ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ୨୦୧୪ ମସିହାରେ ଘରୋଇ ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୧୫ ଟଙ୍କା ଥିଲା, ବର୍ତ୍ତମାନ ତାହା ୯୬୮ ଟଙ୍କାରେ ପହଞ୍ଚିଛି । ସେହିପରି ପେଟ୍ରୋଲ, ଡିଜେଲ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରି ଡବଲ ଇଞ୍ଜିନ ସରକାର ଜନତାଙ୍କୁ ଶୋଷଣ କରୁଛନ୍ତି ବୋଲି କଡ଼ା ସମାଲୋଚନା କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଦରବୃଦ୍ଧି ଯୋଗୁଁ ନିମ୍ନ ଓ ମଧ୍ୟବିତ୍ତ




ପରିବାର, କ୍ଷୁଦ୍ର ବ୍ୟବସାୟୀ, ଚା' ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କ ଉପରେ ଗଭୀର ପ୍ରଭାବ ପଡ଼ୁଛି। ରନ୍ଧନ ଗ୍ୟାସର ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକଟିଏ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ହ୍ରାସ ପାଇଥିବା ସତ୍ତ୍ୱେ ତାହାର ସୁଫଳ ସାଧାରଣ ଲୋକଙ୍କୁ ମିଳୁନାହିଁ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଭ୍ୟାଟକୁ କମାଇ, ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। ପେଟ୍ରୋଲ ଓ ଡିଜେଲକୁ ଜିଏସ୍ଟି ଅନ୍ତର୍ଭୁକ୍ତ କରନ୍ତୁ, ଏହାଦ୍ୱାରା ତୈଳ ମୂଲ୍ୟ ହ୍ରାସ ପାଇବା ସହ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ କମିପାରିବ। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ସରକାରରେ ମହିଳା ହିଂସା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ମହିଳାଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ସରକାର। ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, କିନ୍ତୁ ସରକାର ନିଜ ଦାୟିତ୍ୱରୁ ବିମୁଖ ହୋଇ ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି। ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରକୁ ହ୍ରାସ କରି ସାଧାରଣ ଜନତାଙ୍କ

- ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଥିବା ବେଳେ ସରକାର ଦରବୃଦ୍ଧି କରି ବ୍ରିଟିଶରାଜ୍ ଚଳାଇଛନ୍ତି
- ସରକାରଙ୍କ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା ସଦୃଶ
- ପେଟ୍ରୋଲ, ଡିଜେଲକୁ ଜିଏସ୍ଟି ଅନ୍ତର୍ଭୁକ୍ତ କରି ଜନତାଙ୍କୁ ଆଶ୍ୱସ୍ତ କରନ୍ତୁ ସରକାର

ଆର୍ଥିକ ବୋଝକୁ କମ୍ କରନ୍ତୁ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ତଥା କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଉପସଭାନେତ୍ରୀ ତଥା କର୍ପୋରେଟର ମାନସୀ ସୁନ୍ଦରରାୟ ଉପସ୍ଥିତ ଥିଲେ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ଏକାଧିକ ବ୍ୟାଙ୍କ୍ ଲକରରେ ବୈକୁଣ୍ଠଙ୍କ ସମ୍ପତ୍ତି

ଭୁବନେଶ୍ୱର ୮।୬ (ସମିସ): ଆଇଟିଡିଏ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହରାଙ୍କ ସମ୍ପତ୍ତି ବ୍ୟାଙ୍କ୍ ଲକରରେ ଲୁଚି ରହିଛି। ଲକର୍‌ରେ ସେ ନିଜ ସମ୍ପତ୍ତି ଲୁଚାଇ ରଖିବାକୁ ନିରାପଦ ମଣୁଥିଲେ। ବହୁ ବର୍ଷ ଧରି ଏଭଳି ଭାବେ କୋଟି କୋଟି

- ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଜବତ
- ଏଯାଏଁ ଠାବ ହେଲାଣି ୧.୨୫୫ କେଜି ସୁନା

ଟଙ୍କାର ସୁନା, ରୂପା ଏବଂ ନଗଦ ଟଙ୍କା ଲୁଚାଇ ରଖିଥିଲେ। ହେଲେ ମାତ୍ର ୩ଦିନ ମଧ୍ୟରେ ଭିଜିଲାନ୍ସ ତାଙ୍କ ସମ୍ପତ୍ତି ସବୁକୁ ଏହି ଲକରଗୁଡ଼ିକରୁ ଖୋଜି ବାହାର କରିଦେଇଛି। ସୋମବାର ତାଙ୍କ ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଏବଂ ୩୭୫ ଗ୍ରାମ ରୁପା ଅଳଙ୍କାର ଭିଜିଲାନ୍ସ ଜବତ କରିଛି। ଏତେ ମାତ୍ରାରେ ସୁନା ମିଳିବା ପରେ ତାଙ୍କ ଜବତ ସୁନାର ପରିମାଣ ୧କେଜିରୁ ଟପି ଯାଇଛି। ବିଭିନ୍ନ ଲକରରୁ ଏବେପର୍ଯ୍ୟନ୍ତ ଜବତ ସୁନାର ପରିମାଣ ୧.୨୫୫ କେଜି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମାମଲା ଏବଂ ଚଢ଼ଉ ଜାରି ରହିଛି। ଏଣୁ ତାଙ୍କର ଜବତ ସମ୍ପତ୍ତି ତାଲିକା ଆଗକୁ ଆହୁରି ବୃଦ୍ଧି ପାଇପାରେ ବୋଲି ବିଭାଗ ଅନୁମାନ କରୁଛି।



ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ (ଡିଏ) ଅଭିଯୋଗରେ ପୂର୍ବରୁ ବୈକୁଣ୍ଠଙ୍କର ୪ଟି ବ୍ୟାଙ୍କ ଲକର୍ ଯାଞ୍ଚ ସରିଥିଲା। ପ୍ରଥମ ଦିନରେ ୨ଟି ଲକରରୁ ୨କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଇଥିଲା। ଆଜିର ଯାଞ୍ଚ ବେଳେ ଲକରରୁ ୭୦୩ ଗ୍ରାମ ଓଜନର ବିଭିନ୍ନ ପ୍ରକାର ସୁନା ଅଳଙ୍କାର ମିଳିଛି। ଏଥିରେ ହାର, ଚେନ୍, ଚୁଡ଼ି, ମୁଦି ଆଦି ରହିଛି। ଏହା ସହିତ ୩୭୫ ଗ୍ରାମ ଓଜନର ରୂପା ଅଳଙ୍କାର ଏବଂ ବାସନ ମଧ୍ୟ ଜବତ ହୋଇଛି। ଜବତ ସୁନାର ବଜାର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏହା ପୂର୍ବରୁ ଚାରିଟି ଲକର ଏବଂ ଘର ଚଢ଼ଉରୁ ପ୍ରାୟ ୫୫୨ ଗ୍ରାମ ସୁନା ମିଳିଥିଲା। ଆଜିର ଜବତ ପରେ ମୋଟ ସୁନାର ପରିମାଣ ୧.୨୫୫ କେଜିରେ ପହଞ୍ଚିଛି। ଏହା ବ୍ୟତୀତ ନଗଦ ଟଙ୍କା, ଜମି କାଗଜପତ୍ର, ଏଫ୍‌ଡି ଓ ଅନ୍ୟାନ୍ୟ ବିନିଯୋଗ ସମ୍ପର୍କିତ ଦସ୍ତାବିଜ ମଧ୍ୟ ଭିଜିଲାନ୍ସ ହାତରେ ଲାଗିଛି। ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

# ବାପା ବେକରେ ଶାବଳ ଭୁସିଦେଲା ପୁଅ

ତୁରୁମୁଙ୍ଗା, ୮।୬ (ସମିସ): ପୁଅର ଶାବଳ ମାଡ଼ରେ ବାପା ମୃତ। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦିଗିପଶି ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଧ୍ରୁବ ନାଏକ (୭୩)। ରବିବାର ରାତିରେ ପରିବାରରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ପୁଅ ଉଦ୍ଧବ



ନାଏକ ମଦ ନିଶାରେ ଏକ ଶାବଳରେ ଧ୍ରୁବଙ୍କୁ ଆକ୍ରମଣ କରିଥିଲା। ତାଙ୍କ ବେକରେ ଶାବଳ ଭୁସି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଟଣା ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ପୁଲିସ ଉଦ୍ଧବଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏନେଇ ପାଟଣା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତନାଘନା ଚଳାଇଛି।

# ବ୍ରାହ୍ମଣୀରେ ବୁଡ଼ିଗଲେ ୩

**ଜଣଙ୍କ ମୃତଦେହ ଉଦ୍ଧାର, ୨ ନିଖୋଜ**

ତାଳଚେର, ୮।୬ (ସମିସ): ଅନୁଗୋଳ ଜିଲ୍ଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ ସୋମବାର ଏକ ବଡ଼ ଅଘଟଣ ଘଟିଛି। ତାଳଚେର ଟାଉନ୍ ଆଖଣ୍ଡଳମଣି ମନ୍ଦିର ନିକଟ କଲମ୍ବାରି ଘାଟରେ ଗାଧୋଇବା ବେଳେ ୩ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨ଜଣ ନିଖୋଜ ହୋଇଯାଇଛନ୍ତି। ମୃତକ ହେଲେ, ତାଳଚେର ଷ୍ଟେସନ୍ ଅଞ୍ଚଳର ଗଣେଶ ଗୋଛାୟତ। ରିପୋର୍ଟ ଲେଖା ହେବା ସୁଦ୍ଧା ନିଖୋଜ ଶକ୍ତି ସାହୁ ଓ ପ୍ରିନ୍ସ ଲୋହାରଙ୍କ ପତ୍ତା ମିଳିପାରିନାହିଁ। ସମସ୍ତଙ୍କ ବୟସ ୧୫ରୁ ୧୮ ବର୍ଷ ମଧ୍ୟରେ ହେବ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ସୋମବାର ଅପରାହ୍ଣ ୧ଟା ବେଳେ ଗଣେଶ, ଶକ୍ତି ଓ ପ୍ରିନ୍ସଙ୍କ ସମେତ ତାଳଚେର ଷ୍ଟେସନ୍ ଅଞ୍ଚଳର ୮ ଯୁବକ କଲମ୍ବାରି ଘାଟକୁ ଗାଧେଇବାକୁ ଯାଇଥିଲେ। ଜଣେ ଯୁବକ ଘାଟରେ ବସିଥିବା ବେଳେ ଅନ୍ୟ ୭ଜଣ ଗାଧେଇବାକୁ ନଦୀକୁ ଡେଇଁଥିଲେ। ଅସାବଧାନତା ଯୋଗୁଁ ସେମାନଙ୍କ ମଧ୍ୟରୁ ଜଣେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ଜଣ ଭାସି ଯାଇଥିଲେ। ଅନ୍ୟ ୪ ଜଣ କୂଳକୁ ପହଁରି ଆସିବାରେ ସଫଳ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପାଣି ଭିତରୁ ଗଣେଶଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି



ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିଶମ ବାହିନୀ ଓ ତାଳଚେର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଚଳାଇଥିବା ବେଳେ ତାଳଚେର ଏସ୍‌ଡିପିଓ ଓ ତାଳଚେର ଭାରପ୍ରାପ୍ତ ଥାନାଧିକାରୀ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

# ସହକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ସମ୍ବଲପୁର, ୮।୬ (ସମିସ): ସମ୍ବଲପୁର ସଦର ତହସିଲ ଅନ୍ତର୍ଗତ ସଦର-୪ ରାଜସ୍ୱ ନିରୀକ୍ଷକ ମଣ୍ଡଳର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ସୁରେନ୍ଦ୍ର ସାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସେସ (କ୍ଲାସିଫିକେସନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ରୁଲ୍ସ, ୧୯୬୨ର ଧାରା ୧୨(୧)(କ) ଅନୁଯାୟୀ ସମ୍ବଲପୁର ଜିଲ୍ଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୁରେନ୍ଦ୍ର ସାଙ୍କ ବିରୋଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଚାର ଚାଲିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସୁରେନ୍ଦ୍ର ସାଙ୍କ ମୁଖ୍ୟ ଦପ୍ତର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅଧୀନରେ ରହିବ ଏବଂ ସେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟ ଦପ୍ତର ଛାଡ଼ି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି।

**କାଳବୈଶାଖୀ ବଦଳାଇଲା ଯାତ୍ରା ରୁଟ୍**

# ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ପୁରୀ,୮।୬(ସମିସ): ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହେଲିକପ୍ଟର୍ ପୁରୀରେ ଜରୁରୀ ଅବତରଣ କରିଛି। କାଳବୈଶାଖୀ ଜନିତ ବର୍ଷା ପବନ ଯୋଗୁଁ ପାଇଲଟ୍ ହେଲିକପ୍ଟରକୁ ପୁରୀ ସମଙ୍ଗ ପାର୍କିଂରେ ଜରୁରୀ ଅବତରଣ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ହେଲିକପ୍ଟର୍‌ରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।

ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷ କରି ସୋମବାର ଅପରାହ୍ଣରେ ଭୁବନେଶ୍ୱର ଫେରୁଥିଲେ। କିନ୍ତୁ, ହେଲିକପ୍ଟରଟି ଭୁବନେଶ୍ୱର ଆକାଶମାର୍ଗ ନିକଟରେ ପହଞ୍ଚିବା କ୍ଷଣି ହଠାତ୍ ପାଗ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା। ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁଁ ଆକାଶରେ ଦୃଶ୍ୟମାନତା




ପ୍ରାୟ ଶୂନ୍ୟ ହୋଇଯାଇଥିଲା। ଫଳରେ ପାଇଲଟ୍‌ଙ୍କୁ ରନୱେ ଦେଖାଯାଇ ନଥିଲା। ମଝି ଆକାଶରେ ବିପଦକୁ ଆଗୁଆ ଆକଳନ କରି ଏବଂ ଭିଭିଆଇପି ସୁରକ୍ଷାକୁ ପ୍ରାଥମିକତା ଦେଇ ପାଇଲଟ୍ ତୁରନ୍ତ ଭୁବନେଶ୍ୱରରେ ଲ୍ୟାଣ୍ଡିଂ କରିବା ନିଷ୍ପତ୍ତିକୁ ବାତିଲ କରିଥିଲେ। ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରି ହେଲିକପ୍ଟରକୁ ସିଧାସଳଖ ପୁରୀ ଡାଇଭର୍ଟ କରାଯାଇଥିଲା। ସେହି ସମୟରେ ପୁରୀର ପାଗ ସ୍ଥିର ଥିଲା। ପୁରୀ ହେଲିପ୍ୟାଡ୍‌ରେ ହେଲିକପ୍ଟରଟି ସୁରକ୍ଷିତ ଭାବେ ଅବତରଣ କରିଥିଲା।

ତେବେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ପୁରୀରେ ଅବତରଣ କରିବାର ମାତ୍ର କିଛି ସମୟ ପରେ ଏଠାରେ ମଧ୍ୟ ପାଣିପାଗ ଦ୍ରୁତଗତିରେ ବଦଳି ଯାଇଥିଲା। କାଳବୈଶାଖୀ ପ୍ରଭାବରେ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ପବନ ଓ ବର୍ଷା ଆରମ୍ଭ ହୋଇଯାଇଥିଲା। ଏହା ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୁରୀ ସର୍କିଟ ହାଉସ୍‌କୁ ଅଣାଯାଇଥିଲା। ପାଗ ସ୍ୱାଭାବିକ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଭୁବନେଶ୍ୱରରୁ ପୁରୀ ଆସି ପହଞ୍ଚିଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସଡ଼କ ପଥରେ ସୁରକ୍ଷିତ ଭାବେ ଭୁବନେଶ୍ୱର ଫେରିଯାଇଛନ୍ତି। ସମଙ୍ଗ ପାର୍କିଂରେ ଜରୁରୀ ଅବତରଣ ସମୟରେ ପୁରୀ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସୁରକ୍ଷିତ ଥିବାରୁ ପ୍ରଶାସନ ଆଶ୍ୱସ୍ତ ହୋଇଛି।

**ପୋଖରୀ ବିଲ୍ ପାଇଁ ନେଉଥିଲେ ୩୫ ହଜାର ଲାଞ୍ଚ**

# ଭିଜିଲାନ୍ସ ଜାଲରେ ଜଳବିଭାଜିକା ମନରେଗା ସହାୟିକା

ଭବାନୀପାଟଣା,୮।୬(ସମିସ): ଜଣେ ହିତାଧିକାରୀଙ୍କଠାରୁ କୃଷି ପୋଖରୀର ବିଲ୍ କରାଇ ଦେବାକୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମନରେଗା ସହାୟକ ପ୍ରିୟଙ୍କା ଜେନା। ଜଣେ ହିତାଧିକାରୀଙ୍କ କୃଷି ପୋଖରୀର ବିଲ୍ ବାବଦକୁ ୨ ଲକ୍ଷ ୬୮ ହଜାର ଟଙ୍କା ପାସ୍ କରାଇ ଦେବାକୁ ସେ ୩୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନଦେଲେ ବକେୟା ବିଲ ପାସ କରିଦେବି ନାହିଁ ବୋଲି ଧମକ ଦେବା ସହ ୩୫ ହଜାର ଟଙ୍କା ଲାଞ୍ଚ ଦେବାକୁ ଅଡ଼ି ବସିଥିଲେ। ଏଥିରେ ଅତିଷ୍ଠ ହୋଇ ହିତାଧିକାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।



ଅଭିଯୋଗ ପାଇବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ସୋମବାର ହିତାଧିକାରୀଙ୍କଠାରୁ ଭବାନୀପାଟଣା ଇରିଗେସନ୍ କଲୋନି ଛକ ନିକଟରେ ୩୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ୯/୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି ଭିଜିଲାନ୍ସ ଟିମ୍। ସେ ରହୁଥିବା ସ୍ଥାନୀୟ ଦର୍ପଣ ସାଗରପଡ଼ା ଓ ଅନ୍ୟ ଏକ ସ୍ଥାନରେ ଚଢ଼ଉ ଜାରି ରହିଛି। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଆଜିଠୁ ପୌରାଞ୍ଚଳରେ ନାଗରିକ ସମ୍ପର୍କ ଅଭିଯାନ

ଭୁବନେଶ୍ୱର,୮।୬(ସମିସ): ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆରମ୍ଭ ହେବ। ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକ-କୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଜୁନ୍ ୯ରୁ ଜୁନ୍ ୨୧ ପର୍ଯ୍ୟନ୍ତ ଏକ ରାଜ୍ୟବ୍ୟାପୀ ଏହି "ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ' ମୁଖ୍ୟତଃ ସରକାରୀ ଯୋଜନା ଏବଂ ନାଗରିକଙ୍କ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରହିଛି।

ସଚେତନତା ଶୋଭାଯାତ୍ରା, ୱାର୍ଡ ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ, ସମ୍ପ୍ରଦାୟର ସହଭାଗିତା କାର୍ଯ୍ୟକ୍ରମ ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନାଗରିକ-କୈନ୍ଦ୍ରିକ କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ପୌରାଞ୍ଚଳରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ପରିବେଶ ସ୍ଥିରତା ଏବଂ ନାଗରିକ ଦାୟିତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ଆବାସିକ କଲ୍ୟାଣ ସମିତି, ଯୁବ ସଂଗଠନ, ବ୍ୟବସାୟୀ ସଂଘ ଏବଂ ଗୋଷ୍ଠୀ-ଭିତ୍ତିକ ସଂସ୍ଥାଗୁଡ଼ିକର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯିବ, ଯାହା ନାଗରିକ ସହଭାଗିତା ଏବଂ ମିଳିତ ସହରୀ ବିକାଶ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି କରିବ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ପ୍ରଭାବଶାଳୀ ସହରୀ ଶାସନ ପାଇଁ ନାଗରିକଙ୍କ ସହଭାଗିତା ହିଁ ମୂଳଦୁଆ। ଏହି ଅଭିଯାନ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ବ୍ୟାପକ ମଞ୍ଚ ଭାବରେ ପ୍ରସ୍ତୁତ କରାଯାଇଛି। ଏହା ନାଗରିକ ସେବା ଏବଂ ସରକାରୀ ପଦକ୍ଷେପ ବିଷୟରେ ଜନସଚେତନତା ବୃଦ୍ଧି କରିବା ସହ ନିଜ ସହରର ଯତ୍ନ ନେବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବ।

**କେନ୍ଦୁଝରରେ ବାଟବଣା 'ହରିଶ୍ଚନ୍ଦ୍ର' ଯୋଜନା**

# ଅର୍ଥ ଆସୁଛି; ହିତାଧିକାରୀଙ୍କୁ ମିଳୁନି

ହାଟଡ଼ିହୀ, ୮।୫ (ସମିସ): ହାଟଡ଼ିହୀ ବ୍ଲକ୍ ବିଭିନ୍ନ ଗ୍ରାମର ଲୋକେ ଦୀର୍ଘ ଦିନ ହେଲା ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପାଇନଥିବା ନେଇ ଅସନ୍ତୋଷ ଦେଖାଦେଇଛି। ମୃତ ସମ୍ପର୍କୀୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଅସମର୍ଥ ଗରିବ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ବେଳେ ମାସ ମାସ ବିତିଥିଲେ ସୁଦ୍ଧା ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଟଙ୍କା ମିଳି ନଥିବା ଅଭିଯୋଗ ହୋଇଛି।

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଶାଳଣିଆଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଦୀର୍ଘ ମାସ ପରେ ଏହି ସହାୟତା ରାଶି ନ ମିଳିବାରୁ ମୃତକଙ୍କ ସମ୍ପର୍କୀୟମାନେ ବାରମ୍ବାର ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଆଜିକାଲି କହି ସେମାନେ ଦିନ ଗଡ଼ାଇ ଚାଲିଥିବା କୁହାଯାଇଛି। ଅପରପକ୍ଷରେ ହରିଶ୍ଚନ୍ଦ୍ର ସହାୟତା ଯୋଜନାର ସରକାରୀ ୱେବ୍‌ସାଇଟ୍‌ରୁ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ମିଳିଛି। କାହାର ୪ ମାସ ତ କାହାର ୩ ମାସ ପୂର୍ବରୁ ହରିଶ୍ଚନ୍ଦ୍ର ସହାୟତା ରାଶି ଉଠାଯାଇଥିଲେ ମଧ୍ୟ ଏହି ଅର୍ଥ ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ।

ସୂଚନାନୁଯାୟୀ, ଶାଳଣିଆଁ ପଞ୍ଚାୟତରେ ୨୦୨୬ ମସିହା ଜାନୁଆରୀ ୧ ତାରିଖରୁ ଏଯାବତ୍ ୧୩ଜଣ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସରକାରୀ

**ଯୋଜନାର ସୁଫଳ ହାତଉଛନ୍ତି ଅଯୋଗ୍ୟ**

କାଗଜପତ୍ରରେ ଦର୍ଶାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ ସେମାନଙ୍କର ଟଙ୍କା ପ୍ରଦାନ କରାଯାଇନାହିଁ। ଶାଳଣିଆଁ ଗ୍ରାମର କୃଷ୍ଣଚନ୍ଦ୍ର ଶଙ୍ଖୁଆଙ୍କ ମୃତ୍ୟୁ ପରେ ପୁଅ ଅମୂଲ୍ୟ ଶଙ୍ଖୁଆଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୧୫ ଏପ୍ରିଲ୍ ୨୦୨୬ରେ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଦର୍ଶାଇ ଟଙ୍କା ଉଠା ଯାଇଥିଲେ ମଧ୍ୟ ଅମୂଲ୍ୟଙ୍କୁ ଟଙ୍କା ପ୍ରଦାନ କରାଯାଇନାହିଁ। ସେହିପରି, ବିଷ୍ଣୁପୁର ଗ୍ରାମର ସୁଶାନ୍ତ କୁମାର ଯେନାଙ୍କ ଏକମାତ୍ର ପୁତ୍ର ସାଇ ପ୍ରକାଶ ଯେନା (୧୩) ସୁନ୍ଦରପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ବେଳେ ଜଳକଳଙ୍ଗ ଗ୍ରାମରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର୍‌ର ହଷ୍ଟେଲରେ ରହୁଥିଲେ। ୨୦୨୫ ମସିହା ସେପ୍ଟେମ୍ବର ୩୦ ତାରିଖ ହଷ୍ଟେଲ ପାଖରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସୁଶାନ୍ତ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ ହରିଶ୍ଚନ୍ଦ୍ର ସହାୟତା ପାଇଁ ପଞ୍ଚାୟତରେ ଆବେଦନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଅବିଳମ୍ବେ ୩ ହଜାର ଟଙ୍କା ପ୍ରଦାନ କରିବା କଥା, କିନ୍ତୁ ସୁଶାନ୍ତଙ୍କୁ ସହାୟତା ପ୍ରଦାନ କରାଯାଇନାହିଁ। ପରବର୍ତ୍ତୀ ସମୟରେ ୧୫ ଏପ୍ରିଲ୍ ୨୦୨୬ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ଉକ୍ତ ଅର୍ଥ ପ୍ରଦାନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଶାନ୍ତଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି। ଶାଳଣିଆଁ ଗ୍ରାମର ଅଖଜି ଯେନାଙ୍କ ପରିବାରକୁ ମଧ୍ୟ ଏପର୍ଯ୍ୟନ୍ତ ୩ହଜାର ଟଙ୍କା ପ୍ରଦାନ କରାଯାଇନଥିବା ବେଳେ ତାଙ୍କ ନାତି ଚିତ୍ତରଞ୍ଜନ ଯେନାଙ୍କୁ ୨୪ ଫେବ୍ରୁଆରୀ ୨୦୨୬ରେ ହରିଶ୍ଚନ୍ଦ୍ର ଅର୍ଥ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଉକ୍ତ ପଞ୍ଚାୟତର ବ୍ରାହ୍ମଣୀକାଳ ଗ୍ରାମର ପରୀକ୍ଷିତ ସ୍ୱାଇଁଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଟିପୁ ସ୍ୱାଇଁଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ପରୀକ୍ଷିତ ସ୍ୱାଇଁ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ, ତେଣୁ ନିୟମ ଅନୁଯାୟୀ ତାଙ୍କ ସମ୍ପର୍କୀୟ ଏହି ଯୋଜନାରେ ସହାୟତା ପାଇବା ପାଇଁ ଅଯୋଗ୍ୟ। କିନ୍ତୁ, ଜଣେ ଅଯୋଗ୍ୟ ହିତାଧିକାରୀଙ୍କୁ କିଏ ଯୋଗ୍ୟ ଦର୍ଶାଇ ତାଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କଲେ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶଥାଉକି, ୨୦୨୨ ମସିହାରେ ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତର ହରିଶ୍ଚନ୍ଦ୍ର ଅର୍ଥ ହଡ଼ପ ଅଭିଯୋଗରେ ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ନରହରି ନାୟକ ଜେଲ ଯିବା ସହ ଚାକିରିରୁ ନିଲମ୍ବିତ ହୋଇଥିଲେ। ସରପଞ୍ଚ ଓ ଗ୍ରାମ ରୋଜଗାର ସେବକଙ୍କ ବିରୋଧରେ ସୋସୋ ଥାନାରେ ମାମଲା ରୁଜୁ ହୋଇଥିଲା। ତେଣୁ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ହିତାଧିକାରୀଙ୍କୁ ସେମାନଙ୍କ ସହାୟତା ରାଶି ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।



ପ୍ରଥମ ଗ୍ରାଣ୍ଡସ୍ଲାମ୍ ବିଜେତା ଜ୍ୱେରେଭ୍‌ଙ୍କୁ ୩୦.୮୪ କୋଟି

▶ପୃଷ୍ଠା ୧୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-341 ◆TUESDAY ◆9 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୧ ◆ମଙ୍ଗଳବାର ◆୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ପ୍ରଳୟଙ୍କରୀ ଭୂକମ୍ପରେ ଦୋହଲିଲା ଫିଲିପାଇନ୍ସ

## ଭୁଶୁଡ଼ିଲା ବହୁତଳ ପ୍ରାସାଦ; ୩୨ ମୃତ, ୧୩୪ ଆହତ

■ ମାନିଲା, ୮।୬ (ଏଜେନ୍ସି): ଦକ୍ଷିଣ ଫିଲିପାଇନ୍ସରେ ଏକ ଶକ୍ତିଶାଳୀ ଏବଂ ବିନାଶକାରୀ ଭୂକମ୍ପ ଯୋଗୁଁ ୩୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୫୦ରୁ ଅଧିକ ଆହତ ହୋଇଛନ୍ତି । ଭୂକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ମିନ୍ଦାନାଓ ଦ୍ୱୀପପୁଞ୍ଜ ନିକଟରେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ରେକର୍ଡ କରାଯାଇଛି । ଭୂପୃଷ୍ଠରୁ ପ୍ରାୟ ୬୩ କିଲୋମିଟର ଗଭୀରତାରେ ଏହି କମ୍ପନ ସୃଷ୍ଟି ହୋଇଥିବା ବେଳେ ଏହା ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁନାମିର ବଡ଼ ଆଶଙ୍କା ସୃଷ୍ଟି କରିଛି ।

ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି । ବିଭିନ୍ନ ସ୍ଥାନରୁ ଭୟାନକ ଭିଡିଓ ବର୍ତ୍ତମାନ ସାମନାକୁ ଆସିଛି, ଯେଉଁଥିରେ ବଡ଼ ବଡ଼ ଅଟ୍ଟାଳିକାଗୁଡ଼ିକ ଭୁଶୁଡ଼ି ପଡୁଥିବା ଦେଖାଯାଉଛି । ଚାରିଆଡ଼େ ଧୂଳିର ଆସ୍ତରଣରେ ଘୋଡ଼େଇ ହୋଇଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି । ଜେନେରାଲ ସାଣ୍ଟୋସ ସହରର ଆନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଅନେକ କୋଠା ଭାଙ୍ଗି ପଡ଼ିଛି । ଭୂକମ୍ପର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ଡାଭାଓ ସହରରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ଯୋଗୁଁ ହଠାତ୍ ଅନ୍ଧକାର ହୋଇଯାଇଥିଲା ।

ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଶ୍ରେଣୀଗୃହରୁ ଖୋଲା ପଡ଼ିଆ ଆଡ଼କୁ ଦୌଡୁଥିବାର ଦୃଶ୍ୟ ସାମନାକୁ ଆସିଛି । ଭୂକମ୍ପ ଯୋଗୁଁ ସମୁଦ୍ର ମଧ୍ୟରେ ବଡ଼ ବଡ଼ ଜୁଆର ସୃଷ୍ଟି ହୋଇଛି । ଉପକୂଳବର୍ତ୍ତୀ ଅଞ୍ଚଳର ରାସ୍ତାଘାଟ ଏବଂ ଜନବସତି ମଧ୍ୟକୁ ସମୁଦ୍ରର ଲୁଣି ପାଣି ମାଡ଼ିଆସିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି । ▶ପୃଷ୍ଠା-୭



## ବିଶାଖାପାଟଣା ଇସ୍ପାତ କାରଖାନାରେ ଅଘଟଣ

# ତରଳ ଇସ୍ପାତ ପଡ଼ି ୮ ଶ୍ରମିକ ମୃତ

■ ବିଶାଖାପାଟଣା, ୮।୬ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଇସ୍ପାତ କାରଖାନାରେ ସୋମବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । କାରଖାନାର ଏକ ବିଶେଷ ଉତ୍ତାପ କେନ୍ଦ୍ରରେ ଅତ୍ୟଧିକ ଗରମ ଥିବା ତରଳ ଇସ୍ପାତ ଶ୍ରମିକମାନଙ୍କ ଉପରେ ମାଡ଼ିଯିବାରୁ ଅତିକମରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନେକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ତରଳ ଇସ୍ପାତ ନିଆଯାଉଥିବା ଏକ ବିଶାଳ ପାତ୍ର (ଲାଡଲ୍) ହଠାତ୍ ବିସ୍ଫୋରଣ ହେବା ଯୋଗୁଁ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣା ପରେ ସମଗ୍ର କାରଖାନା ପରିସରରେ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଜୀବନ ବଞ୍ଚାଇବା ପାଇଁ ଶ୍ରମିକମାନେ ଏପଟସେପଟ ଦୌଡ଼ିବାକୁ ଲାଗିଥିଲେ । ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ଇସ୍ପାତ କାରଖାନାର ସୁରକ୍ଷା ଓ ବୈଷୟିକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରାଜ୍ୟ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନିତା ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ସ୍ଥାନୀୟ ଜିଲ୍ଲାପାଳ ଏବଂ ପୋଲିସ କମିସନରଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି କ୍ଷୟକ୍ଷତିର



ବିବରଣୀ ନେଇଛନ୍ତି । ଆହତ ଶ୍ରମିକମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଗୃହମନ୍ତ୍ରୀ ନିଜେ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରୁଥିବା ସୂଚନା ମିଳିଛି ।

## ଟିଏମ୍‌ସିରେ ମହାବିଦ୍ରୋହ

# ମମତାଙ୍କୁ ଛାଡ଼ିଲେ ୨୦ ସାଂସଦ

## ଏନ୍‌ଡିଏକୁ ଦେବେ ସମର୍ଥନ; ବାଚସ୍ପତିଙ୍କୁ ଲେଖିଲେ ଚିଠି

■ ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ବିପର୍ଯ୍ୟୟ ପରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏବେ ଦଳ ଭିତରେ ବଡ଼ ଧରଣର ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ବିଧାୟକ ଦଳ ଦୁଇ ଫାଳ ହେବା ପରେ ଏବେ ସଂସଦୀୟ ଦଳରେ ମଧ୍ୟ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି । ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗଦେବା ଲାଗି ମମତା ଆଜି ଦିଲ୍ଲୀ ଆସିଥିବା ବେଳେ ତାଙ୍କ ଦଳର ଅତିକମ୍‌ରେ ୨୦ ଜଣ ଲୋକସଭା ସାଂସଦ ତାଙ୍କୁ ବଡ଼ ଧରଣର ଝଟକା ଦେଇ ଏନ୍‌ଡିଏ ସହିତ ହାତ ମିଳାଇବାକୁ ଘୋଷଣା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ବିଦ୍ରୋହୀ ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ସେମାନଙ୍କୁ ପୃଥକ ଗୋଷ୍ଠୀର ମାନ୍ୟତା ଦେବାଲାଗି ଅନୁରୋଧ କରିଛନ୍ତି ।

ଏକଦା ମମତାଙ୍କ ସବୁଠାରୁ ଘନିଷ୍ଠ ରୂପେ ପରିଚିତ ଲୋକସଭା ସାଂସଦ କାକୋଲି ଘୋଷ ଏହି ବିଦ୍ରୋହର ନେତୃତ୍ୱ ନେଉଛନ୍ତି । ତାଙ୍କ ସହିତ ଅଛନ୍ତି ମମତାଙ୍କ ଅନ୍ୟତମ ଘନିଷ୍ଠ

### ଶୁଭେନ୍ଦୁଙ୍କୁ ଭେଟିଲେ ୧୪ ସାଂସଦ

### ରାଜ୍ୟସଭା, ଟିଏମ୍‌ସିରୁ ଇସ୍ତଫା ଦେଲେ ସୁଖେନ୍ଦୁ ଶେଖର ରାୟ

ଶତାବ୍ଦୀ ରାୟ । କାକୋଲି ଘୋଷ ଆଜି ଏଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ସହିତ ଲୋକସଭାର ଅନ୍ୟ ୨୦ ଜଣ ଟିଏମ୍‌ସି ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ସେମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ଦେବାଲାଗି ଦାବି



କରିଛନ୍ତି । ସେମାନେ କେନ୍ଦ୍ରରେ ଏନଡିଏ ସରକାରକୁ ସମର୍ଥନ ଜଣାଇବେ ବୋଲି କହିଛନ୍ତି । ତାଙ୍କ ଗୋଷ୍ଠୀରେ ଅଛନ୍ତି ଫିଲ୍ମ ତାରକା ସାଂସଦ ସର୍ମିଳା ସରକାର । ତେବେ ସେ ଅନ୍ୟମାନଙ୍କ ନାମ ପ୍ରକାଶ କରି ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ୨୦ ଜଣ ସାଂସଦ ଗତକାଲି ରାତିରେ ବିଜେପି ନେତା ଭୂପେନ୍ଦର ଯାଦବଙ୍କ ଘରେ ଏକାଠି ହୋଇ ତାଙ୍କ ସହିତ ଆଲୋଚନା କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି । ତେବେ ଏହି ବୈଠକ କିମ୍ବା ସାକ୍ଷାତ ଆଲୋଚନା ବେଳେ କଲ୍ୟାଣ ବାନାର୍ଜୀ, ସୌଗତ ରାୟ, ସାୟୋନି ଘୋଷ କିମ୍ବା ମହୁଆ ମୈତ୍ର ଉପସ୍ଥିତ ନଥିବା କୁହାଯାଉଛି ।

ସୂଚନାଯୋଗ୍ୟ ଯେ ଲୋକସଭାରେ ଟିଏମ୍‌ସିର ୨୮ ଜଣ ସାଂସଦ ଥିବା ବେଳେ ରାଜ୍ୟସଭାରେ ୧୩ ଜଣ ସାଂସଦ ▶ପୃଷ୍ଠା-୭

# ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ

■ ଭୁବନେଶ୍ୱର, ୮।୬ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ପ୍ରାକ୍ ମୌସୁମୀ ବର୍ଷା । ବର୍ତ୍ତମାନ ରାଜ୍ୟକୁ ଲଗାତାର ଭାବେ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ କରୁଛି । ଏହି ବାଦଲ ଦ୍ୱାରା ରାଜ୍ୟରେ ବର୍ଷା ହେଉଛି । ସାଧାରଣତଃ ଅନ୍ୟ ସମୟରେ ହେଉଥିବା ବର୍ଷା ବେଳେ ଭୂପୃଷ୍ଠରୁ ସମୁଦ୍ର ଆଡ଼କୁ ବାଦଲ ଚଳନ କରିଥାଏ । କିନ୍ତୁ ମୌସୁମୀ ସମୟରେ ବାଦଲ ସମୂହ ବଙ୍ଗୋପାସଗର ପଟରୁ ଓଡ଼ିଶାମୁହାଁ ହୋଇ ଅନ୍ୟ ରାଜ୍ୟଗୁଡ଼ିକୁ ଯାଇଥାଏ । ଗତ ଦୁଇ ଦିନ ହେବ ରାଜ୍ୟକୁ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶର ମାତ୍ରା ବଢ଼ୁଛି ଓ ଅଧିକାଂଶ ସ୍ଥାନରେ ଏହାଦ୍ୱାରା ବର୍ଷା ହେଉଥିବାରୁ ଏହାକୁ ପ୍ରାକ୍ ମୌସୁମୀ ବର୍ଷା ବୋଲି କୁହାଯାଉଛି । ତେବେ ଲଗାତାର ବର୍ଷା ସତ୍ତ୍ୱେ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଗୁଳୁଗୁଳି ଜାରି ରହିଛି । ଏହା ମଧ୍ୟ ପ୍ରାକ୍ ମୌସୁମୀ ସ୍ଥିତିର ଅନ୍ୟତମ ଲକ୍ଷଣ ଭାବେ ଗଣନା କରାଯାଉଛି ।

ରାଜ୍ୟରେ ପ୍ରାକ-ମୌସୁମୀ ବର୍ଷା ଲାଗି ରହିଥିବା ବେଳେ ଆଗାମୀ ୨-୩ ଦିନ ମଧ୍ୟରେ ଓଡିଶାକୁ ମୌସୁମୀ ଅଗ୍ରସର ପାଇଁ

### ୧୧ରୁ ବଢ଼ିବ ବର୍ଷା

ପାଗ ଅନୁକୂଳ ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ସୋମବାର ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଆହୁରି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବା ବେଳେ ତେଲଙ୍ଗନାର କିଛି ଅଞ୍ଚଳକୁ ମଧ୍ୟ ମୌସୁମୀ ସ୍ପର୍ଶ କରିଛି । ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ । ଦିନରେ ଗୁଳୁଗୁଳି ସହ ଅପରାହ୍ଣ ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବ । ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ । ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ୧୧ ତାରିଖରୁ ବର୍ଷାର ପରିମାଣରେ ମାତ୍ରାଧିକ ବୃଦ୍ଧି ସହ ୧୧ ଓ ୧୨ ତାରିଖରେ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

## ଓଜେଇଇ ପରୀକ୍ଷା ଫଳ

# ୬୨,୬୯୧ ଜଣଙ୍କୁ ର୍‍ୟାଙ୍କ

■ ଭୁବନେଶ୍ୱର, ୮।୬ (ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ସୋମବାର ପ୍ରକାଶ ପାଇଛି । ଚଳିତବର୍ଷ ମୋଟ ୧,୦୩,୪୩୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ପଞ୍ଜିକରଣ କରିଥିବା ବେଳେ ୯୨,୬୨୮ ଜଣ ଅର୍ଥାତ୍ ୮୯.୫୫ ପ୍ରତିଶତ ପିଲା ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୬୨,୬୯୧ଜଣ ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି । ପରୀକ୍ଷାର୍ଥୀମାନେ www.ojee.nic.in ୱେବସାଇଟ୍‌ରୁ ନିଜର ର୍‍ୟାଙ୍କ୍ କାର୍ଡ ଡାଉନଲୋଡ୍ କରିପାରିବେ ।

### ଜୁଲାଇ ତୃତୀୟ ସପ୍ତାହରେ ସ୍ୱତନ୍ତ୍ର ଓଜେଇଇ

ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ବିଫାର୍ମରେ ଶୁଭ୍ରାଂଶୁ ସୁତାର ଟପ୍ପର ହୋଇଥିବାବେଳେ ଡିପ୍ଲୋମା ଲାଟେରାଲ ଏଣ୍ଟ୍ରିରେ ଅରୁଣ କୁମାର ଜେନା, ବିଏସ୍‌ସି ଲାଟେରାଲ ଏଣ୍ଟ୍ରିରେ ସୁରଜ କୁମାର ଝା, ଫାର୍ମ ଲାଟେରାଲ ଏଣ୍ଟ୍ରିରେ ଦେବାଶିଷ ବେହେରା, ଏମ୍‌ବିଏରେ ତ୍ରିବିକ୍ରମ ପ୍ରଧାନ, କମ୍ପ୍ୟୁଟର ସାଇନ୍ସରେ ଏମ୍‌ସିଏ ବା ଏମ୍‌ଏସ୍‌ସି ପାଇଁ ନରେନ ପାତ୍ର, ▶ପୃଷ୍ଠା-୭

## ଗିରିପାଲିରେ ଡବଲ ମର୍ଡର୍

# ଶୋଇଥିବା ମା'-ଝିଅଙ୍କୁ ହାଣିଦେଲା

■ ସମ୍ବଲପୁର, ୮।୬ (ସମିସ): ଘର ଅଗଣାରେ ଶୋଇଥିବା ମା'- ଝିଅଙ୍କୁ ବୀଭତ୍ସ ହତ୍ୟା । ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗିରିପାଲି ଖଡ଼ିଆପଡ଼ାରେ ଘଟିଥିବା ଏହି ଡବଲ୍-ମର୍ଡର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ରବିବାର ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି । ମୃତକଦ୍ୱୟ ହେଲେ, ଉରକୁଳି ପାତ୍ର (୬୦) ଓ ତାଙ୍କ ଝିଅ ଲିଳିମା ଯୁଉଡ଼ା (୩୫) । ରାତି ପ୍ରାୟ ୩ଟା ବେଳେ ଶାସନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ଏହି ଘଟଣାରେ ପୁଲିସ ହତ୍ୟା ମାମଲା ରୁଜୁ କରି ପଡ଼ୋଶୀ ଯୁବକ ଅଜୟ ପଧାନ (୨୪)ଙ୍କୁ ଗିରଫ କରିଛି । ଅଜୟ ଏକ ଟାଙ୍ଗିଆରେ ମା'-ଝିଅଙ୍କୁ ହାଣି ହତ୍ୟା କରିବା ପରେ ଥାନାକୁ ଖବର ଦେଇଥିବା ପୁଲିସ କହିଛି । ତେବେ ହତ୍ୟାର କାରଣ ଜଣାପଡ଼ିନାହିଁ ଏବଂ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି ।

### ଅଭିଯୁକ୍ତ ଗିରଫ



ସୂଚନାନୁଯାୟୀ, ଗତକାଲି ଉରକୁଳିଙ୍କ ପୁଅ, ବୋହୂ ଓ ପରିବାରର ଅନ୍ୟ ସଦସ୍ୟ ବୋହୂଘର ଗାଁରେ ହେଉଥିବା ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ଘରେ କେବଳ ଉରକୁଳି ଓ ତାଙ୍କ ଝିଅ ଲିଳିମା ଥିଲେ । ଭୀଷଣ ଗରମ ଓ ଗୁଳୁଗୁଳି ଯୋଗୁଁ ମା'-ଝିଅ ଘର ବାହାରେ ଅଗଣାରେ ଶୋଇଥିଲେ । ଏହି ସମୟରେ କେହି ▶ପୃଷ୍ଠା-୭

# ନବୀନ ଡାକିଲେ ସାଂଗଠନିକ ବୈଠକ

## ପରାଜିତ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

■ ଭୁବନେଶ୍ୱର, ୮।୬ (ସମିସ): ଆସନ୍ତା ୧୦ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବ ବିଜେଡିର ସାଙ୍ଗଠନିକ ବୈଠକ । ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ବିଜେଡି ନେତାମାନଙ୍କ ସହ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବିଚାରବିମର୍ଶ କରିବେ । ବିଶେଷ ଭାବରେ ସମ୍ପ୍ରତି ରାଜ୍ୟରେ ଆରମ୍ଭ ହୋଇଥିବା ଏସ୍‌ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ଓ ବିଭିନ୍ନ ବ୍ଲକ, ପୌରାଞ୍ଚଳ, ପଞ୍ଚାୟତରେ ସାଙ୍ଗଠନିକ କାର୍ଯ୍ୟକ୍ରମ, ସାମ୍ପ୍ରତିକ ସରକାରର ଜନବିରୋଧୀ ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି । ଏହି ଅବସରରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଳର



ସଭାପତି ନବୀନ ପଟ୍ଟନାୟକ ନିୟମିତ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ନେଇ ସାଙ୍ଗଠନିକ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି । ସେହି କ୍ରମରେ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନର ପ୍ରାର୍ଥୀମାନଙ୍କ ସହ ସାଂଗଠନିକ ବ୍ୟାପାର, ବିଭିନ୍ନ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିବେ ।

## ମୟୂରଭଞ୍ଜରେ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ

# ବଦଳିବ ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର: ମୁଖ୍ୟମନ୍ତ୍ରୀ

■ ବାରିପଦା, ୮।୬ (ସମିସ): ମୟୂରଭଞ୍ଜ ଓ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ପ୍ରକଳ୍ପ ଆଜି ପୂର୍ଣ୍ଣାଙ୍ଗ ରୂପ ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାକୁ ଦିନିକିଆ ଗସ୍ତରେ ଆସି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି । ଏହି ବୃହତ୍ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ



### ୩୯ଟି ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କ୍ଷେତ୍ର ସହ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି ।

ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା, ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ବିଲ୍ଡିଂର ଲୋକାର୍ପଣ । ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଓ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ନିର୍ମିତ ହୋଇଛି । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ▶ପୃଷ୍ଠା-୭

# 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ

ସୋର,୮ ।୬(ସମିସ): ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋର ତହସିଲ ପକ୍ଷରୁ ଆମ ଗାଁରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋପିନାଥପୁର, ମହୁମୁହାଣ ଓ ସିଙ୍ଗାଖୁଣ୍ଟା ପଞ୍ଚାୟତର ଶତାଧିକ ଲୋକେ ନିଜର ସମସ୍ୟାକୁ ଆଣିଥିଲେ । ସମୁଦାୟ ୧୩୩ ଟି ଅଭିଯୋଗ ଆସିଥିବାବେଳେ ସେହିସ୍ଥାନରେ ୧୪ଜଣଙ୍କୁ ନୂତନ ପଟ୍ଟା ବଣ୍ଟନ କରାଯିବା ସହିତ ୧୦ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର, ଡାଟା ଏଣ୍ଟ୍ରି ଅପରେଟର କବିତା ଦାସ ଓ ପ୍ରଦୀପ କୁମାର ଦାସ, ଅମିନ ମୁଧୁସ୍ମିତା ମାଝୀ, ବରିଷ୍ଠ ସହାୟକ ମନୋରଞ୍ଜନ ପରିଡା, ରେକଡ କିପର ଭରତ କୁମାର ମଲିକ, କନିଷ୍ଠ ସହାୟକ ରଞ୍ଜନ କୁମାର ଦାସ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି ।

# ବାଲେଶ୍ୱର ଜିଲ୍ଲାରେ ତୈଳ ସଙ୍କଟ

## ଚିନ୍ତାରେ ଗ୍ରାହକ ଓ ପେଟ୍ରୋଲ ପମ୍ପ ଡିଲର

ବାଲେଶ୍ୱର,୮ ।୬(ସମିସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସିଧା ସଳଖ ଭାରତ ଉପରେ ପ୍ରଭାବ ପକାଇଛି । ଯୁଦ୍ଧଫଳରେ ବିଦେଶରୁ ପେଟ୍ରୋଲ, ଡିଜେଲ ଦେଶରେ ପହଞ୍ଚିନପାରିବାରୁ ଭାରତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ଏହାର ପ୍ରଭାବ ସିଧା ସଳଖ ଭାବେ ଓଡ଼ିଶା ଉପରେ ପଡ଼ିଛି । ଫଳରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ତୈଳ ଶଙ୍କଟ ଉପୁଜିଛି । ଜିଲ୍ଲାରେ ଥିବା ପେଟ୍ରୋଲ, ଡିଜେଲ ପମ୍ପମାନଙ୍କରେ ତୈଳର ଅଭାବ ଦେଖାଦେଇଛି । ଆବଶ୍ୟକ ଅନୁସାରେ ପେଟ୍ରୋଲ, ଡିଜେଲ ବାଲେଶ୍ୱର ଜିଲ୍ଲାରେ ପହଞ୍ଚି ନ ପାରିବାରୁ ବହୁ ପମ୍ପ ବନ୍ଦ ହୋଇଗଲାଣି । ଆହୁରି କିଛି ପମ୍ପ ଖୁବଶୀଘ୍ର ବନ୍ଦ ହେବାର ସମ୍ଭାବନା ଦେଖାଦେଇଛି । ଏହି କାରଣରୁ ଜିଲ୍ଲାରେ ଯେଉଁ କେତୋଟି ପେଟ୍ରୋଲ, ଡିଜେଲ ପମ୍ପ ଚାଲୁରହିଛି, ଡିପୋରୁ ତୈଳ ନଆସିବାରୁ ଏବେ ଡିଲରମାନଙ୍କ ପାଖରେ ଥିବା ତୈଳର ଷ୍ଟକ ଧୀରେ ଧୀରେ କମିକମି ଆସୁଛି । ଯାହାଫଳରେ ଆଉ ଅଳ୍ପଦିନ ମଧ୍ୟରେ ସେମାନଙ୍କ ଠାରେ ମଧ୍ୟ ତୈଳ ସରିଯିବ । ଜିଲ୍ଲାରେ ଏଚ୍‌ପି, ବିପିସିଏଲ ଓ ଆଇଓସିଏଲ ଭଳି କମ୍ପାନୀର ୩ଟି ଡିପୋ ରହିଥିଲା ବେଳେ ୧୧୦ଟିରୁ ଅଧିକ ପେଟ୍ରୋଲ ପମ୍ପ ରହିଛି । ପ୍ରତି ଡିପୋ ରେ ଦୈନିକ ୪ ଲକ୍ଷ ଲିଟର ଡିଜେଲ ଓ ୩ ଲକ୍ଷ ୪୦ ହଜାର ଲିଟର ତୈଳ ସପ୍ଲାଇ ହୋଇଥାଏ । ପେଟ୍ରୋଲ ଡିଲରମାନଙ୍କ କହିବା କଥା ଅନୁସାରେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଜିଲ୍ଲାରେ କଷ୍ଟମାର ସଂଖ୍ୟା ବୃଦ୍ଧି ଘଟିଛି ଓ ତୈଳ ବିକ୍ରୟ ବଢିଛି । ମାତ୍ର ବୃଦ୍ଧି ହୋଇଥିବା କଷ୍ଟମାରମାନଙ୍କ ଅନୁସାରେ ତୈଳ କମ୍ପାନୀମାନେ ଡିଲରମାନଙ୍କୁ ତୈଳ ପ୍ରଦାନ କରୁନାହାନ୍ତି । ଯାହାଫଳରେ ପେଟ୍ରୋଲ, ଡିଜେଲ ପମ୍ପମାନଙ୍କରେ ତୈଳ ଅଭାବ ଦେଖାଯାଇଛି । ଅନ୍ୟପଟେ ଡିପୋ ମାନଙ୍କରୁ ଠିକ୍ ସମୟରେ ତୈଳ ଡିଲର ମାନଙ୍କ ପାଖରେ ପହଞ୍ଚୁନାହିଁ । ଠିକ୍ ସମୟରେ ଳୟ ତୈଳ ଟାଙ୍କିରେ ନପହଞ୍ଚିବା ଫଳରେ ତୈଳ ଅଭାବ ଦେଖାଦେଉଛି । ଫଳରେ ଅଧିକାଂଶ ଟାଙ୍କି ଏବେ ବନ୍ଦ ହୋଇଯାଇଥିବା ବେଳେ ଆଉ କିଛି ଟାଙ୍କି ଖୁବ ଶିଘ୍ର ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଗୋଟିଏ ପଟେ ସରକାର ଦେଶରେ ତୈଳର ଅଭାବ ନଥିବା କହୁଥିଲା ବେଳେ ଅନ୍ୟପଟେ ତୈଳ କମ୍ପାନମାନଙ୍କରୁ ତୈଳ ନଆସିବା ଫଳରେ ଏଭଳି ସମସ୍ୟା ଦେଖାଦେଇଛି । ଏହାକୁ ନଜରକୁ ରଖି ପେଟ୍ରୋଲ, ଡିଜେଲ ଡିଲରମାନଙ୍କ ପକ୍ଷରୁ ଜାରକିନରେ ତୈଳ ଦେବା ଉପରେ କଟକଣା କରାଯାଇଛି । କମ୍ପାନୀ ସେମାନଙ୍କୁ ତୈଳ ନ ଦେବା ଫଳରେ ବାଧ ହୋଇ ସେମାନେ ଡିଲରମାନଙ୍କ ଠାରୁ ସେମାନଙ୍କର ଆବଶ୍ୟକୀୟ ତୈଳକ୍ରୟ କରୁଛନ୍ତି । ଯାହାଫଳରେ ସାଧାରଣ କଷ୍ଟମାରଙ୍କ ପାଇଁ ଏହାର ପ୍ରଭାବ ପଡୁଛି । ସେଥିପାଇଁ ତୈଳ ଡିଲରମାନଙ୍କ ତରଫରୁ ଜାରକିନ ବା ବେରେଲରେ ତୈଳ ନ ଦେବା ଉପରେ କଟକଣା କରାଯାଇଛି । କଣ ପାଇଁ ଏଭଳି ଅଭାବ ଦେଖାଦେଉଛି ତାହାର ଯାଞ୍ଚ କରିବା ପାଇଁ ଯୋଗାଣ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ ଦିଆଯାଇଛି । ଯୋଗାଣ ବିଭାଗ ପକ୍ଷରୁ ଡିଲର ମାନଙ୍କ ଉପରେ କେବଳ ଯାଞ୍ଚ କରାଯାଉଛି । ଫଳରେ ଡିଲରମାନେ ସମସ୍ୟାରେ ସମ୍ମୁଖୀନ ହେବେ । ଯଦି ସରକାରଙ୍କ ପକ୍ଷରୁ ଏହାର ଯାଞ୍ଚ କରାଯିବ, ତାହାହେଲେ କେବଳ ଡିଲରମାନଙ୍କୁ ଯାଞ୍ଚ ନକରି ତୈଳ କମ୍ପାନୀଙ୍କ ଠାରୁ ଡିପୋ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଯାଞ୍ଚ କରାଗଲେ ପ୍ରକୃତରେ କାହାର ଭୂଲ ପାଇଁ ତୈଳ ଅଭାବ ଘଟୁଛି ତାର ପ୍ରକୃତ ତଥ୍ୟ ସରକାର ଜାଣିପାରିବେ । ସେଥିପାଇଁ ଆଜି ବାଲେଶ୍ୱର ପେଟ୍ରୋଲ ଡିଲରର୍ସ ଆସୋସିଏସନ ପକ୍ଷରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ସୁନିଲ ପରୱା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ଆଡଭାଇଜର ମାଧୁର କର୍ମକାର, ଯୁଗ୍ମ ସମ୍ପାଦକ(ସେଣ୍ଟ୍ରାଲ) ସୌମ୍ୟ ରଞ୍ଜନ ବେହେରା ଯାଦବ, ଯୁଗ୍ମ ସମ୍ପାଦକ(ସାଉଥ) ପ୍ରଦୀପ ମହାନ୍ତିଙ୍କ ସମେତ ବହୁ ଡିଲରମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆ ସିଡିଏମ୍‌ଓଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୮ ।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ ଆଣ୍ଡ ପିଏଚଓ) ଭାବେ ଡା. ଦିଲୀପ କୁମାର ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି । କଟକ ଲେପ୍ରୋସି ହୋମ୍ ଓ ହସ୍ପିଟାଲର ଅଧୀକ୍ଷକ ଭାବେ କାର୍ଯ୍ୟରତ ଡା. ଦିଲୀପ କୁମାର ଜେନାଙ୍କୁ ପଦୋନ୍ନତି ଦେଇ ବାଲେଶ୍ୱର ସିଡିଏମ ଆଣ୍ଡ ପିଏଚଓ ଭାବେ ଅବସ୍ଥାପିତ କରାଯାଇଛି । ସେ ସୋମବାରଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ନୂଆ ସିଡିଏମ୍ ଆଣ୍ଡ ପିଏଚଓ ଭାବେ ଡା. ଜେନାଙ୍କ ନିଯୁକ୍ତି ପରେ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ଡା. ଜେନାଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନୂଆ ଦିଗ ଦେବ ବୋଲି ଚର୍ଚ୍ଚା ହେଉଛି ।

# ନିମ୍ନମାନର ରାସ୍ତା କାମକୁ ବିରୋଧ

ବାଲେଶ୍ୱର(ଉତ୍ତର),୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଖରିଦଚକ ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନିର୍ମାଣ ହେଉଥିବା ଏକ ରାସ୍ତା କାର୍ଯ୍ୟକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି । ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହି ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି । ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏଠାକୁ ଆସିବାନ ଯାଏ କାର୍ଯ୍ୟ ଆଉ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ ରାସ୍ତା ଉପରେ ଶୋଇ ପ୍ରତିବାଦ କରିଥିଲେ । ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖରିଦ ଗାଁରେ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ମାଧମରେ



ଉକ୍ତ ଗ୍ରାମର ଏକ ନୂତନ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ମଞ୍ଜୁର ହୋଇଥିଲା । ମାତ୍ର ରାସ୍ତା ନିର୍ମାଣ କରାଯାଉଥିବା କାର୍ଯ୍ୟ ନିମ୍ନମାନର ବୋଲି ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରି କାମ ବନ୍ଦ କରିଥିଲେ । ରାସ୍ତା ନିର୍ମାଣ ବେଳେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଏହାକୁ ବନ୍ଦ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି । ଯେ ପର୍ଯ୍ୟନ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏଠାକୁ ଆସି କାମକୁ ତଦାରଖ ନ କରିଛନ୍ତି ସେ ପର୍ଯ୍ୟନ୍ତ କାମ ହେବ ନାହିଁ ବୋଲି ଜିଦରେ ଅଟଳ ରହି ରାସ୍ତାରେ ଶୋଇ ପଡ଼ି ରାସ୍ତା କାମକୁ ବିରୋଧ କରିଥିଲେ ।

● ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

# ନାଟକ 'କୁହୁଡି' ମଞ୍ଚସ୍ଥ

ବାଲେଶ୍ୱର,୮ ।୬(ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଚାଲିଥିବା ଟନାୟିକା ବାଲେଶ୍ୱର' ର ୨୧ ତମ ପ୍ରତିଷ୍ଠା ଦିବସ ଏବଂ ୯ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବସ୍ତା ବିଧାୟିକା ସୁବାସିନୀ ଜେନା, କାହ୍ନୁ ଚରଣ ଲେଙ୍କା, ସ୍ମୃତି ସୌରଣ ସାହୁ, ଗୋପୀନାଥ ବାରିକ, ପ୍ରଦୀପ ଭୂୟାଁ, ଶୁଭକାନ୍ତ ପାଢ଼ୀ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ନାୟିକା ବାଲେଶ୍ୱର ସମ୍ମାନ ପ୍ରଦୀପ ସ୍ୱାଇଁ, ନାଟ୍ୟକାର ସମ୍ମାନ ଗୋପୀନାଥ ବାରିକଙ୍କୁ ପ୍ରଦାନ କରାଯାଇଥିଲା । 'ନାୟିକା ବାଲେଶ୍ୱର' ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'କୁହୁଡି' ମଞ୍ଚସ୍ଥ ହୋଇଥିଲା । ଏହାକୁ ଗୋପୀନାଥ ବାରିକ ରଚନା କରିଥିବାବେଳେ ଅବକାଶ ମିଶ୍ର ନିର୍ଦ୍ଦେଶନା ଏବଂ ମାନସ ପରିଡା ସଙ୍ଗୀତ ଦେଇଛନ୍ତି । ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ନାଟକ ମଞ୍ଚସ୍ଥ



ହୋଇଥିଲା । ମଞ୍ଚ ରାଜେଶ ମଲିଆ ଓ ମଞ୍ଚ ପରିଚାଳନା ଅମର ମହାନ୍ତି, ରୂପସଜା ବିଜୟ, ମାମା ଚିତ୍ରାଳୟ । ଏହି ସଂସାରଟା ଏକ ମାୟାର କୁହୁଡି, ଆଉ କୁହୁଡି ସେପାଖେ ଅଛି ଛଳନାର ଘର । ଯେଉଁ ଘରେ ବାପା ମା' ଦିନେ ବ୍ରତ ଓପାସ କରି ସନ୍ତାନଟେ ପାଇଥାନ୍ତି, ଦିନ ଆସେ ସେଇ ସନ୍ତାନ ମାନେ ତାଙ୍କୁ ଜରାଶ୍ରମର ରାସ୍ତା ଦେଖାନ୍ତି । ଏଥିରେ ଅଭିନୟ କରିଛନ୍ତି ଗୋବିନ୍ଦ ମହାପାତ୍ର, ଶୁଭକାନ୍ତ ପାଢୀ, ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜେଶ ବଳବନ୍ତରାୟ, ମାନସ ପରିଡା, ରାଜେଶ ମଲିଆ, ସରିତା ପ୍ରଧାନ, ସୌମ୍ୟା ସୁମନ ମହାନ୍ତି, ନେନ୍ସି ନୈନିକା ମିଶ୍ର ପ୍ରମୁଖ ।

## ଡ୍ରେନ୍ ସଫା ପରେ ରାସ୍ତା କଡ଼ରେ ଆବର୍ଜନା

# ଦୁର୍ଗନ୍ଧରେ ଫାଟିପଡୁଛି ନାକ; ନାକେଦମ ପଥଚାରୀ

ବାଲେଶ୍ୱର,୮ ।୬(ସମିସ): ସହରର ମୁଖ୍ୟ ରାସ୍ତାରେ ଡ୍ରେନ୍ ସଫା ହେବା ପରେ ବାହାର କରାଯାଇଥିବା ପଙ୍କ ଓ ଆବର୍ଜନା ରାସ୍ତା କଡ଼ରେ ପଡ଼ି ରହିଛି । ଏମିତିକି କିଛି ଜାଗାର ରାସ୍ତା ଉପରେ ମଧ୍ୟ ପଙ୍କ ପଡ଼ିରହିଛି । କିଛି ଜାଗାରେ ସଫା ହୋଇଥିବା ଏବେବି ବି କିଛି ଜାଗାରେ ପଙ୍କ ଆଉ ଅଳିଆ ଆବର୍ଜନା ପଡ଼ିଛି । ଏହା ଫଳରେ ସ୍ଥାନୀୟ ଲୋକ ଓ ପଥଚାରୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ସହରର ମଠସାହିଠୁ ସେଣ୍ଟ୍ରାଲ ସ୍କୁଲ ଛକ ରାସ୍ତାର ଦୁଇ ପାଖରେ ଦୁଇ ଦିନ ଡ୍ରେନ୍ ସଫେଇ ଚାଲିଛି । ଆଜି ମଧ୍ୟ ଚାଲିଥିଲା । ସହରର ବ୍ୟସ୍ତବହୁଳ ରାସ୍ତାରେ ଏବେ ଡ୍ରେନ୍ ସଫେଇ ପରେ ପଙ୍କ ଆଉ ଆବର୍ଜନା ଜମା ଉପରେ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ବିଶେଷକରି ମଠସାହିଠୁ ଆରମ୍ଭ କରି ସେଣ୍ଟ୍ରାଲ ସ୍କୁଲ ଛକ ପର୍ଯ୍ୟନ୍ତ କିଛି ଦିନ ହେଲା ଡ୍ରେନ୍ ସଫେଇ



ଚାଲିଛି । ନାଳରୁ କଢାଯାଇଥିବା କଳା ପଙ୍କ ଗଦା ଗଦା ହୋଇ ଫୁଟପାଥ ଉପରେ ପଡିଛି । କିଛି ସ୍ଥାନରେ ଏହା ରାସ୍ତା ଉପରକୁ ମଧ୍ୟ ମାଡି ଆସିଛି । ଏଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ପାଖ ଦୋକାନୀ ଓ ଯାତାୟାତକାରୀ ଅତିଷ୍ଠ ହେଲେଣି ।"ସ୍ଥାନୀୟ ବାସିନ୍ଦା କହିଛନ୍ତି, "ଡ୍ରେନ୍ ସଫା ହେଲା ଭଲ କଥା । କିନ୍ତୁ ସଫା କରି ମଇଳା ଏମିତି ରାସ୍ତାରେ ଛାଡିଦେଲେ ରୋଗ ବ୍ୟାପିବ । ମଶା ମାଛି ବଢିବ । ବର୍ଷା ହେଲେ ଏହି ପଙ୍କ ପୁଣି ଡ୍ରେନରେ ପଶିଯିବ । ତାହେଲେ ସଫା କରି ଲାଭ କଣ?' ସ୍ଥାନୀୟ ଦୋକାନୀ କହିଛନ୍ତି, ତିନି ଦିନ ହେଲା ଏମିତି ପଡିଛି । ନା ମ୍ୟୁନିସିପାଲିଟି ଉଠାଉଛି ନା କଣ୍ଟ୍ରାକ୍ଟର । ଗ୍ରାହକ ଦୋକାନକୁ ଆସିବାକୁ ନାକ ଟେକୁଛନ୍ତି' । ଜନସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖୋଲାରେ ପଡିଥିବା ନାଳ ପଙ୍କରୁ ଡାଇରିଆ, ଜଣ୍ଡିସ, ମ୍ୟାଲେରିଆ ପରି ରୋଗ ବ୍ୟାପିବାର ଆଶଙ୍କା ଅଧିକ । ବିଶେଷ କରି ପିଲା ଓ ବୁଢା ଲୋକଙ୍କ ପାଇଁ ଏହା ବିପଦଜନକ । ତେବେ ତୁରନ୍ତ ଏହି ପଙ୍କ ଉଠାଇବା ସହ ଭବିଷ୍ୟତରେ ଡ୍ରେନ୍ ସଫା କରିବାର ୨୪ ଘଣ୍ଟା ମଧ୍ୟରେ ଆବର୍ଜନା ଉଠାଇବାକୁ ନିୟମ କରିବାକୁ ସଚେତନ ନାଗରିକ ଦାବି କରିଛନ୍ତି ।

# ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର,୮ ।୬(ସମିସ): ସଦର ବ୍ଲକ୍ ଅଧୀନ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପୂରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଚଳିତବର୍ଷର ବିଷୟବସ୍ତୁ "ପ୍ରକୃତି ଦ୍ୱାରା ଅନୁପ୍ରାଣିତ - ଜଳବାୟୁ ପାଇଁ - ଆମ ଭବିଷ୍ୟତ" ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ




ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ବିଷୟ ବିଶେଷଜ୍ଞ ଭାବରେ ପ୍ରାକ୍ତନ ଅଧ୍ୟାପକ ବିଜୟ କୁମାର ବେହେରା, ପ୍ରାକ୍ତନ ଡେମୋନେଷ୍ଟ୍ରେଟର ବାସନ୍ତୀ ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା ଦିଗରେ ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା ଓ ହରିନାରାୟଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ବୀଣାପାଣି ଗିରି, ଦୀନେଶ କୁମାର ଜେନା, ଯଜ୍ଞେଶ୍ୱର ଗିରି, ରଶ୍ମିତା ବେହେରା, ରାଜେନ୍ଦ୍ର ଦାସ, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ, ମାନସୀ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରହିମୁନା ଖାତୁନ, ଜୟସ୍ମିତା ପରିଡ଼ା ଓ ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନିରଞ୍ଜନ ମହାଲିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବଉଳ ଚାରା ରୋପଣ କରାଯାଇଥିଲା । ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ୍‌କୁ ଧକ୍କାଦେଇ ବାଇକ୍ ଆରୋହୀ ଗୁରୁତର

ନୀଳଗିରି,୮ ।୬(ସମିସ): ରବିବାର କାଳବୈଶାଖୀର ପ୍ରଭାବ ନୀଳଗିରିରେ ଦେଖିବାକୁ ମିଳିଥିଲା । ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଟିଲା । ଏନେଇ ନୀଳଗିରିରେ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇ ପ୍ରାୟ ରାତ୍ରି ୧୨ଘଟିକା ପର୍ଯ୍ୟନ୍ତ ବିଦ୍ୟୁତସେବା ବିଚ୍ଛିନ୍ନ ହୋଇଥିଲା । ତେବେ ନୀଳଗିରି ମହିଳା ମହାବିଦ୍ୟାଳୟ ପାଖରେ ଅନ୍ଧକାରରେ ଏକ ସିମେଣ୍ଟବୋଝେଇ ଟ୍ରକ ଛିଡ଼ାହୋଇଥିବା ବେଳେ ବରିସାହି ଗ୍ରାମର ଲଳିତ ଜେନା (୪୫)ବୁଲେଟରେ ଘରକୁ ଫେରୁଥିବାବେଳେ ଅନ୍ଧାରରେ ଜାଣିନପାରି ଟ୍ରକ ପଛରେ ଧକ୍କା ଦେଇଥିଲେ । ଧକ୍କା ହେବାଫଳରେ ଲଳିତ ଗୁରୁତର ହୋଇଥିଲେ । ତାଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ।

● ରାଜସ୍ୱ ବିଭାଗର ଚଢ଼ଉ

# ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

ଜଳେଶ୍ୱର,୮।୬(ସମିସ): ଛୁଟିଦିନ ଗୁଡ଼ିକରେ ବାଲି ମାଫିଆମାନେ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି ଉତ୍ତୋଳନ ଓ ଚୋରା ଚାଲାଣ କରିଥାଆନ୍ତି । ଏହାକୁ ନଜର ରଖି ତହସିଲଦାର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱରେ,ସରକାରୀ ଗାଡ଼ି ପରିବର୍ତ୍ତେ ଘରୋଇ ଗାଡିରେ ରାଜସ୍ୱ ବିଭାଗର ଏକ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଶନିବାର ରାତି ୩ଟାରୁ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ଛକି ରହିଥିଲେ । ରବିବାର ସକାଳୁ ହଠାତ୍ ବେଆଇନ ବାଲି ଖାଦାନ ଉପରେ ଅତର୍କିତ ଚଢ଼ଉ ଫଳରେ ବାଲି ଉତ୍ତୋଳନ କରୁଥିବ ୧୦ ଟି ଟ୍ରାକ୍ଟର ଓ ଡ୍ରାଇଭର ଓ ଶ୍ରମିକ ଛତ୍ରଭଙ୍ଗ ଦେଇଥିଲେ । ୨ଟି ଟ୍ରାକ୍ଟର ଟଲି ଛାଡ଼ି ଇଞ୍ଜିନ ନେଇ ପଶ୍ଚିମବଙ୍ଗ ମୁହାଁ ଚମ୍ପଟ ମାରିଥିବା ବେଳେ ଟ୍ରାକ୍ଟର ଗୁଡ଼ିକ ନଦୀ ଗର୍ଭକୁ ପଶିଯାଇଥିଲେ । ଫଳରେ ୫ଟି ଟ୍ରାକ୍ଟର ଓ ୨ଟି ଟଲିକୁ ଜବତ୍ କରିବା ପାଇଁ ଦୀର୍ଘ ସମୟଧରି ଜେସିବିର ସହାୟତା ନିଆଯାଇଥିଲା । ଏହି ଚଢ଼ଉରେ ସୁପରଭାଇଜର ଶରତ ବେହେରା, ଆରଆଇ ରଞ୍ଜନ ପାଣି, ଶିବା ସେନାପତି, ଜଗନ୍ନାଥ ପାତ୍ର, ଦେବଞ୍ଜନ ମହାନ୍ତି, କର୍ମଚାରୀ କିରନ ଘୋଷ, ସଦ୍ଦାମ ସାହ ସାମିଲ୍ ଥିଲେ ।

# ବିଦ୍ୟୁତ ଆଘାତରେ ନାବାଳକ ଗୁରୁତର

ସୋର,୮।୬(ସମିସ): ଅନନ୍ତପୁର ଥାନା ପୁରୁଷୋତ୍ତମପୁର ଗ୍ରାମର ଜଣେ ନାବାଳକ ବିଦ୍ୟୁତ ଆଘାତରେ ଗୁରୁତର ହୋଇଛନ୍ତି । ଏହି ଗ୍ରାମର ମଣିଭଦ୍ର ମଳିକଙ୍କ ବଡ ପୁଅ ସତ୍ୟସୁନ୍ଦର ମଳିକ (୧୦) ଘର ନିକଟରେ ଥିବା ବିଲକୁ ଯାଇଥିଲେ । ଏହି ସମୟରେ ଧାନ ଚାଷ ପାଇଁ ପାଣି ମୋଟରର ବ୍ୟବସ୍ଥା କରାଯାଇଥିବା ବିଦ୍ୟୁତ ତାରଟି ଅଳ୍ପ ଉଚ୍ଚରେ ଝୁଲୁଥିବାରୁ ସତ୍ୟସୁନ୍ଦର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ବିଦ୍ୟୁତ ବିଭାଗକୁ ତାରର ଉଚ୍ଚତା ବଢାଇବାକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇନଥିଲା । ଫଳରେ ଏପରି ସମସ୍ୟା ଉପୁଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ପୁସ୍ତକ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ' ଉନ୍ମୋଚିତ



ବାଲେଶ୍ୱର,୮ ।୬(ସମିସ): ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଡ. ବେହେରାଙ୍କ ସଦ୍ୟଲିଖିତ ଏବଂ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏକ ନୂତନ ଗ୍ରନ୍ଥ "ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ'ର ଉନ୍ମୋଚନ ପରିଷଦର କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଲେଖକ ତଥା କୃଷି ବିଜ୍ଞାନୀ ଡ. କେଶବ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥକୁ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ଅରବିନ୍ଦ ଗିରି ପୁସ୍ତକ ଅନ୍ତର୍ଗତ ତଥ୍ୟ ଓ ତତ୍ତ୍ୱଧର୍ମୀ ୧୩ଟି ମୌଳିକ ପ୍ରବନ୍ଧର ଆଲୋଚନା କରି ଏହି ଗ୍ରନ୍ଥ ସମସ୍ତଙ୍କ ସୁଖପାଠ୍ୟ ଓ ସଂଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ତଥା "ଧ୍ୱନି ପ୍ରତଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଡ. ବେହେରାଙ୍କ ଦୀର୍ଘ ଜୀବନର ସୃଷ୍ଟିର ମହନୀୟତାକୁ ବର୍ଣ୍ଣନା କରିଥିଲେ । ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ପୁସ୍ତକର ପ୍ରକାଶଭାବେ ସୂଚନା ପ୍ରଦାନ କରିବା ସହ ଉତ୍ସବକୁ ସଞ୍ଚାଳନ କରିଥିଲେ । ଟ୍ରଷ୍ଟ ଅଧ୍ୟକ୍ଷ ତଥା ଗ୍ରନ୍ଥ ରଚୟିତା ଡ. ରମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ଡ. ସୁବର୍ଣ୍ଣ କେଶରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ଟ୍ରଷ୍ଟି ଡା. ମଧୁସୂଦନ ଜେନା, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ଅନ୍ନପୂର୍ଣ୍ଣା ଜେନା, ଅନସୂୟା ପ୍ରଧାନ, ଡ. ଅର୍ଚ୍ଚନା ସାମଲଙ୍କ ସମେତ ଡ. ଭାଗବତ ପ୍ରସାଦ ଦାସ, ପ୍ରୀତିଲେଖା ପାତ୍ର, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ରଂଜିତ କୁମାର ଦେ ପ୍ରମୁଖ ଯୋଗଦାନ କରିଥିଲେ ।

# ଧମକାଇ ଟଙ୍କା ଆଦାୟ ଅଭିଯୋଗ

ବାଲେଶ୍ୱର,୮ ।୬(ସମିସ): ବାଲେଶ୍ୱର ନେଳିଆବାଗ ଅଞ୍ଚଳର ଜଣେ ଯୁବକଙ୍କ ଠାରୁ କିଛି ଯୁବକ ଧମକାଇ ଟଙ୍କା ଆଦାୟ କରିଥିବାର ଟାଉନ ଥାନାରେ ଅଭିଯୋଗ ହୋଇଛି । ଏଭଳି ଧମକରେ ଶିକାର ହୋଇଥିବା ଯୁବକ ଜଣ ହେଲେ ନେଳିଆବାଗର ଜଳେନ୍ଦ୍ର ସାହୁଙ୍କ ପୁଅ ସ୍ୱସ୍ତିକ କୁମାର ସାହୁ । ସୂଚନା ଅନୁସାରେ, ଗତ ୩ ତାରିଖ ଦିନ ସ୍ୱସ୍ତିକ ଚିଡିଆପୋଲଠାରୁ ନିଜର ଘରକୁ ଫେରୁଥିଲା ବେଳେ କିଛି ଯୁବକ ତାଙ୍କୁ ଅଟକାଇ ଧମକଚମକ ଦେଇ ତାଙ୍କ ଠାରୁ ୭ଶହ ଟଙ୍କା ଜୋର ଜବରଦସ୍ତି ନେଇଯାଇଥି ଥିଲେ । ତା ପରଦିନ ସଂଧ୍ୟାରେ ସେହି ଯୁବକମାନେ ସ୍ୱସ୍ତିକଙ୍କୁ ଫୋନ୍ କରି ଡାକିଥିଲେ । ସେହିଦିନ ସ୍ୱସ୍ତିକର ଜଣେ ସାଙ୍ଗ ନେଳିଆବାଗକୁ ଆସିଥିଲେ । ସ୍ୱସ୍ତିକଙ୍କ ସହ ତାଙ୍କ ସାଙ୍ଗଙ୍କୁ ମଧ୍ୟ ସେହି ଯୁବକମାନେ ମାରଣାସ୍ତ୍ର ରଣାସ୍ତ୍ର ଦେଖାଇ ଧମକ ଚମକ ଦେବା ସହ ସ୍ୱସ୍ତିକୁ ଜୋର କରି ଉଠାଇ ନେଇଥିଲେ । ସେମାନେ ସ୍ୱସ୍ତିକଙ୍କୁ ଚୂନଭାଟି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ନିକଟକୁ ନେଇଯାଇ ସେଠାରେ ଅନଲାଇନ ମାଧ୍ୟମରେ ୧୯ଶହ ଟଙ୍କା ଜୋର ଜବରଦସ୍ତ ନେଇଯାଇଥିଲେ । ପୁଣି ଶନିବାର ସେହି ଯୁବକମାନେ ସ୍ୱସ୍ତିକଙ୍କୁ ଧମକ ଦେଇ ଦେଇ ଡାକିଥିଲେ । ମାତ୍ର ସ୍ୱସ୍ତିକ ଭୟରେ ଯାଇନଥିଲେ । ଏନେଇ ସ୍ୱସ୍ତିକଙ୍କ ବାପା ଜଳେନ୍ଦ୍ର ସାହୁ ଟାଉନଥା ନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଟାଉନଥାନା ଥାନା ପକ୍ଷରୁ ଏନେଇ ଅନୁସନ୍ଧ ଜାରି ରହିଛି ।

## ୨୪ ଘଣ୍ଟା ଭିତରେ ଜଳିଲା ଷ୍ଟ୍ରିଟ୍ ଲାଇଟ୍

# ଖବର ପ୍ରକାଶ ପରେ ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ

ବାଲେଶ୍ୱର,୮ ।୬(ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଷ୍ଟ୍ରିଟ୍ ଲାଇଟ୍, ବିପଦଜନକ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ଏବଂ ସୁରକ୍ଷା ବ୍ୟବସ୍ଥାର ଅବ୍ୟବସ୍ଥାକୁ ନେଇ 'ସକାଳ'ରେ ପ୍ରକାଶିତ ଖବରପରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି । ଖବର ପ୍ରକାଶ ପାଇବାର ମାତ୍ର ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାଳୟ ପରିସରର ଅଧିକାଂଶ ଅଚଳ ଷ୍ଟ୍ରିଟ୍ ଲାଇଟ୍‌କୁ ମରାମତି କରାଯାଇ ପୁଣିଥରେ ଚାଲୁ କରାଯାଇଥିବାର ଦେଖିବାକୁ ମିଳିଛି । ଖବର ଅନୁସାରେ ଯେଉଁଠାରୁ ସମଗ୍ର ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ନିୟନ୍ତ୍ରିତ ହୁଏ, ଯେଉଁଠାରୁ ଉନ୍ନୟନ, ଆଇନଶୃଙ୍ଖଳା ଓ ସରକାରୀ କାର୍ଯ୍ୟକ୍ରମର ତଦାରଖ କରାଯାଏ, ସେହି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବେ ଅବ୍ୟବସ୍ଥା, ଅବହେଳା ଓ ସୁରକ୍ଷାହୀନତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା । ଦିନରେ ସରକାରୀ ଗାଡ଼ି, ଅଧିକାରୀ ଓ ଜନସାଧାରଣଙ୍କ ଗହଳିରେ ରହୁଥିବା ବେଳେ ଗତ କିଛି ମାସ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସନ୍ଧ୍ୟା ହେଲେ ଅନ୍ଧକାରରେ ବୁଡ଼ି ରହୁଥିଲା । ଫଳରେ ଆସାମାଜିକ ବ୍ୟକ୍ତିଙ୍କ ଆଡ୍ଡା, ନିଶାସେବନ ଓ ସନ୍ଦେହଜନକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ଉଠିଥିଲା । ସେହିପରି କାଳବୈଶାଖୀ ପରେ ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବା ଗଛ ଡାଳ ମଧ୍ୟ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥିଲା । ଏହି ସମସ୍ୟାକୁ ନେଇ ଗତ ୭ ତାରିଖ ରବିବାର ଦିନ "ସକାଳ" ଖବର କାଗଜରେ 'ଅନ୍ଧାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜଳୁନି ଷ୍ଟ୍ରିଟ ଲାଇଟ, ଜମୁଛି ଆସାମାଜିକଙ୍କ ଆଡ୍ଡା' ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଖବରପ୍ରକାଶ ପାଇବାର ୨୪ ଘଣ୍ଟା ମଧ୍ୟରେ ଅଚଳ ଲାଇଟ୍‌ଗୁଡ଼ିକର ମରାମତି କାମ ସମ୍ପନ୍ନ ହୋଇଥିବା ବେଳେ ଆଜି କାର୍ଯ୍ୟାଳୟ ପରିସରରେ ଆଲୋକୀକରଣ ବ୍ୟବସ୍ଥା ସ୍ୱାଭାବିକ ହୋଇଛି । ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପୁଣିଥରେ ଆଲୋକିତ ହୋଇଛି ଏବଂ ସୁରକ୍ଷା ନେଇ ଉଠିଥିବା ଆଶଙ୍କା କିଛି ମାତ୍ରାରେ ଦୂର ହୋଇଛି । ତେବେ କେବଳ ଷ୍ଟ୍ରିଟ୍ ଲାଇଟ୍ ଜଳାଇଦେଲେ ସମସ୍ୟାର ସ୍ଥାୟୀ ସମାଧାନ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବା ଗଛ ଡାଳ ହଟାଇବା, ନିୟମିତ ରକ୍ଷଣାବେକ୍ଷଣ, ସିସିଟିଭିର ବ୍ୟବସ୍ଥା ଏବଂ ସୁରକ୍ଷା ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବା ଦରକାର ବୋଲି ଦାବି ହେଉଛି ।

## ଟ୍ରକ୍ ପଛରେ ଟ୍ରକ୍ ଧକ୍କା; ୨ ଗୁରୁତର

**ପାଣିକୋଇଲି, ୮।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗରଠାରେ ସୋମବାର ଟ୍ରକ୍ ପଛରେ ଟ୍ରକ୍ ଧକ୍କା ହେବା ଫଳରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ପ୍ରକାଶଯେ ରାୟପୁରରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ (ସିଜି ୪ପି କିୟୁ ୧୪୨୩) ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥର ବ୍ରଜନଗରଠାରେ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ ବ୍ରେକ୍ ମାରିଦେବାରୁ ସିମେଣ୍ଟ ବୋଝେଇ ଟ୍ରକ୍ଟି ଭାରସାମ୍ୟ ହରାଇ ତା ପଛରେ ଧକ୍କା ଖାଇଥିଲା। ଫଳରେ ଚାଳକ ବିହାର ଔରାଙ୍ଗବାଦର ଅବିନାଶ ପାଣ୍ଡେ ଓ ଖଲାସୀ ବିପିନ ପାଣ୍ଡେ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି। ଦୁର୍ଘଟଣା ପରେ ଆଗ ଟ୍ରକଟି ପଳାଇଯାଇଥିବା ବେଳେ ସିମେଣ୍ଟ ଟ୍ରକକୁ ପୁଲିସ ଜବତ କରି ତଦନ୍ତ ଜାରିରଖିଛି।

### ଯାଜପୁରରେ ଚାଲିଛି ଏସ୍ଆଇଆର୍ ଫର୍ମ ବଣ୍ଟନ

## ଶହେ ପ୍ରତିଶତ ଫର୍ମ ବଣ୍ଟନ ପାଇଁ ବିଏଲ୍ଓ ସମ୍ବର୍ଦ୍ଧିତ



**ଯାଜପୁର, ୮।୬(ସମିସ)**

ଯାଜପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଆଜି ଧର୍ମଶାଳା ବ୍ଲକ ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୮୪ର ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ବିଏଲଓ ସ୍ମୃତି ରଞ୍ଜନ ସାହାଣୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ୍ ୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୧, ୪୯, ୬୩୩ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏଥିରେ ୭୪.୭୯ ପ୍ରତିଶତ ମତଦାତା ବର୍ତ୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହାସହ ୪୯, ୬୩୯ଟି ଫର୍ମ ଡିଜିଟାଇଜ କରାଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୯୯ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଛି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବର୍ତ୍ତମାନ ସୁଦ୍ଧା ବିଞ୍ଝାରପୁରରେ ୧୮୩୧୩୪, ବରୀରେ ୧୭୪୧୨୪, ବଡ଼ଚଣାରେ ୧୯୦୧୨୩, ଧର୍ମଶାଳାରେ ୧୭୦୦୩୫, ଯାଜପୁରରେ ୧୬୫୮୭୫, କୋରେଇରେ ୧୩୯୭୩୦, ସୁକିନ୍ଦାରେ ୧୨୬୬୧୨ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ସାମ୍ନାରୁ ବାଇକ୍ ଚୋରି

**ବଡ଼ଚଣା, ୮।୬(ସମିସ):** ଚଣ୍ଡିଖୋଲ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ସାମ୍ନାରୁ ଏକ ବାଇକ୍ ଚୋରୀ ହୋଇଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବୈରୀ ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମର ଶେଷଦେବ ସାହୁ ନିଜ ହିରୋ ସ୍ପ୍ଲେଣ୍ଡର ନମ୍ବର ବାଇକ୍ ଟିକୁ ବ୍ୟାଙ୍କ୍ ଆଗରେ ରଖି ବ୍ୟାଙ୍କ୍ ଭିତରକୁ ନିଜ କାମସାରି ଫେରିଲା ବେଳକୁ ଚୋରି ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ଗାଡିଟି ନ ମିଳିବାରୁ ଶେଷଦେବ ବଡଚଣା ଥାନାରେ ଅଭିଯୋଗ କରିଥିଲେ। ବଡଚଣା ପୁଲିସ୍ କେସ ନମ୍ବର୍ ୧୯୭/୨୬ରେ କେସ ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଛି।

## ରଜ ରାଜକୁମାରୀ ପାଇଁ ବ୍ୟାପକ ପ୍ରସ୍ତୁତି

**ଯାଜପୁର, ୮।୬(ସମିସ):** ଓଡ଼ିଆ ସିନେମା, ଅପେରା ଓ ସିରିଏଲ୍ ଜଗତକୁ ବହୁ କଳାକାର ଭେଟି ଦେଇଥିବା ଯାଜପୁର ଟାଉନ୍‌ର ପ୍ରତିଷ୍ଠିତ ପୁରାତନ କଳାନୁଷ୍ଠାନ ଜ୍ୟାକସନ ଡାନ୍ସ ସ୍କୁଲ ଓ ଗ୍ରୁପ ଆସନ୍ତା ରଜ ପର୍ବ ଅବ୍ୟବହିତ ପୂର୍ବରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କୁ ଭେଟି ଦେବାକୁ ଯାଉଛି। ଏହି ଉପଲକ୍ଷେ ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ୱାଜିଦ୍ ଅଲ୍ଲୀ ଆସନ୍ତା ୧୨ ତାରିଖ ଶୁକ୍ରବାର ସନ୍ଧ୍ୟା ୫ ଟାରୁ ରାତି ୧୦ ଟା ଯାଏଁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି।

## ସତ୍ୟସାଇବାବାଙ୍କ ଭକ୍ତ ସମ୍ମିଳନୀ

**ବ୍ରହ୍ମବରଦା, ୮।୬(ସମିସ):** ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ସାହାପଡ଼ା ଗ୍ରାମରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ଓଁକାର, ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସକାଳ ୬ଟାରେ ବେଦପାଠ, ସାଇ ପ୍ରେମବାହିନୀ, ଜ୍ଞାନଯଜ୍ଞ, ଭଜନ ଓ ଧର୍ମୀୟ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ଜ୍ୟୋତି ଆବାହନ, ବେଦପାଠ, ପ୍ରଶାନ୍ତି ପତାକା ପୂଜନ ଓ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଦୁର୍ଯ୍ୟୋଧନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅଜିତ କୁମାର ବାରିକ, ମନୋଜ କୁମାର ସାମଲ, ମମତା ସାମଲ, ସାରଦା ପ୍ରସାଦ ମହାନ୍ତି ଓ ଦୁର୍ଗାଚରଣ ଅମାତ ଅତିଥି ଭାବେ ଯୋଗଦେଇ ଶ୍ରୀସତ୍ୟସାଇ ବାବାଙ୍କ ପ୍ରେମ, ସତ୍ୟ, ଧର୍ମ, ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶ୍ରୀ ସତ୍ୟସାଇଙ୍କ ନବବିଧ ଆଚରଣ ଓ ମାନବ ସେବାର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅପରାହ୍ନରେ 'ଶ୍ରୀସତ୍ୟସାଇ ଦିବ୍ୟ କଥା' ଭିତ୍ତିକ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରୁଣେଶ୍ୱର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ



**ବିଞ୍ଝାରପୁର, ୮।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତସ୍ଥିତ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ନୂତନ ପ୍ରଧାନ ଶିକ୍ଷକ ଭାବେ ଅନାଦି ଚରଣ ଯେନା ଯୋଗଦାନ କରିଛନ୍ତି। ଏହି ଅବସରରେ ଅରେଇ, ଘଣ୍ଟିଆଳି, ଚିକଣା ଓ ଗୁହାଳି ପଞ୍ଚାୟତର ବହୁ ଗ୍ରାମବାସୀ ବିଦ୍ୟାଳୟରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ' ୨୯ ତାରିଖରେ ଅନାଦି ଚରଣ ଯେନା ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିବାକୁ ଆସିଥିବା ବେଳେ କେତେକ ଗ୍ରାମବାସୀ ତାଙ୍କ ଯୋଗଦାନକୁ ବିରୋଧ କରିଥିଲେ। ଫଳରେ ସେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିପାରିନଥିଲେ ଏବଂ ବାଧ୍ୟ ହୋଇ ଫେରିଯାଇଥିଲେ। ତେବେ କିଛି ଦିନର ବ୍ୟବଧାନ ପରେ ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଏବଂ ସୁପରିଚାଳନାକୁ ଦୃଷ୍ଟିରେ ରଖି ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଫଳାଫଳ ଆଶାନୁରୂପ ନ ହେବା ସହିତ ଦୀର୍ଘଦିନ ଧରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଥିବାରୁ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କ ଆବଶ୍ୟକତା ଅନୁଭବ କରାଯାଇଥିଲା। ଏହାପରେ ଅଞ୍ଚଳବାସୀ ନୂତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଯେନାଙ୍କୁ ସ୍ୱାଗତ ଜଣାଇ ବିଦ୍ୟାଳୟରେ ଯୋଗଦାନ କରାଇଥିଲେ। ନୂତନ ପ୍ରଧାନ ଶିକ୍ଷକ କହିଛନ୍ତି ଯେ, ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷାର ମାନ ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## ବିରଜା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ସମ୍ମାନ



**ଯାଜପୁର, ୮।୬(ସମିସ):** ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯାଜପୁରର ପୁରାତନ ଶିକ୍ଷାନୁଷ୍ଠାନ ପିଏମ୍ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍‌ର ଦାୟିତ୍ୱପ୍ରାପ୍ତ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଅମୀୟ କୁମାର ସ୍ୱାଇଁଙ୍କ ଦୀର୍ଘଦିନର ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କୁ ମାନପତ୍ର ସହିତ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକ କହିଥିଲେ ଯେ, ଏହି ପୁରସ୍କାର ରାଶିକୁ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ଦିଗରେ ବିନିଯୋଗ କରାଯିବ।

### ରାସ୍ତା ପ୍ରଶସ୍ତୀକରଣ କାମରେ ଅବହେଳା

## ଖୋଲାପଡ଼ିଛି ରାସ୍ତା ପାର୍ଶ୍ୱ, ବଢୁଛି ଦୁର୍ଘଟଣା



**ଧର୍ମଶାଳା, ୮।୬(ସମିସ):** ଧର୍ମଶାଳା ବ୍ଲକ କାଏମା ଠାରୁ ରମାପୁର ସଂଯୋଗ କରୁଥିବା କେଲୁଅ ନଦୀ ବନ୍ଧର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତାର ଗୋଟିଏ ପାର୍ଶ୍ୱ ଖୋଲା ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ ସ୍ଥଳରେ କୌଣସି ସତର୍କତା ସୂଚନା ବୋର୍ଡ, ବ୍ୟାରିକେଡ୍ କିମ୍ବା ରିଫ୍ଲେକ୍ଟର ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ। ଗୋକର୍ଣ୍ଣେଶ୍ୱରଠାରୁ ରମାପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଥମ ଦଫାରେ ୪୮ କୋଟି ଟଙ୍କାର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଠିକାଦାର ନଦୀ ବନ୍ଧର ପ୍ରଶସ୍ତୀକରଣ ପାଇଁ ବିଭିନ୍ନ ସ୍ଥାନରେ ବନ୍ଧ ଖୋଳିଦିଆଯାଇଛି। ହେଲେ ସେଠାରେ ବଡ଼ ବଡ଼ ଗର୍ତ୍ତମାନ ହୋଇଥିବା ବେଳେ ଠିକାଦର ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ କୌଣସି ସଙ୍କେତ ନଲଗାଇବା ଯୋଗୁଁ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ବାଟୋଇମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବିଶେଷ ଭାବରେ ରାତି ସମୟରେ ବାଇକ୍ ଆରୋହୀ ମାନେ ବିପଦ ସମ୍ମୁଖୀନ ହେଉଛନ୍ତି। ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାତ୍ରି ସମୟରେ ଏହି ଖୋଲା ଅଂଶ ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ରହିଛି। ରାସ୍ତା ପ୍ରଶସ୍ତିକରଣ କାମ ନିୟମ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ କରାଯିବା ନିୟମ ଥିଲେ ମଧ୍ୟ ତାହାର ପାଳନ ହେଉନଥିବା ଦେଖାଯାଉଛି। ସ୍ଥାନୀୟ ବାସିନ୍ଦାମାନେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ଦାବି କରିଛନ୍ତି।

## ଭତ୍ତା ବଣ୍ଟନ ସଭାସ୍ଥଳକୁ ଆସିଲେନି ବିଡିଓ



**ବିଞ୍ଝାରପୁର, ୮।୬(ସମିସ):** ବିଞ୍ଝାରପୁର ବ୍ଲକର ୨୭ଟି ପଞ୍ଚାୟତର ନୂତନ ଭାବେ ଚୟନ ହୋଇଥିବା ୨୬୭ ଜଣ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ପ୍ରଦାନ କରାଯାଇଛି। କପିଳା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗ୍ରାମ ମୁରବି ବାବାଜୀଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମିଳା ମଲ୍ଲିକ ଯୋଗଦେଇ ହିତାଧିକାରୀମାନଙ୍କ ହାତରେ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠୀ ଓ ସମିତିସଭ୍ୟା ଆରତୀ ମଲ୍ଲିକ ଉପସ୍ଥିତ ଥିଲେ। ତେବେ ଭତ୍ତା ବଣ୍ଟନ ଉତ୍ସବ ପାଇଁ ବିଞ୍ଝାରପୁର ବିଡିଓ ଛବିରାଣୀ ସାହୁ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନଙ୍କୁ ଚିଠି ମାଧ୍ୟମରେ ଆମନ୍ତ୍ରଣ କରିଥିଲେ। କିନ୍ତୁ କାର୍ଯ୍ୟକ୍ରମ ଦିନ ସେ ନିଜେ ଅନୁପସ୍ଥିତ ରହିଥିବା ବେଳେ ବ୍ଲକ ସମାଜମଙ୍ଗଳ ଅଧିକାରୀ ମଧ୍ୟ ସଭାସ୍ଥଳରେ ଉପସ୍ଥିତ ନଥିଲେ। ଏହାକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରକାର ଆଲୋଚନା ଓ ଚର୍ଚ୍ଚା ଆରମ୍ଭ ହୋଇଛି।

## ଛତିଶଦେବିଲରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ



**ଯାଜପୁର, ୮।୬(ସମିସ):** ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତରେ ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ଆଜି ପୂରଣ ହୋଇଛି। ପଞ୍ଚାୟତକୁ ଗଡ଼ିଛି ମୁଖ୍ୟମନ୍ତ୍ରୀ ବସ୍। ଆଜି ସକାଳୁ ରକ୍ଷିପୁର ଗ୍ରାମର ମା' ଧବଳାଇଙ୍କ ନିକଟରୁ ଏହି ବସ୍‌କୁ ପୂଜାର୍ଚ୍ଚନା କରି ନଡ଼ିଆ ପିଟି କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପରେ ବସ୍‌ଟି ଯାଜପୁର ଟାଉନକୁ ବାହାରି, ବରୁଆଛକ, ତାରିଣୀ ଛକ, ରକ୍ଷିପୁର, ଦେବିଲ ଦେଇ ଏବେ ମହମ୍ମଦଜମାପୁର ଘାଟକୁଳ ପର୍ଯ୍ୟନ୍ତ ଆସୁଥିବା ବେଳେ ଆଗାମୀ ଦିନରେ ରାୟପୁର ପଡ଼ିଆ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ କୁଳମଣି ବିଶ୍ୱାଳ, ଗୋପାଳ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୂର୍ଣ୍ଣେନ୍ଦୁ ବିଶ୍ୱାଳ, ବୈଲୋଚନ ବିଶ୍ୱାଳ, ପ୍ରେମାନନ୍ଦ ବିଶ୍ୱାଳ, ଦେବ ପ୍ରତିମ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ମାଧବା ନନ୍ଦ ବିଶ୍ୱାଳ, କାମଦେବ ବିଶ୍ୱାଳ, ବିଶ୍ୱଭୂଷଣ ଜେନା, ବାବନ ଚରଣ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ବିଶ୍ୱ ରଞ୍ଜନ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ସତ୍ୟାନନ୍ଦ ବିଶ୍ୱାଳ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମବରଦା, ୮।୬(ସମିସ):** ଯାଜପୁର ବ୍ଲକ ଖଲପଡ଼ା ପଞ୍ଚାୟତ କାକୁଡିକୁଦ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଏବଂ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଆଜି ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଲେଙ୍କାଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅଶୋକ, କାମିନୀ, ବଉଳ ଓ ଝାଉଁ ଭଳି ବିଭିନ୍ନ ପୁଷ୍ପଜାତୀୟ ଓ ଶୋଭାବର୍ଦ୍ଧକ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଜିତେନ୍ଦ୍ର କୁମାର ଓଝା ଓ କ୍ରୀଡ଼ା ଶିକ୍ଷକ ବଳଭଦ୍ର ସାହୁ ସକ୍ରିୟ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ନିରଞ୍ଜନ ସାହୁ, ବଳରାମ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରମାକାନ୍ତ ଜେନା, ପ୍ରମୋଦ କୁମାର ସାହୁ, ଦିଲ୍ଲୀପ କୁମାର ଜେନା, ମୃତ୍ୟୁଞ୍ଜୟ ପତି, ରମେଶ ଚନ୍ଦ୍ର ଜେନା, ପ୍ରିୟନାଥ ରାଉତ, ନିରଞ୍ଜନ ଗନ୍ତାୟତ, ପ୍ରିୟବ୍ରତ ଗନ୍ତାୟତ ଏବଂ ରାଜେଶ କୁମାର ଜେନା ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ସହ ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ।

## ହୃଦ୍‌ଘାତରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ପରଲୋକ



**ବ୍ରହ୍ମବରଦା, ୮।୬(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ୯ ନମ୍ବର ୱାର୍ଡ ଦଳିତସାହିର ବାସିନ୍ଦା, ପୂର୍ବତନ ଜନପ୍ରତିନିଧି ତଥା ସମାଜସେବୀ ବିଜୟ କୁମାର ଦାସ (୫୪)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବ୍ରହ୍ମବରଦା ସମେତ ସମଗ୍ର ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଶ୍ରୀ ଦାସ ଖାଇସାରି ବିଶ୍ରାମ ନେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୩୬ ନମ୍ବର ଜୋନରୁ କଂଗ୍ରେସ ଦଳରୁ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ମହେଶ୍ୱରପୁର ପଞ୍ଚାୟତର ସମିତିସଭ୍ୟ ଏବଂ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବ୍ରହ୍ମବରଦା ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ବିଜେପି ନେତା ଉମେଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ, ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର ବହୁ କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆଜି ସକାଳେ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର ସମେତ ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯାଇଥିବା ବେଳେ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ବିପ୍ଳବ ରୋଶନ ଦାସ ମୁଖାଗ୍ନି ଦେଇଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ



**ବଡ଼ଚଣା, ୮।୬(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ବିଶିଷ୍ଟ ଶିକ୍ଷକ ନେତା, ଶିକ୍ଷାବିତ୍ ଧନଞ୍ଜୟ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନାୟକ ନାୟକ (୮୩)ଙ୍କ ଆଜି ନିଜ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ। ନିଜର ୩୫ ବର୍ଷ ଶିକ୍ଷକତା ବୃତ୍ତିରେ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର, ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକୃତିମିତ୍ର ପୁରସ୍କାର ଗ୍ରହଣ କରିବା ସହିତ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି, ବଡ଼ଚଣା ମହୋତ୍ସବ କମିଟିର ସଭାପତି ସହିତ ବଡ଼ଚଣା ଅଞ୍ଚଳର ବହୁ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ବଡଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଷଚନ୍ଦ୍ର ନନ୍ଦ, ହୋଲି ଜେଶସ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକ, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି, ଧାନମଣ୍ଡଳ ଗ୍ରାମପଞ୍ଚାୟତ ସରପଞ୍ଚ ନବଦ୍ୱୀପ ନାୟକ, ପ୍ରେସ୍ କ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ମହାନ୍ତି, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଆଇନଜୀବୀ ଦେବରାଜ୍ ବେହେରା ସମେତ ତାଙ୍କର ବହୁ ଛାତ୍ରଛାତ୍ରୀ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଜ୍ୟେଷ୍ଠ ପୁତ୍ର ଗୌରାଙ୍ଗ ନାୟକ ମୁଖାଗ୍ନି ଦେଇଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଯାଜପୁର, ୮।୬(ସମିସ)**




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ, ଯାଜପୁର ରୋଡ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହା ପରେ ଜିଲ୍ଲାପାଳ ଅମ୍ବର କୁମାର କର ବଡ଼ଚଣା ବ୍ଲକ ଗସ୍ତ କରି ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମାଳିଆ ପୋଖରୀ ଏବଂ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ। ପୋଖରୀ ମଧ୍ୟରେ ଅବସ୍ଥିତ ମନ୍ଦିରର ପୁନଃଉଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ସମଗ୍ର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ସମ୍ପର୍କରେ ସେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପୋଖରୀ ଓ ମନ୍ଦିର ପରିସରକୁ ଏକ ଆକର୍ଷଣୀୟ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଗସ୍ତ ଅବସରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ତହସିଲଦାର, ଦର୍ପଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ଆହତ

**ପାଣିକୋଇଲି, ୮।୬ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ଆଜି ପୂର୍ବାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଛନ୍ତି। ପ୍ରକାଶଯେ ଢେଙ୍କାନାଳ ଜିଲ୍ଲା ଭୁବନପୁର ପ୍ରତାପପୁର ଗ୍ରାମର କାର୍ତ୍ତିକେଶ୍ୱର ସାହୁଙ୍କ ପୁଅ ଅରୁଣ କୁମାର ସାହୁ ରେଳ ବିଭାଗରେ ଭଦ୍ରକ ଠାରେ କାର୍ଯ୍ୟରତ ଅଛନ୍ତି। ଆଜି ଏକ ବାଇକ୍ ଯୋଗେ ଭଦ୍ରକରୁ ଧାନମଣ୍ଡଳ ଷ୍ଟେସନ ଯାଉଥିବା ବେଳେ ପାଣିକୋଇଲି ଶର୍ମା ଟାଙ୍କି ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ଗୁରୁତର ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି।

# ସମ୍ପାଦକୀୟ



ଜ୍ଞାନ-ବିଜ୍ଞାନ ରାଷ୍ଟ୍ରଶକ୍ତିର ସର୍ବୋତ୍ତମ ଗଣତାନ୍ତ୍ରିକ ଉତ୍ସ।
-ଆଲ୍ଭିନ୍ ଟଫ୍ଲର

ସକାଳ
THE SAKALA

## ଖସି ଯାଉଥିବା ଗୋଡ଼

ଏସ୍‌ଆଇଆର ଜରିଆରେ ଭୋଟ ଲୁଟ୍(ନିର୍ବାଚନ ଅନିୟମିତତା) ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ପତ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ପ୍ରତି ଦୁଇମାସରେ ଥରେ ବୈଠକ ଭଳି କେତେକ ଅନାକର୍ଷଣୀୟ ଓ ଅନୌପଚାରିକ ପ୍ରସ୍ତାବ ପାରିତ ହେବା ସହିତ 'ଇଣ୍ଡିଆ' ମେଣ୍ଟର ବୈଠକ ସମାପ୍ତ ହୋଇଛି। ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳ ଯେଉଁଭଳି ଭାବେ କ୍ଷମତାରୁ ଅପସରି ଯାଉଛନ୍ତି ଏବଂ ଏନ୍‌ଡିଏ ସହିତ ବିରୋଧୀ ସାଂସଦ ଓ ବିଧାୟକମାନଙ୍କର ଯେଉଁଭଳି ବିଲୀନ ଘଟିବାରେ ଲାଗିଛି ତାହା ବୈଠକରେ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ରାଜନୈତିକ ବିଶାରଦମାନେ କଳ୍ପନା କରିଥିଲେ। କିନ୍ତୁ ସେଭଳି କୌଣସି ଆକର୍ଷଣୀୟ ଓ ପ୍ରଭାବଶାଳୀ ଆଲୋଚନା ହୋଇ ନଥିବାରୁ ଆପାତତଃ 'ଏନ୍‌ଡିଏ' ଆଶ୍ୱସ୍ତ ହୋଇଥିବ।

ଭାରତର ସାମ୍ପ୍ରତିକ ଗଣତାନ୍ତ୍ରିକ ସ୍ଥିତି ଏକ ଦୃଢ଼ ଓ ସଂଘବଦ୍ଧ ବିରୋଧୀ ଦଳ ଲୋଡୁଛି। ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଯେ ଏହି ଭୂମିକା ନିର୍ବାହ କରିବା ସ୍ଥିତିରେ ନାହିଁ ଏହି ଧାରଣା କ୍ରମଶଃ ଦୃଢ଼ ହେବାରେ ଲାଗିଛି। ନେତୃତ୍ୱ କାହା ହାତରେ ରହିବ ନିର୍ବାଚନ ରଣାଙ୍ଗନରେ କିଏ ପ୍ରଧାନ ସେନାପତି ହେବ ତାହା ଯେକୌଣସି ଦଳର ଆଭ୍ୟନ୍ତରୀଣ ବ୍ୟାପାର। କିନ୍ତୁ ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ସେ ନିଷ୍ପତ୍ତି ଗଣତନ୍ତ୍ର ସମ୍ମତ ହେବା ଆବଶ୍ୟକ। 'ଇଣ୍ଡିଆ' ମେଣ୍ଟ ବୈଠକ ଚାଲିଥିବା ବେଳେ ଅନ୍ୟତମ ଅଂଶୀଦାର ଟିଏମ୍‌ସିର ଜଣେ ରାଜ୍ୟସଭା ସାଂସଦ ଇସ୍ତଫା ଦେଇଛନ୍ତି ଏବଂ ଆହୁରି ୨୦ ଜଣ ଲୋକସଭା ସାଂସଦ ଏନ୍‌ଡିଏରେ ସାମିଲ୍ ହେବା ପାଇଁ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖିଥିବା ସୂଚନା ମିଳିଛି। ଅପରପକ୍ଷରେ ତାମିଲ୍‌ନାଡୁରେ ଟିଭିକେ ସହିତ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରିଥିବା ଅଭିଯୋଗରେ ଡିଏମ୍‌କେ ଏବଂ ବ୍ୟକ୍ତିଗତ କାରଣରୁ ଆପ୍ ଏହି ବୈଠକରେ ଯୋଗ ଦେଇନାହାନ୍ତି। ତେଣୁ 'ଇଣ୍ଡିଆ' ମେଣ୍ଟର ବୈଠକର ଜାତୀୟ ରାଜନୀତି ଉପରେ ପ୍ରଭାବ ସେତେ ବାରି ହେଉନାହିଁ। ସମ୍ପ୍ରତି ଭାରତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ଆଧାର ଶିଳା ହେଉଛି ଶତ୍ରୁର ଶତ୍ରୁ ହିଁ ମିତ୍ର। ଏହାପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ କେବଳ ଯେ ଦଳୀୟ କ୍ଷମତା ଓ ସ୍ୱାର୍ଥ ହାସଲରେ ନିହିତ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ନିକଟରେ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମ୍‌ସି ବିଧାୟକଙ୍କ ଭିନ୍ନ ଗୋଷ୍ଠୀଗଠନରେ ଏହାର କିଛିଟା ଝଲକ୍ ଦେଖିବାକୁ ମିଳିଥିବା ବେଳେ ଲୋକସଭାରେ ଏହାର ପ୍ରତିଫଳନ ଘଟିବାକୁ ଯାଉଛି। ସେହି ଦୃଷ୍ଟିରୁ 'ଇଣ୍ଡିଆ' ମେଣ୍ଟରେ ଯେଉଁ ରଣନୀତି ପ୍ରସ୍ତୁତ ହେବା କଥା ତାହା ଦେଖିବାକୁ ମିଳିନାହିଁ।

ବସ୍ତୁତଃ, 'ଇଣ୍ଡିଆ' ମେଣ୍ଟର ମୂଳଦୁଆ ପଡ଼ିବା ଠାରୁ ପ୍ରଧାନମନ୍ତ୍ରୀ କିଏ ହେବ ତାହାକୁ ନେଇ ଅଂଶୀଦାର ଦଳର ମୁଖ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ପ୍ରତିଯୋଗିତା ଆରମ୍ଭ ହୋଇସାରିଥିଲା। କ୍ଷମତା ଦୌଡ଼ 'ଇଣ୍ଡିଆ' ମେଣ୍ଟକୁ ଦୁର୍ବଳ କରିବା ସହିତ 'ଏନ୍‌ଡିଏ' ମେଣ୍ଟକୁ ସୁହାଇଥିଲା। ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ଆଗରେ ଥିବା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ଦିଲ୍ଲୀ ଅଧ୍ୟାଦେଶକୁ ଜାତୀୟ ପ୍ରସଙ୍ଗର ରୂପ ଦେବାକୁ ଚାହିଁଥିଲେ। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ରାହୁଲ୍ ଗାନ୍ଧୀଙ୍କୁ ଆଗକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ କୌଣସି ଦଳ ଏକାକୀ ବିଜେପି ନେତୃତ୍ୱାଧୀନ 'ଏନ୍‌ଡିଏ'ର ମୁକାବିଲା କରିବା ସ୍ଥିତିରେ ନଥିବା ବେଳେ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ମତୈକ୍ୟର ଅଭାବ ଯୋଗୁଁ 'ଇଣ୍ଡିଆ' ମେଣ୍ଟର ସହଯୋଗୀ ଆଞ୍ଚଳିକ ଦଳମାନେ ନିଜ ନିଜ ରାଜ୍ୟରେ ମେଣ୍ଟ ଅଂଶୀଦାରଙ୍କ ବିପକ୍ଷରେ ହିଁ ଲଢ଼ି ପରୋକ୍ଷରେ 'ଏନ୍‌ଡିଏ' ମେଣ୍ଟକୁ ଫାଇଦା କରାଇଥିଲେ।

ଏବେ 'ଇଣ୍ଡିଆ' ମେଣ୍ଟର ମୁଖ୍ୟ ସମସ୍ୟା ହେଉଛି ଦେଶର ସର୍ବପୁରାତନ ଦଳ କଂଗ୍ରେସର ଛତ୍ରଛାୟାରେ ସବୁ ରାଜନୈତିକ ବିରୋଧୀ ଦଳ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏଭଳି ପରିସ୍ଥିତିରେ ବିରୋଧୀ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଦର୍ଶଗତ ସମାନତା ନଥିବାରୁ କେବଳ ସାମୟିକ ବୁଝାମଣା, ନିର୍ବାଚନୀ ସାଲିସ୍ ଓ ପାରସ୍ପରିକ ବିରୋଧକୁ ଅନେକାଂଶରେ ଅଣଦେଖା କରି ଏକକ ଶତ୍ରୁ ସାଙ୍ଗରେ ଲଢ଼ିବା ପାଇଁ ଏକତ୍ରିତ ହେଉଛନ୍ତି। ଏହାଛଡ଼ା ବିରୋଧୀ ଦଳମାନଙ୍କ ମଧ୍ୟରେ ଥିବା ପୂର୍ବ ତିକ୍ତତା 'ଇଣ୍ଡିଆ' ମେଣ୍ଟରେ ପ୍ରଗତିରେ ଆଉ ଏକ ବାଧକ ହେଉଛି। ବିଜେପି ବିରୋଧରେ ଏକାଠି ହେବା ପାଇଁ କେନ୍ଦ୍ରର ନୀତି ଜନବିରୋଧୀ ବୋଲି ଭୋଟରମାନଙ୍କୁ ବୁଝାଇ ସମ୍ମିଳିତ ବିରୋଧାଭାସ ସୃଷ୍ଟି କରିବାକୁ ପଡ଼ିବ। ଆଞ୍ଚଳିକ ପ୍ରସଙ୍ଗରୁ ଊର୍ଦ୍ଧ୍ୱକୁ ଉଠି ବିରୋଧୀ ଦଳର ନେତାମାନଙ୍କର ଆଭିମୁଖ୍ୟ ଜାତୀୟ ସ୍ୱାର୍ଥ ସମ୍ବଳିତ ହେବା ଆବଶ୍ୟକ। ଏ କଥା 'ଇଣ୍ଡିଆ' ମେଣ୍ଟର ଆବାହକମାନେ ନ ବୁଝିବା ପର୍ଯ୍ୟନ୍ତ 'ଏନ୍‌ଡିଏ'ର କୌଣସି କ୍ଷତି ହେବ ନାହିଁ। ଅପରପକ୍ଷରେ 'ଇଣ୍ଡିଆ' ମେଣ୍ଟ ଗଠନ ହେବା ପରଠାରୁ ଆଞ୍ଚଳିକ ଦଳମାନଙ୍କର ବିପର୍ଯ୍ୟୟ ଆରମ୍ଭ ହୋଇସାରିଛି। ପ୍ରଥମେ ଆବାହକ ନୀତୀଶ କୁମାର ହଠାତ୍ 'ଏନ୍‌ଡିଏ'ର ହାତ ଧରିଥିବା ବେଳେ ଶରଦ୍ ପାୱାରଙ୍କ ଦଳ ଏନ୍‌ସିପି ଓ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଦୁଇ ଫାଳ ହୋଇଯାଇଥିଲା। ଏବେ ଟିଏମ୍‌ସି ସମଦଶା ଭୋଗିବାକୁ ଯାଉଛି।

ସ୍ୱୀକାର କରିବାକୁ ହେବ ଯେ ଏବେ ମଧ୍ୟ କଂଗ୍ରେସ ହିଁ ଜାତୀୟସ୍ତରରେ ବିଜେପିର ମୁକାବିଲା କରିବାର କିଛିଟା ଯୋଗ୍ୟତା ରଖିଛି ଏବଂ କେତେକ ରାଜ୍ୟରେ ଦଳ ଶାସନ କ୍ଷମତାରେ ରହିଛି। ତେଣୁ କଂଗ୍ରେସକୁ ବାଦ୍ ଦେଇ 'ଇଣ୍ଡିଆ' ମେଣ୍ଟର ପରିକଳ୍ପନା ସମ୍ଭବ ନୁହେଁ। ତେଣୁ ଏକକ ସର୍ବସମ୍ମତ ନେତୃତ୍ୱ ସହିତ ବିରୋଧୀ ଦଳଗୁଡ଼ିକ 'ସମାନ ସର୍ବନିମ୍ନ କାର୍ଯ୍ୟ ଯୋଜନା' ବା କୌଣସି ନୀତିଗତ ଅନୁବନ୍ଧନର ତର୍କକୁ ସମ୍ପୂର୍ଣ୍ଣ ଏଡ଼ାଇଯିବା ଉଚିତ ହେବ ନାହିଁ। ଗଣତନ୍ତ୍ରରେ ଶକ୍ତିଶାଳୀ ବିରୋଧୀଦଳର ଭୂମିକା ଅନସ୍ୱୀକାର୍ଯ୍ୟ। ଅସାଧୁ ଓ ସୁବିଧାବାଦୀ ମେଣ୍ଟ କରି କ୍ଷମତା ହାସଲ କରିବା ପ୍ରୟାସ ସର୍ବଦା ନିନ୍ଦନୀୟ। ଏହା ମଧ୍ୟ ବୃହତ୍ତର ଜନସମର୍ଥନ ଲାଭ କରିନଥାଏ ଏବଂ ସତ୍ତା ପାଇଁ ଲଢ଼େଇରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଦୁର୍ବଳ ହୋଇପଡ଼େ। 'ଇଣ୍ଡିଆ' ଏ କଥା ହୃଦୟଙ୍ଗମ କଲେ ଭାରତର ଗଣତନ୍ତ୍ର ପ୍ରତି ମଙ୍ଗଳକର ହେବ।

ଓଡ଼ିଆରେ ଏକ ପ୍ରବାଦ ଅଛି ଖସି ଯାଉଥିବା ଗୋଡ଼ ତଳକୁ ତଳକୁ। ବର୍ତ୍ତମାନ 'ଇଣ୍ଡିଆ' ମେଣ୍ଟର ଅଂଶୀଦାର ଦଳମାନଙ୍କର ସ୍ଥିତି ସେଭଳି ହେବାରେ ଲାଗିଛି। କ୍ଷମତା ରାଜନୀତିର ପଙ୍କ ଭିତରେ ଖସିଯାଉଥିବା ଦଳମାନଙ୍କୁ ଉଦ୍ଧାର କରିବାର କ୍ଷମତା ଓ ଦକ୍ଷତା କେବଳ କଂଗ୍ରେସର ରହିଛି। କିନ୍ତୁ ସେହି ଦଳ ଏବେ ପ୍ରବୀଣ ଓ ନବୀନଙ୍କ ମଧ୍ୟରେ ଚାଲିଥିବା ଅହଂ ଲଢ଼େଇରେ ଆକ୍ରାନ୍ତ। ନିରେଖି ଦେଖିଲେ କ୍ଷମତା ରାଜନୀତିରୁ କ୍ରମଶଃ ଅପସରି ଯାଉଥିବା ଏହି ଜାତୀୟ ଦଳର ଗୋଡ଼ ମଧ୍ୟ ଖସି ଖସି ଯାଉଛି। ତେଣୁ ପ୍ରଥମେ ସେହି ଦଳକୁ ଗୋଡ଼ ସଳଖି ରଖିବାକୁ ହେବ। ତା' ପରେ ଯାଇ ସେ ଅନ୍ୟମାନଙ୍କୁ ଉଦ୍ଧାର କରିପାରିବ।

## ଜଳ ନଷ୍ଟ: ଜଳ କଷ୍ଟ

ଛନ୍ଦା ମିଶ୍ର

ଛୋଟ ପିଲାଟିଏ, ବୟସ ଏଇ ଦଶ କି ବାର। ଗାଁର ପାନୀୟ ଜଳସଙ୍କଟ ଯେ କେତେ ଉତ୍କଟ, ତାହା ସେ ଏକ ଭିଡିଓ ମାଧ୍ୟମରେ ବଖାଣିଛନ୍ତି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ତାହାଲି ଗ୍ରାମର ଏହି ନାବାଳକ, ପିଇବା ପାଣି ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନୁଗୁଳରେ ରହୁଥିବା ସାଇ ସନ୍ତୋଷ ମିଶ୍ର ଖରା ଛୁଟିରେ ଗାଁକୁ ଆସି ଜଳକଷ୍ଟକୁ ଦେଖି ବିବ୍ରତ ହୋଇ ଯାଇଥିଲେ। ଗାଁ ଠାରୁ ଦୁଇ କିଲୋମିଟର ଦୂର ଯିବା ପରେ ନଦୀ ବାଲିରେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବାର ଦୃଶ୍ୟ ତାଙ୍କୁ ବ୍ୟଥିତ କଲା। ସକାଳ ନହେଉଣୁ ଗାଁର ମହିଳା, ପୁରୁଷ, ବୃଦ୍ଧ ଓ ଶିଶୁମାନେ ଗରା ଓ ବାଲଟି ଧରି ଯାଉଥିବାର ଦୃଶ୍ୟ ଦେଖି ସେ କିଛି କରିବା ପାଇଁ ଆଗେଇ ଆସିଲେ। ଗ୍ରାମ ନିକଟରେ ଥିବା ବିଦ୍ୟାଳୟ ପରିସରର କୂଅଟି ପାଖରେ ଲୋକଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି ପ୍ରଶାସନର ତାହାର ସମାଧାନ ପାଇଁ ପଦକ୍ଷେପ ନେଇ ନାହିଁ। ମାତ୍ର ସାଇଙ୍କ ଏହି ଭିଡିଓଟି ଭାଇରାଲ୍ ହେବା ପରେ ଚାରିଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ନୂଆଗାଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଆମେ ଯେଉଁମାନେ ଭାଗ୍ୟବାନ୍, ଜଳର ଅଭାବ କ'ଣ ଜାଣିନେ, ଜଳର ପ୍ରକୃତ ମୂଲ୍ୟ ବୁଝିବା ଏତେ ସହଜ ନୁହେଁ। ହେଲେ ଯେଉଁମାନେ ଗୋଟିଏ ବାଲଟି ଜଳରେ ପରିବାର ସାରା ଦିନ କାମ ଚଳାନ୍ତି, ସେମାନେ ଜଳକୁ ଏକ ଅମୂଲ୍ୟ ଦ୍ରବ୍ୟ ରୂପେ ଜ୍ଞାନ କରନ୍ତି। ଏବେ ଖରା ଦିନ। ଲାଇନ୍ ପ୍ରାୟ ସମୟରେ ଯାଉଚି। ଆମେ ଗାଧୋଇବାକୁ, ପିଇବାକୁ, ରାନ୍ଧିବା ପାଇଁ ଯେତିକି ଆବଶ୍ୟକ ତା' ଠାରୁ ଯଥେଷ୍ଟ ଅଧିକ ଜଳ ସଂଗ୍ରହ କରି ରଖି ଦେଉଛେ। ଏପରିକି ଅଧିକ ଜଳ ସଂଗ୍ରହ କରି ପରଦିନ ନଷ୍ଟ କରିବା ପାଇଁ ବି କୁଣ୍ଠାବୋଧ କରୁନେ। ଆମେ ଭୁଲି ଯାଉଛେ ଯେ ଲୋକେ ପାଣି ବୁନ୍ଦାଏ ପାଇଁ ବି ହେଉଛନ୍ତି ଡହଳବିକଳ ବୋଲି।

ଗାଁ ଗହଳିରେ ଲୋକେ ପରିଷ୍କାର ପାଣି ମୁନ୍ଦାଏ ପାଇବା ପାଇଁ ଅନେକ କସରତ କରନ୍ତି। ଗ୍ରୀଷ୍ମ ଋତୁରେ ତାହା ଗମ୍ଭୀର ରୂପ ଧାରଣ କରେ। ଜଗତସିଂହପୁରର କୁସୁପୁର ଗ୍ରାମରେ ଲୋକେ ପାଣି ବାଲଟିଏ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରନ୍ତି। ବାଲି ସାହି ହରିରାଜପୁର ଗ୍ରାମର ଲୋକେ ମହାନଦୀ ଶୁଖିଯିବା ପରେ ବାଲି ଖୋଳି ଚୁଆରୁ ପାଣି ଆଣି ବ୍ୟବହାର କରନ୍ତି। ନୟାଗଡ଼ର ସିନ୍ଧୁରିଆ, ଶରଧାପୁର, ଇଟାମାଟି ଆଦି ଗ୍ରାମଗୁଡ଼ିକରେ ଭୂତଳ ଜଳସ୍ତର ହ୍ରାସ ଏବଂ ଜଳରେ ଫ୍ଲୋରାଇଡ ସମସ୍ୟା ଯୋଗୁଁ ପାନୀୟ ଜଳର ଘୋର ଅଭାବ ଦେଖାଯାଏ। ନଗଡ଼ା ଓ ଗୁମୁଡୁମାହା ଆଦି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ପାଇପ୍ ଜଳ ଯୋଗାଣ କଷ୍ଟକର ହେଉଥିବାରୁ ଚୁଆ ପାଣି ଉପରେ ଭରସା କରିବାକୁ ହୁଏ। ସେହିପରି ମୟୂରଭଞ୍ଜର ସୀତାରାମ ସାହି ଗ୍ରାମ, ଗଜପତିର କେଶରା, ଝାରସୁଗୁଡ଼ାର ହରିଜନ ପଡ଼ା, ବଡ଼ମାଲ - ଏହିପରି ଏ ତାଲିକା ଖୁବ୍ ଲମ୍ବା।

ତେବେ ଏ ଘୋର ସମସ୍ୟାର ମୂଳ କାରଣ ହେଉଛି, ଅତ୍ୟଧିକ ଜଳ ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ, ରକ୍ଷଣାବେକ୍ଷଣ ଅଭାବରୁ ଗାଁର କୂଅ, ପୋଖରି, ଗାଡ଼ିଆ ଆଦି ପାରମ୍ପରିକ ଉତ୍ସଗୁଡ଼ିକର ଅବକ୍ଷୟ, ପାହାଡ଼ିଆ ଅଞ୍ଚଳରେ ପଥୁରିଆ ମାଟି ଯୋଗୁଁ ଜଳ ସଂରକ୍ଷଣ ନ ହୋଇ ପାରିବା ଆଦି ଅନ୍ୟତମ। ଯେଉଁଥିପାଇଁ ମହିଳା ଓ ଶିଶୁମାନଙ୍କୁ ପାଣି ଟିକିଏ ପାଇଁ ମାଇଲ ମାଇଲ ଚାଲିବାକୁ ହୋଇଥାଏ। ବାଧ୍ୟ ହୋଇ ସେମାନେ ଦୂଷିତ ଚୁଆ ବା ନଦୀ ପୋଖରୀର ପାଣି ପିଇ ଜଣ୍ଡିସ ଓ ଝାଡାବାନ୍ତିରେ ପଡ଼ନ୍ତି। ଯେତେବେଳେ ପିଇବା ପାଣି ପାଇଁ ମଣିଷ ଏତେ ହନ୍ତସନ୍ତ ହୁଏ, ସେତେବେଳେ ଗାଈଗୋରୁଙ୍କ କଥା କୁ କିଏ ବା ଗୁରୁତ୍ୱ ଦିଏ? ଏଇଥିପାଇଁ ଗ୍ରୀଷ୍ମକାଳୀନ ଚାଷବାସ ଖୁବ୍ କ୍ଷତିଗ୍ରସ୍ତ ହୁଏ। 'ବସୁଧା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚାଇବାର ପ୍ରୟାସ କରାଯାଉଚି। ଜଳସ୍ତର ବୃଦ୍ଧି ପାଇଁ ବର୍ଷା ଜଳ ସଂଗ୍ରହ ଓ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରାଯାଉଛି। ଜଳଛତ୍ରମାନ ଖୋଲିବା ସହିତ ଟାଙ୍କି ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ତା' ସତ୍ତ୍ୱେ ଅନେକସ୍ଥାନରେ ଲୋକେ ଜଳ ପାଇଁ ହେଉଛନ୍ତି ବିକଳ।

ତେବେ ଜଳ କଷ୍ଟ ଦୂର କରିବା ପାଇଁ ଅନେକ ବ୍ୟକ୍ତି ଓ ଗ୍ରାମବାସୀ, ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ବ୍ୟକ୍ତିଗତ ସ୍ତରରେ ବେଶ୍ ପ୍ରଶଂଶନୀୟ ଉଦ୍ୟମ କରୁଛନ୍ତି। ଅନୁଗୁଳ ଜିଲ୍ଲାର ଭଗତପୁର ଗ୍ରାମ ଜଳ ସଂରକ୍ଷଣ ଓ ସାମୂହିକ ସହଭାଗିତାର ବିଶ୍ୱସ୍ତରୀୟ ମଡେଲ ପାଲଟିଛି। ପ୍ରାୟ ୧୩୫ଟି ପରିବାର ରହୁଥିବା ଏହି ଗ୍ରାମରେ ଏକଦା ଗ୍ରୀଷ୍ମଋତୁରେ ପାଣିର ଘୋର ସଙ୍କଟ ସୃଷ୍ଟି ହେଉଥିଲା। ଯେଉଁଥି ପାଇଁ ଗ୍ରାମବାସୀ ସହରମୁହାଁ ହେଉଥିଲେ। କିନ୍ତୁ ଗ୍ରାମବାସୀ ଓ ଜଳସମିତିର ମିଳିତ ଉଦ୍ୟମରେ ନାବାର୍ଡର ଆର୍ଥିକ ସହାୟତାରେ, ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ନାମକ ସଂସ୍ଥାର ମାର୍ଗଦର୍ଶନରେ ଗାଁ ଲୋକେ ନିଜେ ଶ୍ରମଦାନ କରି ପ୍ରାୟ ତିରିଶରୁ ଅଧିକ ପୋଖରି, ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରିବା ସହିତ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଫଳରେ ଗ୍ରାମର ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହିତ ପାନୀୟ ଜଳସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ସେହିପରି କଳାହାଣ୍ଡି ଜିଲ୍ଲାର ଡୁକୁଗୁଡ଼ା ଗ୍ରାମର ଆଦିବାସୀ ମହିଳା ଶାନ୍ତିଲତା ମାଝୀ ଗ୍ରାମ୍ୟ ଉନ୍ନୟନ କମିଟି ଜରିଆରେ ଗାଁର ଶୁଖି ଯାଉଥିବା ଝରଣାଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ନେତୃତ୍ୱ ନେଇଥିଲେ। ସେମାନେ ପାହାଡ଼ିଆ ଅଞ୍ଚଳରେ ୧୦୦୦ରୁ ଅଧିକ ଖାଲ ଖୋଳି ଏବଂ ପ୍ରାୟ ୯୦୦୦ ଗଛ ଲଗାଇ ଜଳଉତ୍ସକୁ ବଞ୍ଚାଇ ରଖି ପାରିଛନ୍ତି। ଯାହାଦ୍ୱାରା ଆଜି ଗାଁକୁ ୨୪ ଘଣ୍ଟା ପାଣି ମିଳୁଛି।

ଗ୍ରାମବାସୀଙ୍କ ଏଭଳି ବ୍ୟକ୍ତିଗତ ଉଦ୍ୟମରେ ଯଦି କୌଣସି ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଓ ସମ୍ପୃକ୍ତି ହୁଏ ତେବେ କାର୍ଯ୍ୟ ସଫଳତାର ଶିଖର ଛୁଏଁ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଦୁର୍ଗମ କେନ୍ଦୁଝରୀ ଗ୍ରାମରେ ପାଣି ପାଇଁ ଲୋକେ ପାଞ୍ଚ କିଲୋମିଟର ଯିବାକୁ ପଡୁଥିଲା। ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ବ୍ୟକ୍ତିଗତ ଆଗ୍ରହ ଓ ସ୍ୱତନ୍ତ୍ର ଉଦ୍ୟମରେ ବିନା ବିଦ୍ୟୁତରେ କେବଳ ମାଧ୍ୟାକର୍ଷଣ ଶକ୍ତିର ବ୍ୟବହାର କରି ପାହାଡ଼ିଆ ଝରଣାର ପାଣିକୁ ପାଇପ୍ ଯୋଗେ ସେହି ଆଦିବାସୀ ଗ୍ରାମରେ ପହଞ୍ଚାଇ ଇତିହାସ ରଚିଲେ। ସେମିତି ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର କେତେକ ଗ୍ରାମରେ ସ୍ଥାନୀୟ ଯୁବକମାନେ 'ଜଳବନ୍ଧୁ' ନାମରେ ସଂଗଠନ କରି ନିଜ ଖର୍ଚ୍ଚରେ ବାଲି ଚୁଆ ସଫା କରିବା ସହିତ ପୁରୁଣା କୂଅଗୁଡ଼ିକୁ ଗଭୀର କରି ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ପାଣିର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ଏପରି ଅନେକ୍ 'ଜଳଯୋଦ୍ଧା' ଅଛନ୍ତି, ଯେଉଁମାନେ ନିଜ ଗାଁ ଲୋକଙ୍କ ଜଳକଷ୍ଟ ଦେଖି ନ ପାରି ନିଜେ କୋଦାଳ ଧରି କୂଅପୋଖରି ବା ନାଳ ଖୋଳିବା ପାଇଁ ଆଗେଇ ଆସି ଆମ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

ଆମେ ଯେଉଁମାନେ ଜଳ କଷ୍ଟ କଣ ଜାଣିନାହୁଁ, ଜଳ ଆମ ପାଇଁ ସୁଲଭ ହୋଇପାରେ। ମାତ୍ର ଆମର ସାମାନ୍ୟ ଅସାବଧାନତା ଯୋଗୁଁ ଆମେ ଯେଉଁ ଜଳ ନଷ୍ଟ କରୁ ସେଥିପାଇଁ ଆଉ କେହି ଖୁବ୍ କଷ୍ଟ ଅନୁଭବ କରେ। ଦୈନନ୍ଦିନ ଜୀବନରେ କେତୋଟି ଛୋଟ ଛୋଟ ଅଭ୍ୟାସରେ ପରିବର୍ତ୍ତନ ଆଣି ଆମେ ଜଳ ସଂରକ୍ଷଣ ଅଭିଯାନରେ 'ଜଳବନ୍ଧୁ' ସାଜିପାରିବା। ଦାନ୍ତ ଘଷିବା, ହାତ ଧୋଇବା, ଦାଢ଼ି କାଟିବା ସମୟରେ ଟ୍ୟାପକୁ ଖୋଲା ନ ରଖି ଆବଶ୍ୟକ ମୁତାବକ ବନ୍ଦ କରିବା। ଘରେ ପାଇପ୍ ବା ଟ୍ୟାପରୁ ପାଣି ଲିକ୍ ହେଉଥିଲେ ତୁରନ୍ତ ତା'ର ମରାମତି କରିବା, ଗାଧୋଇବା ଓ ଗାଡ଼ି ଧୋଇବା ପାଇଁ ସାୱାର କିମ୍ବା ପାଇପ୍ ବ୍ୟବହାର ନ କରି ବାଲଟି ବ୍ୟବହାର କରିବା ଆଦି ଛୋଟ ମୋଟ ସଚେତନତା ଏ ଦିଗରେ ହେବ ଆମର ସହଯୋଗ। ଏସବୁ ସହିତ ଆମ ଛାତ ଉପରେ ପଡୁଥିବା ବର୍ଷାଜଳକୁ ସଂରକ୍ଷଣ କରି ଅଧିକରୁ ଅଧିକ ଗଛ ଲଗାଇ ଭୂତଳ ଜଳର ସ୍ତରକୁ ବୃଦ୍ଧି କରିବାରେ ସହାୟକ ହେବା। ଆମକୁ ମନେ ରଖିବାକୁ ହେବ ଯେ ଆମ ଦ୍ୱାରା ଜଳ ନଷ୍ଟ ଯୋଗୁଁ କେହି ଜଳ କଷ୍ଟ ଅନୁଭବ କଲେ, ସେ ପାପର ଭାଗୀଦାର ଆମେ ହିଁ ହେବା।

ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

## ଆପଣ କିଣନ୍ତୁ, ଆମେ ବୋହିବୁ

ବିଶ୍ୱନାଥ ପାଢ଼ୀ

ଦିଲ୍ଲୀର ଲାଜପତ ନଗର ମାର୍କେଟ୍‌ରେ ସାପ୍ତାହିକ ଛୁଟି ଦିନର ଏକ ଗହଳିପୂର୍ଣ୍ଣ ଅପରାହ୍ନ। ପ୍ରବଳ ଗରମ। ଚାରିଆଡ଼େ ମଣିଷର ଭିଡ଼ ଓ କୋଳାହଳ। ସେହି ଗହଳି ଭିତରେ ଜଣେ ୬୭ ବର୍ଷୀୟା ବୃଦ୍ଧା ଓ ତାଙ୍କ ଝିଅ ଘର ପାଇଁ ପରଦା ଓ ବେଡ୍‌ସିଟ୍ କିଣୁଥିଲେ। ମାତ୍ର ଚାରି-ପାଞ୍ଚଟି ଦୋକାନ ବୁଲିଲା ବେଳକୁ ଦୁହିଁଙ୍କ ହାତରେ ଭାରି ଭାରି ବ୍ୟାଗ୍‌ର ବୋଝ ଓ ଗୋଡ଼ରେ ପ୍ରବଳ ବିନ୍ଧା ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ଜଣେ ୟୁନିଫର୍ମ ପିନ୍ଧିଥିବା ଯୁବକ ତାଙ୍କ ପାଖକୁ ଆସି ହାତରୁ ସବୁ ବ୍ୟାଗ୍ ନିଜେ ଟେକିନେଲେ। ନିଜେ ଧରି ଥିବା ବ୍ୟାଗ୍‌ରୁ ଏକ ଫୋଲ୍ଡିଂ‌ଚେୟାର୍ ବାହାର କରି ବୃଦ୍ଧାଙ୍କୁ ବସିବାକୁ ଦେଲେ ଏବଂ ତାଙ୍କ ନିସ୍ତେଜ ହୋଇଯାଇଥିବା ମୋବାଇଲ୍‌କୁ ଚାର୍ଜ କରିବା ପାଇଁ ପାୱାର୍ ବ୍ୟାଙ୍କ ବଢ଼ାଇଦେଲେ। ବୃଦ୍ଧାଙ୍କ ମୁହଁରେ ଆଶ୍ୱସ୍ତିର ହସ ଖେଳିଗଲା। ଏହା କୌଣସି ସିନେମାର ଦୃଶ୍ୟ ନୁହେଁ, ବରଂ ନିକଟରେ ଦିଲ୍ଲୀର ଲାଜପତ ନଗରରେ ଆରମ୍ଭ ହୋଇଥିବା 'କ୍ୟାରିମ୍ୟାନ୍' ଷ୍ଟାର୍ଟଅପ୍‌ର ଏକ ବାସ୍ତବ ଚିତ୍ର। ଉପଭୋକ୍ତାଙ୍କ ସେବା ପାଇଁ ପ୍ରତିଘଣ୍ଟା ହିସାବରେ ମିଳୁଥିବା ଏହି ସହାୟକମାନେ ଏବେ ଦିଲ୍ଲୀ ବଜାରର ଚେହେରା ବଦଳାଇ ଦେଇଛନ୍ତି।

'କ୍ୟାରିମ୍ୟାନ୍' ହେଉଛି ଦିଲ୍ଲୀର ଜଣେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ନିଆରା 'ସପିଂ ଆସିଷ୍ଟାନ୍ସ ସର୍ଭିସ୍(ବଜାର ସହାୟତା ସେବା)'। ଏହାର ସହଜ ସ୍ଲୋଗାନ ହେଉଛି 'ଆପଣ କିଣନ୍ତୁ, ଆମେ ବୋହିବୁ(ୟୁ ସପ୍, ୱି କ୍ୟାରି)। ଯେତେବେଳେ ଆପଣ ଲାଜପତ ନଗର ଭଳି ବଡ଼ ବଜାରକୁ ସପିଂ ପାଇଁ ଯିବେ, ଆପଣ ଘଣ୍ଟା ପ୍ରତି ୧୧୯ଟଙ୍କା ରୁ ୧୪୯ ଟଙ୍କା (ସମୟ ଅନୁସାରେ ପ୍ୟାକେଜ୍) ଦେଇ ଜଣେ ପ୍ରଶିକ୍ଷିତ ସହାୟକ(କ୍ୟାରିମ୍ୟାନ୍)ଙ୍କୁ ନିଜ ସହିତ ନେଇପାରିବେ। ଏହି ସହାୟକମାନେ ଆପଣ କିଣୁଥିବା ସମସ୍ତ ଭାରି ବ୍ୟାଗ୍ ଓ ସାମଗ୍ରୀକୁ ନିଜେ ବୋହିବା ସହ(ସର୍ବାଧିକ ୧୨ କିଲୋ ପର୍ଯ୍ୟନ୍ତ) ସେମାନଙ୍କ ପାଖରେ ଥିବା ପାୱାର୍ ବ୍ୟାଙ୍କ ଦ୍ୱାରା ଆପଣଙ୍କ ମୋବାଇଲ୍ ଚାର୍ଜ, ଖରା କିମ୍ବା ବର୍ଷା ପାଇଁ ଛତା, ଛୋଟ ପିଲାଙ୍କୁ ଧରିବା, ପିଇବା ପାଇଁ ପାଣିର ବ୍ୟବସ୍ଥା ଇତ୍ୟାଦି ସୁବିଧା ଯୋଗାଇଥା'ନ୍ତି। ଆହୁରି ମଧ୍ୟ ଗ୍ରାହକ କ୍ଳାନ୍ତ ହୋଇପଡ଼ିଲେ ବସିବା ପାଇଁ ପୋର୍ଟେବଲ୍ ଫୋଲ୍ଡିଂ ଚେୟାର୍, ବଜାରରେ ଖାଇବା ଦୋକାନ କିମ୍ବା ବିଲ୍ କାଉଣ୍ଟର ଆଗରେ ଲମ୍ବା ଲାଇନ୍‌ରେ ଛିଡ଼ା ହେବା ସହ ଗାଡ଼ି ପାର୍କିଂ କିମ୍ବା ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ସାଥିରେ ଯାଆନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀରେ ବିକଶିତ ହୋଇଥିବା ଏହି ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହି ଚିନ୍ତାଧାରା ପାଇଥିଲେ। ଦିଲ୍ଲୀର ଲାଜପତ ନଗର, ଚାନ୍ଦିନୀଚୌକ କିମ୍ବା ସରୋଜିନୀ ମାର୍କେଟ ଭଳି ସ୍ଥାନରେ ସପିଂ କରିବା ଏକ ଆନନ୍ଦଦାୟକ ଅନୁଭୂତି ହୋଇଥିଲେ ସୁଦ୍ଧା ପ୍ରବଳ ଭିଡ଼ ଓ ଭାରି ବ୍ୟାଗ୍ ଯୋଗୁଁ ଏହା ଶାରୀରିକ ଭାବେ ଅତ୍ୟନ୍ତ କ୍ଳାନ୍ତିକର ହୋଇଯାଏ। ବିଶେଷକରି ବୃଦ୍ଧବୃଦ୍ଧା, ଗର୍ଭବତୀ ଏବଂ ଛୋଟ ପିଲାଙ୍କୁ ଧରି ସପିଂ



କରୁଥିବା ମାତାପିତାଙ୍କ ପାଇଁ ଏହା ଏକ ଯୁଦ୍ଧ ଜିତିବା ସଦୃଶ। ଏହି ସମସ୍ୟାର ସମାଧାନ ପାଇଁ ନିକଟରେ ୨୦୨୬ ଅପ୍ରେଲ ମାସରେ ଲାଜପତ ନଗରର ସେଣ୍ଟ୍ରାଲ୍ ମାର୍କେଟ୍ (ଡୋଲ୍ମା ଆଣ୍ଟି ମୋମୋ ଦୋକାନ ସାମ୍ନାରେ) ଏହି ସେବାର ପ୍ରଥମ ବୁଥ୍ ସ୍ଥାପନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସପିଂରୁ ଶାରୀରିକ ଚାପ ଓ କ୍ଳାନ୍ତିକୁ ଦୂର କରି ଏହାକୁ ସହଜ ଓ ଆରାମଦାୟକ କରିବା।

ଏହା କୌଣସି ବିଳାସପୂର୍ଣ୍ଣ ସେବା ନୁହେଁ, ବରଂ ସହରୀ ଜୀବନରେ ଏକ ଅତି ଆବଶ୍ୟକୀୟ ବ୍ୟାବହାରିକ ସହାୟତା। ସ୍ଥାନୀୟ ଯୁବକ ବା ଛାତ୍ରମାନଙ୍କ ପାଇଁ ଏହା ଏକ ପାର୍ଟ-ଟାଇମ୍ କିମ୍ବା ଫୁଲ୍-ଟାଇମ୍ ସମ୍ମାନଜନକ ରୋଜଗାରର ମାଧ୍ୟମ ମଧ୍ୟ ସାଜିଛି, ଯେଉଁଥିରେ ସେମାନଙ୍କୁ ଦରମା ସହ କମିଶନ ମଧ୍ୟ ମିଳୁଛି। ସେବା ଆରମ୍ଭ ଓ ଶେଷ ସମୟରେ ମୋବାଇଲ୍‌କୁ ଓଟିପି ଓ ଇ-ରସିଦ୍ ଆସୁଥିବାରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ବିଶ୍ୱାସଯୋଗ୍ୟ। ପରିବର୍ତ୍ତନଶୀଳ ସହରୀ ଜୀବନରେ ଆମେ ପ୍ରତିଟି ଛୋଟ ଛୋଟ କାମକୁ ଆଉ କାହା ଦ୍ୱାରା କରାଇନେବାକୁ ପସନ୍ଦ କରୁଛୁ। ଖାଦ୍ୟ ବିତରଣ ଠାରୁ ଆରମ୍ଭ କରି ଘର ସଫା କରିବା ପର୍ଯ୍ୟନ୍ତ। ସେହିକ୍ରମରେ 'କ୍ୟାରୀମ୍ୟାନ୍' ହେଉଛି ଆଧୁନିକ ବଜାରର ଏକ ସମୟୋଚିତ ଉଦ୍ଭାବନ। ଏହି ସୁବିଧା ଆମର ଶାରୀରିକ ପରିଶ୍ରମ ଓ ବ୍ୟାଗ୍ ବୋହିବାର କଷ୍ଟକୁ କମାଇ ଦେଇପାରେ। କିନ୍ତୁ ଏକଥା ମଧ୍ୟ ସତ ଯେ, ପୂର୍ବରୁ ପରିବାର ସହ ସପିଂ କରିବା ସମୟରେ ବାପା କିମ୍ବା ସ୍ୱାମୀ ଯେଉଁଭଳି ଭାବେ ହସିହସି ସବୁ ବ୍ୟାଗ୍ ନିଜ ହାତକୁ ନେଇଯାଉଥିଲେ, ସେହି ସ୍ନେହ ଆଉ ଭାବପ୍ରବଣତାକୁ କୌଣସି ଷ୍ଟାର୍ଟଅପ୍ କେବେହେଲେ ଟଙ୍କା ବଦଳରେ ପ୍ୟାକେଜ୍ କରି ବିକ୍ରି କରିପାରିବ ନାହିଁ।

ସତ୍ୟବାଦୀ(ପୁରୀ),ମୋ: ୯୨୩୮୮୩୧୬୫୮

## ଆଦ୍ୟ ଯୌବନରେ ପୃଥୁଳତା ଓ ହୃଦ୍‌ରୋଗ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପୃଥୁଳତା ସହିତ ହୃଦ୍‌ରୋଗର ଆଶଙ୍କା ନିଶ୍ଚିତ। ଏପରିକି ବାଲ୍ୟକାଳରେ ମଧ୍ୟ 'ଶରୀର ଭାର ସୂଚକାଙ୍କ'(ବଡି ମାସ୍ ଇଣ୍ଡେକ୍ସ( ଅଧିକ ହେଲେ ଜୀବନର ପରବର୍ତ୍ତୀ କାଳରେ ତାହା ଏ ରୋଗର ଆଶଙ୍କା ସୃଷ୍ଟି କରେ। 'ଶରୀର ଭାର ସୂଚନା'ଙ୍କ ଗଣନା କରାଯାଏ କିଲୋଗ୍ରାମରେ ଶରୀରର ଓଜନକୁ ବର୍ଗମିଟରରେ ବ୍ୟକ୍ତିର ଉଚ୍ଚତାକୁ ବିଭାଜନ କରି। ଏହା ୧୮.୫ରୁ କମ୍ ରହିଲେ ବ୍ୟକ୍ତିଟି କମ୍ ଓଜନ ବିଶିଷ୍ଟ, ୧୮.୫ରୁ ୨୪.୯ ହେଲେ ସାଧାରଣ ବା ସୁସ୍ୱାସ୍ଥ୍ୟ ଫଳ, ୨୫ରୁ ୨୯.୯ ହେଲେ ଅଧିକ ଓଜନ ବିଶିଷ୍ଟ ଏବଂ ୩୦.୦ରୁ ଅଧିକ ହେଲେ ପୃଥୁଳକାୟ ବୋଲି ଧରାଯାଏ। କୌଣସି ବ୍ୟକ୍ତି ଶୈଶବ କାଳରେ ପୃଥୁଳକାୟ ହୋଇଥିଲେ ଏବଂ ତାହାକୁ ୮/୧୦ ବର୍ଷ ବୟସ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିଲେ ହୃଦରୋଗ ଆଶଙ୍କା ହ୍ରାସ ପାଏ। ଅନ୍ୟପକ୍ଷରେ, ଆଦ୍ୟ ଯୌବନ ପର୍ଯ୍ୟନ୍ତ ତାହା ପ୍ରସାରିତ ହେଲେ, ନତୁବା ସେହି କାଳରେ ଆରମ୍ଭ ହେଲେ ହୃଦ୍‌ରୋଗ ବିପତ୍ତି ଅନେକ ପରିମାଣରେ ବଢ଼ିଯାଏ।

୧୯୬୦-୧୯୬୮ ମସିହା ମଧ୍ୟରେ ଜନ୍ମିତ ୧, ୦୩, ୦୦୦ ଲୋକଙ୍କ ଉପରେ ହୋଇଥିବା ଏ ସମ୍ପର୍କିତ ଏକ ଅଧ୍ୟୟନ ନିକଟରେ (ଡିସେମ୍ବର ୨୦୨୫) ପ୍ରକାଶ ପାଇଛି। 'ଜର୍ଣ୍ଣାଲ ଅଫ୍ ଆମେରିକାନ ମେଡିକାଲ ଆସୋସିଏସନ -



ପେଡ଼ିଆଟ୍ରିକ୍ସ' ପତ୍ରିକାରେ। ଏଥିରେ ସ୍ୱିଡେନରେ କିଛି ଗବେଷକ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ପୁରାତନ ରେକର୍ଡରୁ ତାଙ୍କ ଉଚ୍ଚତା ଓ ଶରୀରର ଓଜନ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପରବର୍ତ୍ତୀ ଜୀବନରେ ତାହା କିପରି ହୃଦ୍‌ରୋଗ ସହିତ ସମ୍ପୃକ୍ତ ହୋଇଛି, ତାହା ନିର୍ଦ୍ଧାରଣ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଉଭୟ ଶୈଶବ ଏବଂ ଆଦ୍ୟ ଯୌବନ କାଳରେ ପୃଥୁଳକାୟ ହେବା ହୃଦ୍‌ରୋଗ ବିପତ୍ତି ଆଶଙ୍କାକୁ ତ୍ୱରାନ୍ୱିତ କରିଥାଏ। ତେବେ ଶୈଶବରୁ ତାହା ଅଧିକ ବୟସ ପର୍ଯ୍ୟନ୍ତ ପ୍ରସାରିତ ହେଲେ କିମ୍ବା ଆଦ୍ୟ ଯୌବନରେ ଆରମ୍ଭ ହେଲେ ଏ ଆଶଙ୍କା ଅଧିକ ହୋଇଥାଏ। ବିଶେଷକରି ଆଦ୍ୟ ଯୌବନରେ ପୃଥୁଳତାର ପ୍ରଭାବ ସର୍ବାଧିକ। ଏଣୁ ବର୍ତ୍ତମାନ କାଳରେ ସୁଷମ ଖାଦ୍ୟ ଓ ଶାରୀରିକ ଶ୍ରମ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିବା ଉପରେ ଗବେଷକମାନେ ଗୁରୁତ୍ୱ ଆରୋପ କରିଛନ୍ତି।

ଏହି ଗବେଷକମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ପ୍ରଫେସର ତଥା ବରିଷ୍ଠ ସ୍ୱାସ୍ଥ୍ୟ ବିଜ୍ଞାନୀ କ୍ଲାଏସ ଓହେସନ୍। ସେ କହନ୍ତି ଯେ, ଯୌବନର ପ୍ରାରମ୍ଭରେ ପୃଥୁଳତା କାହିଁକି ହୃଦ୍‌ରୋଗର ଆଶଙ୍କାକୁ ସର୍ବାଧିକ ବୃଦ୍ଧି କରେ ତାହା ଆଜି ଯାଏଁ ସମ୍ପୂର୍ଣ୍ଣ ରୂପେ ବ୍ୟାଖ୍ୟା କରିବା ସମ୍ଭବ ହୋଇପାରିନାହିଁ। ତେବେ ସମ୍ଭବତଃ ଏ ବୟସରେ କ୍ଷରିତ ହେଉଥିବା ମାତ୍ରାଧିକ ଯୌନ ହର୍ମୋନର ଏଥିରେ ଭୂମିକା ରହିଛି। ତାଙ୍କ ମତରେ ଏହା ଶରୀର ମଧ୍ୟରେ କୋଲେଷ୍ଟରଲର ବୃଦ୍ଧି ଘଟାଏ। ତେବେ ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାର କ୍ରିୟାବିଧି ନିର୍ଦ୍ଧାରିତ ହୋଇପାରିନାହିଁ। ତାହା କରିବା ପାଇଁ ସେ ଏବଂ ତାଙ୍କ ସହଯୋଗୀମାନେ ଗବେଷଣା ଚଳାଇଛନ୍ତି।

ସେମାନଙ୍କ ମତରେ ଏହି ଅଧ୍ୟୟନର ଫଳାଫଳ ପୃଥୁଳତାର ଚିକିତ୍ସା ମାଧ୍ୟମରେ ହୃଦ୍‌ରୋଗର ଆଶଙ୍କା ହ୍ରାସ ଦିଗରେ ନୂତନ ପଥ ଉନ୍ମୁକ୍ତ କରିବ। ବାଲ୍ୟକାଳଠାରୁ ଆରମ୍ଭ କରି ଆଦ୍ୟ ଯୌବନ ପର୍ଯ୍ୟନ୍ତ ସବୁ ସମୟରେ ଏହାର ନିରାକରଣ ଏହାଦ୍ୱାରା ସମ୍ଭବ ହୋଇପାରିବ। ଅତଏବ ହ୍ରାସ ପାଇବ ତଦ୍‌ଜନିତ ହୃଦ୍‌ରୋଗର ଆଶଙ୍କା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

# ଫେରାର୍ ପ୍ରେମିକକୁ ଖୋଜୁଛି ପୁଲିସ୍

କଟକ,୮ ।୬(ସମିସ): କଟକ କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣାରେ ଏବେ ନୂଆ ମୋଡ଼ ଆସିଛି। ଏହି ମାମଲାର ପର୍ଦ୍ଦାଫାଶ କରିବା ପାଇଁ କଟକ କମିଶନରେଟ୍ ପୁଲିସ ତନାଘନା ଜାରି ରଖିଥିବା ବେଳେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନେଦଓ ସୂଚନା ଦେଇ କହିଛନ୍ତି ଯେ, ଫେରାର୍ ଥିବା ଚନ୍ଦ୍ରିକାଙ୍କ ଓଏଏସ୍ ପ୍ରେମିକକୁ ଖୋଜିବା ପାଇଁ ପୁଲିସ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ତଦନ୍ତକାରୀ ଦଳକୁ ମିଳିଥିବା ସୂଚନା ମୁତାବକ, ଘଟଣା ଦିନ ଚନ୍ଦ୍ରିକା ଭୁବନେଶ୍ୱରରୁ ଏକ ଓଲା ଗାଡ଼ି ଭଡ଼ା କରି କଟକ ଉପକଣ୍ଠ ତ୍ରିଶୂଳିଆ ପର୍ଯ୍ୟନ୍ତ ଆସିଥିଲେ। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପୁଲିସ ତ୍ରିଶୂଳିଆ ବଜାର ଏବଂ ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍ ଜବତ କରି ଯାଞ୍ଚ ଚଳାଇଛି। ଏଥିସହ ଚନ୍ଦ୍ରିକାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରାଯାଇ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ତାଙ୍କ ମୋବାଇଲରୁ ମିଳିବାକୁ ଥିବା ଏସ୍‌ଏମ୍‌ଏସ୍ ଓ ହ୍ୱାଟର୍ସଆପ୍ ଚାଟିଂରୁ ହତ୍ୟାକାଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିବ ବୋଲି ଡିସିପି କହିଛନ୍ତି।

ଏହି ଘଟଣା ସହ ପରୋକ୍ଷରେ ସମ୍ପୃକ୍ତ ଥିବା ଅନ୍ୟ ସନ୍ଦିଗ୍ଧମାନଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ଅନ୍ୟପକ୍ଷରେ, ଚନ୍ଦ୍ରିକାଙ୍କ ମାମୁଁ ପୁଅ ଭାଇ ଭଗବାନ ହାଁସଦାଙ୍କ ଠାରୁ ଏହି ଘଟଣା ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ସେ କହିଛନ୍ତି ଯେ, ତାଙ୍କ ଭଉଣୀ ଚନ୍ଦ୍ରିକା ସବୁବେଳେ ଭାରି ହସଖୁସିରେ ରହୁଥିଲେ। ଘଟଣାର କିଛି ଦିନ ପୂର୍ବରୁ ସେ ଭୁବନେଶ୍ୱର ଯାଇଥିବା ବେଳେ ଦୁହେଁ ମିଶି ଫିଲ୍ମ ଦେଖିବାକୁ ଯିବେ ବୋଲି ଯୋଜନା କରିଥିଲେ। ମାତ୍ର ସେଦିନ ଚନ୍ଦ୍ରିକା ଅତ୍ୟନ୍ତ ଦୁଃଖରେ ବସିଥିଲେ। ଯେତେବେଳେ ଭାଇ ଭଗବାନ ଏହାର କାରଣ ପଚାରିଥିଲେ, ଚନ୍ଦ୍ରିକା ବହୁତ ଗମ୍ଭୀର ହୋଇ କହିଥିଲେ ଯେ, ଜୀବନରେ କାହାକୁ ସହଜରେ ବିଶ୍ୱାସ କରିବା କଥା ନୁହେଁ। କେବଳ ସେତିକି ନୁହେଁ, ନିଜ ନିର୍ବନ୍ଧ ଓ ବାହାଘରକୁ ନେଇ ବେଶ୍ ଉତ୍ସାହିତ ଥିବା ଚନ୍ଦ୍ରିକା କେମିତି ବିବାହ ଉତ୍ସବ ହେବ, ସେନେଇ ଭାଇଙ୍କ ସହ ଆଲୋଚନା ମଧ୍ୟ କରୁଥିଲେ। ସେ ଅନେକ ସମୟରେ ତାଙ୍କର ସେହି ଓଏଏସ୍ ପୁରୁଷ ବନ୍ଧୁଙ୍କ ସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଥିବା କଥା ମଧ୍ୟ ଭାଇ ସ୍ୱୀକାର କରିଛନ୍ତି। ଭଉଣୀ କଦାପି ଆତ୍ମହତ୍ୟା କରିପାରିବ ନାହିଁ। ସେ ସିଧାସଳଖ ଅଭିଯୋଗ ଆଣିଛନ୍ତି ଯେ, ଚନ୍ଦ୍ରିକାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ପାଇଁ ଶବକୁ କାଠଯୋଡ଼ି ନଦୀରେ ଫିଙ୍ଗି ଦିଆଯାଇଛି।

■ ନୂଆ ପ୍ରେମିକ ଓ ତାଙ୍କ ବାପାକୁ କରାଗଲା ଜେରା
■ ଭାଇ ଆଗରେ ବଡ଼ ଖୁଲାସା କରିଥିଲେ ଚନ୍ଦ୍ରିକା; ହତ୍ୟା ଅଭିଯୋଗ ଆଣିଲେ ପରିବାର
■ ତ୍ରିଶୂଳିଆରେ ଶେଷ ୧୦ମିନିଟ୍ କଲ୍ ରେକର୍ଡିଂରୁ ପୁଲିସ ପାଇଛି ମୃତ୍ୟୁର ରହସ୍ୟ

ମୋବାଇଲ୍ କଲ୍ ଡିଟେଲ୍ସ ରେକର୍ଡ ଅନୁଯାୟୀ, ମୃତଦେହ ମିଳିବାର ପୂର୍ବ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ, ଯେତେବେଳେ ଚନ୍ଦ୍ରିକା ତ୍ରିଶୂଳିଆ ଅଞ୍ଚଳରେ ଥିଲେ, ସେ ତାଙ୍କ ଓଏଏସ୍ ପ୍ରେମିକଙ୍କ ସହ ଦୀର୍ଘ ୧୦ ମିନିଟ୍ ପର୍ଯ୍ୟନ୍ତ ଫୋନ୍‌ରେ କଥା ହୋଇଥିଲେ। ଏହା ହିଁ ଥିଲା ଚନ୍ଦ୍ରିକାଙ୍କ ଜୀବନର ଶେଷ କଲ୍ ଏବଂ କଲ୍ କଟିବା ପରେ ତାଙ୍କ ଫୋନ୍ ସବୁଦିନ ପାଇଁ ସୁଇଚ୍ ଅଫ୍ ହୋଇଯାଇଥିଲା। ସମ୍ଭବତଃ ଏହି ଶେଷ କଲ୍ ପରେ ହିଁ ଚନ୍ଦ୍ରିକାଙ୍କ ସହ କୌଣସି ଜଘନ୍ୟ ଅଘଟଣ ଘଟିଥିବା ପୁଲିସ ସନ୍ଦେହ କରୁଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ହେଉଛି, ଚନ୍ଦ୍ରିକାଙ୍କ ସହ କଥାବାର୍ତ୍ତା ଶେଷ ହେବା ମାତ୍ରେ ଉକ୍ତ ଓଏଏସ୍ ବାବୁ ଜଣକ ତୁରନ୍ତ ଭୁବନେଶ୍ୱରରେ ରହୁଥିବା ତାଙ୍କର ଆଉ ଜଣେ "ନୂଆ ପ୍ରେମିକା"ଙ୍କୁ ଫୋନ୍ କରି ପ୍ରାୟ ୫ ମିନିଟ୍ ପର୍ଯ୍ୟନ୍ତ କଥା ହୋଇଥିଲେ। ବାରଙ୍ଗ ଥାନା ପୁଲିସ ଏହି ନୂଆ ପ୍ରେମିକାଙ୍କୁ ଆଣି ଜେରା କରିଥିବା ବେଳେ ସେ ଦୁହେଁ କେବଳ ସାଧାରଣ ବନ୍ଧୁ ବୋଲି କହି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଛନ୍ତି, ମାତ୍ର ପୁଲିସ ହାତରେ ଲାଗିଥିବା କଲ୍ ରେକର୍ଡର ସତ୍ୟତା କିଛି ନୂଆ ମୋଡ ନେଇଛି। ବର୍ତ୍ତମାନ ମୁଖ୍ୟ ଅଭିଯୁକ୍ତ ଓଏଏସ୍ ପ୍ରେମିକ ଫେରାର୍ ଥିବାରୁ ବାରଙ୍ଗ ପୁଲିସ ତାଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ଓଏଏସ୍ ବାବୁଙ୍କ ବାପା ଜଣେ ପୁଲିସ କନଷ୍ଟେବଲ୍ ଏବଂ ସେ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ଏକ ଥାନାରେ କାର୍ଯ୍ୟରତ ଅଛନ୍ତି। ପ୍ରେମ ପ୍ରତାରଣା ଏବଂ ତ୍ରିକୋଣୀୟ ପ୍ରେମ କାହାଣୀ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେଉଥିବା ବେଳେ, ପୁଲିସ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ବଜ୍ରପାତରେ ଦିଅର-ଭାଉଜ ମୃତ

ହିନ୍ଦୋଳ/ଖଜୁରିଆକଟା, ୮ ।୬(ସମିସ): ହିନ୍ଦୋଳ ଥାନା ବାଉଁଶପୋଖରୀ ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବନ୍ଧାଭୂଇଁ ଗ୍ରାମର ପୂର୍ବତନ ସଭାପତିଙ୍କ ସ୍ତ୍ରୀ ସୁବାସିନୀ ସାହୁ ଏବଂ ତାଙ୍କ ଦିଅର ଗଣିଆ ସାହୁ। ସୋମବାର ଅପରାହ୍ଣରେ ଅଚାନକ କାଳବୈଶାଖୀ ମାଡ଼ିଆସିଲା। ବିଜୁଳି ଘଡ଼ଘଡ଼ି ସହ ବର୍ଷା-ପବନ ହୋଇଥିଲା। ଏହି ସମୟରେ ସୁବାସିନୀ ଓ ଗଣିଆ ଆମ୍ବ ବଗିଚାରେ ଥିଲେ। ବର୍ଷା ଯୋଗୁଁ ଉଭୟ ଏକ ଗଛମୂଳରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ଉକ୍ତ ଗଛ ଉପରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକ ତାଲିକାରେ 'ଉତ୍କଳ'ର ୬ ଅଧ୍ୟାପକ

# କର୍କଟ ଔଷଧରୁ ସବୁଜ ଶକ୍ତି ପର୍ଯ୍ୟନ୍ତ ଗବେଷଣାକୁ ବିଶ୍ୱସ୍ତରରେ ମାନ୍ୟତା

ଭୁବନେଶ୍ୱର, ୮ ।୬(ସମିସ): ଗବେଷଣା ଓ ବୈଜ୍ଞାନ ପ୍ରତି ଅବଦାନ ଭିତ୍ତିରେ "ସାଇନ୍ସ-ରାଙ୍କ୍ ଗ୍ଲୋବାଲ୍ ରେଜିଷ୍ଟ୍ରି" ପ୍ରକାଶ ପାଇଥିବାବେଳେ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ୬ ଜଣ ଅଧ୍ୟାପକ ସ୍ଥାନ ପାଇଛନ୍ତି। ଭୂବିଜ୍ଞାନ ବିଭାଗର ପ୍ରାଧ୍ୟାପକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀଙ୍କ ସମେତ ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ନିଗମାନନ୍ଦ ଦାସ, ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ଜୟଦେବ ଦିଣ୍ଡା, ଉଦ୍ଭିଦ ବିଜ୍ଞାନ ବିଭାଗର ଏମେରିଟସ୍ ବୈଜ୍ଞାନିକ ପ୍ରଫେସର ଅନାଥ ବନ୍ଧୁ ଦାସ, ବିଶ୍ଳେଷଣାତ୍ମକ ଓ ପ୍ରାୟୋଗିକ ଅର୍ଥନୀତି ବିଭାଗର ଡ. ହିମାଂଶୁ ଶେଖର ରାଉତ ଏବଂ ବାୟୋଟେକ୍ନୋଲୋଜି ଓ ପ୍ରାଣୀବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଗଗନ ବିହାରୀ ନିତ୍ୟାନନ୍ଦ ଚଇନି ପ୍ରମୁଖ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏହି ପ୍ରାଧ୍ୟାପକମାନେ କର୍କଟ ରୋଗର ଔଷଧ ସମେତ ସବୁଜ ଶକ୍ତି, ଉଦ୍ଭିଦ ଜେନୋମ୍, ଅକ୍ସିଡେଟିଭ୍ ଷ୍ଟ୍ରେସ୍, ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ, ରେଡକ୍ସ ବାୟୋଲୋଜି ଏବଂ ଅର୍ଥନୈତିକ ସମୀକ୍ଷା କ୍ଷେତ୍ରରେ ରହିଥିବା ଅଗ୍ରଣୀ ଗବେଷଣା ବିଶ୍ୱସ୍ତରରେ ବହୁଳ ଭାବେ ଆଦୃତ ହୋଇଛି। କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଅଧ୍ୟାପକମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା ଉତ୍କଳ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଓ ନବସୃଜନ ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି କହିଛନ୍ତି।

## ଅବଶିଷ୍ଟାଂଶ

### ପ୍ରଳୟଙ୍କରୀ ଭୂକମ୍ପରେ...

ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଆମେରିକାର ଭୂକମ୍ପ ଏବଂ ସୁନାମି ନିରୀକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରାଯାଇଛି। ସମୁଦ୍ରରେ ଏକରୁ ତିନି ମିଟର ଉଚ୍ଚତାର ସୁନାମି ତରଙ୍ଗ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ଉପକୂଳବାସୀଙ୍କୁ ନିରାପଦ ଏବଂ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳ ପ୍ରଭାବିତ ଅଞ୍ଚଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ ସହ ସହାୟତା କାର୍ଯ୍ୟ ଜାରି ରଖିଛନ୍ତି।

### ମମତାଙ୍କୁ ଛାଡ଼ିଲେ...

ଅଛନ୍ତି। ଲୋକସଭାରେ ସଂସଦୀୟ ଦଳରେ ବିଭାଜନ ପାଇଁ ଦୁଇ ତୃତୀୟାଂଶ ସଭ୍ୟ (୧୯) ଆବଶ୍ୟକ ଥିବା ବେଳେ ୨୦ ଜଣ ସଭ୍ୟ ବିଦ୍ରୋହ କରିଛନ୍ତି। ତେଣୁ ସେମାନଙ୍କ ପ୍ରତି ଦଳବଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ। ସେହିଭଳି ରାଜ୍ୟସଭାରେ ମଧ୍ୟ ବିଦ୍ରୋହ ପାଇଁ ଯୋଜନା ଚାଲିଛି। ଦଳର ବରିଷ୍ଠ ସାଂସଦ ତଥା ରାଜ୍ୟସଭାର ମୁଖ୍ୟ ସଚେତକ ସୁଖେନ୍ଦୁ ଶେଖର ରାୟ ଆଜି ଉଭୟ ଟିଏମସିରୁ ଏବଂ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟସଭାରେ ଏବେ ଟିଏମସି ସାଂସଦ ସଂଖ୍ୟା ୧୨କୁ ହ୍ରାସ ପାଇଛି। ରାଜ୍ୟସଭାରେ ମଧ୍ୟ ୫ ଜଣ ସାଂସଦ ସୁଖେନ୍ଦୁଙ୍କୁ ସମର୍ଥନ କରୁଥିବା ଜଣାପଡ଼ିଛି। ସୁଖେନ୍ଦୁ ଶେଖର ରାୟ ଦଳୀୟ ମୁଖ୍ୟ ମମତା ବାନାର୍ଜୀଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ରାଜ୍ୟର ଶାସନ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗରେ ବ୍ୟାପକ ଦୁର୍ନୀତି, ନାରୀ ନିର୍ଯାତନା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଯୋଗୁଁ ଜନସାଧାରଣ ତୃଣମୂଳ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିସହ ସେ ଭାରତୀୟ ଜନତା ପାର୍ଟିର ସଫଳତା ଓ ବିକାଶମୂଳକ କାର୍ଯ୍ୟସୂଚୀକୁ ପ୍ରଶଂସା କରିଛନ୍ତି।

ଇତିମଧ୍ୟରେ ଟିଏମ୍‌ସିର ଲୋକସଭା ସାଂସଦ କିର୍ତି ଆଜାଦ କହିଛନ୍ତି ଯେ ଗତକାଲି ବିଜେପି ନେତା ଭୂପେନ୍ଦରଙ୍କ ଘରେ ଦଳର ୨୦ ଜଣ ସାଂସଦ ଉପସ୍ଥିତ ଥିଲେ ବୋଲି ଯାହା ପ୍ରଚାର କରାଯାଉଛି ସେଥିରେ ସତ୍ୟତା ନାହିଁ। ଏଥିରେ ଲୋକସଭାର ୧୨ ଏବଂ ରାଜ୍ୟସଭାର ଜଣେ ମାତ୍ର ସାଂସଦ ଥିଲେ। ବହୁସଂଖ୍ୟାରେ ସାଂସଦ ଟିଏମସି ଛାଡୁଛନ୍ତି ବୋଲି ବିଦ୍ରୋହୀମାନେ ପ୍ରଚାର କରୁଛନ୍ତି। ଏହାପଛରେ ବିଜେପିର ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ସପ୍ତାହ ରାଜ୍ୟରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଫାଳ ହୋଇଯାଇଥିଲା। ଦଳର ୮୦ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ମମତାଙ୍କ ବିରୋଧରେ ବିଦ୍ରୋହ କରି ଅଲଗା ଗୋଷ୍ଠୀ ଗଠନ କରିଛନ୍ତି। ପ୍ରଥମ ଥର ବିଧାୟକ ନିର୍ବାଚିତ ହୋଇଥିବା ରତବ୍ରତ ବାନାର୍ଜୀ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ଏବଂ ତାଙ୍କୁ ବିରୋଧୀ ଦଳ ନେତାର ମାନ୍ୟତା ମଧ୍ୟ ମିଳିସାରିଛି।

### ୬୨,୬୯୧ ଜଣଙ୍କୁ...

ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ଶ୍ରୀମୟୀ ପାଣିଗ୍ରାହୀ, ବି.କ୍ୟାଟରେ ଦେବ ମଣ୍ଡଳ, ଏମ୍ ଫାର୍ମରେ ଶ୍ୟାମସୁନ୍ଦର ବେହେରା, ଏମ୍.ଆର୍କରେ ସାଇ ଆର୍ଯ୍ୟ ଅନୁଷ୍କା ନାୟକ, ଏମ୍. ପ୍ଲାନରେ ସାଗରିକା ଆଚାର୍ଯ୍ୟ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଏମ୍‌ଟେକ୍ ବିଭାଗର ସମସ୍ତ ପାଠ୍ୟକ୍ରମ ପାଇଁ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ଘୋଷଣା କରିବା ସହ ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ପରିଶ୍ରମ ଓ ଅଧ୍ୟବସାୟକୁ ଅବ୍ୟାହତ ରଖିଲେ ଜୀବନରେ ସଫଳତା ମିଳିବ। ଜଣେ ସଫଳ ଓ ପ୍ରତିଷ୍ଠିତ ନାଗରିକ ହୋଇ ଓଡ଼ିଶାର ନାମକୁ ଦେଶ ଓ ବିଦେଶରେ ଅଧିକ ଋଦ୍ଧିମନ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ର୍‍ୟାଙ୍କ୍ ଅନୁଯାୟୀ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ପାଇଁ କାଉନସେଲିଂରେ ଅଂଶ ଗ୍ରହଣ କରିବେ। ଏହାପରେ ପ୍ରାୟ ୧୬ ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ହେବ। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପ୍ରବେଶିକା ପରୀକ୍ଷା ହୋଇଥିଲା। ରାଜ୍ୟର ସମସ୍ତ ଜିଲ୍ଲା ସମେତ କୋଲକାତା, ପାଟନା ଏବଂ ରାଞ୍ଚିର ପ୍ରାୟ ୯୯ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଓଜେଇଇ ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଅଧ୍ୟକ୍ଷ ଦେବପ୍ରକାଶ ଶତପଥୀ, ଓଜେଇଇ ସଚିବ ରଞ୍ଜନ କୁମାର ଜେନା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କାଉଁସେଲିଂ ସରିବା ପରେ ବଳକା ସିଟ୍‌ରେ ନାମଲେଖା ପାଇଁ ଜୁଲାଇ ତୃତୀୟ ସପ୍ତାହରେ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ସ୍ୱତନ୍ତ୍ର ଓଜେଇଇ) ଅନୁଷ୍ଠିତ କରିବାକୁ ଓଜେଇଇ ପ୍ରସ୍ତୁତି ଆରମ୍ଭ କରିଛି।

### ଶୋଇଥିବା ମା'-ଝିଅଙ୍କୁ...

ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲା। ପାଖ ପଡ଼ୋଶୀଙ୍କଠାରୁ ଖବର ପାଇ ରାତିରେ ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସାଇଣ୍ଟିଫିକ ଟିମ୍ ସହ ପୁଲିସ ତଦନ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଭାରପ୍ରାପ୍ତ ସଦର ଏସ୍‌ଡିପିଓ ଯୋଗେଶ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକଙ୍କ ସୂଚନା ଅନୁଯାୟୀ, ରାତିରେ ୧୧୨କୁ ପଡ଼ୋଶୀ ଅଜୟ ପଧାନ ଫୋନ କରି ଖବର ଦେଇଥିଲେ। ପ୍ରାଥମିକ ତଦନ୍ତରୁ ସେ ହତ୍ୟା କରିଥିବା ଅନୁମାନ କରି ତାଙ୍କୁ ଅଟକ ରଖାଯାଇଥିଲା। ଟାଙ୍ଗିଆରେ ମା'-ଝିଅଙ୍କୁ ହତ୍ୟା କରାଯାଇଛି। ଅଜୟକୁ ପୁଲିସ ଗିରଫ କରିଥିବା ବେଳେ ହତ୍ୟାର କାରଣ ଏବଂ ଅନ୍ୟ କେହି ସଂଶ୍ଳିଷ୍ଟ ଥିଲେ ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଏଏସ୍‌ପି କହିଛନ୍ତି।

### ବଦଳିବ ଉତ୍ତର ଓଡ଼ିଶାର...

ଜରୁରୀକାଳୀନ ସେବା ଓ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ। ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ। ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଓ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଓ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବିଧାୟକ ପ୍ରକାଶ ସୋରେନ, ଭାଦବ ହାଁସଦା, ଜଲେନ ନାଏକ, ସଞ୍ଜଲି ମୁର୍ମୁ, ପଦ୍ମଚରଣ ହାଇବୁରୁ ଓ ବିଧାୟକ ସନାତନ ବିଜୁଳିଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ବୁଢ଼ାନ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏହି ମେଗା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
32001/350/2627
Letter No. 1042 /MI.MKG, Date 05.06.2026

**1st Corrigendum of Tender**

**Corrigendum to Tender Call Notice No. SEMIDMKG-03/26-27, dated 27.05.2026 (Online)**

In partial modification of the Tender Call Notice No. **SEMIDMKG-03/26-27**, dated **27.05.2026**, the following correction may please be noted and treated as part of the original tender documents:

i) For **Sl. No. 4** of the tender notice, the class of contractor has been inadvertently mentioned as **"C" & "B" Class**. It shall be read as **"B" Class only**.

All other terms and conditions of the Tender Call Notice No. **SEMIDMKG-03/26-27**, dated **27.05.2026 (Online)** shall remain unchanged.

Any addendum/corrigendum/cancellation of tender can be seen in the website: www.tendersodisha.gov.in

Superintending Engineer
M.I. Division, Malkangiri

OIPR-32001/32556/1/26-27/0004

GOVERNMENT OF ODISHA 25001/362/2627
OFFICE OF THE SUPERINTENDING ENGINEER,
KALAHANDI RWS&S DIVISION, BHAWANIPATNA
e-mail: eerwsskld@gmail.com, eerwss_kld@nic.in
Phone No: 06670-230784

**INVITATION OF BID THROUGH e-TENDERING**
**Bid Identification No- 12/SE/RWSS/2026-27/Bpt Dated.04.06.2026**
**01. Name of the Work: As per ANNEXURE - A**

| Procurement Officer | Bid Identification No | Availability of Tender Online for Bidding (Office Hour Only) From | To | Date of Opening (Technical Bid) |
|---|---|---|---|---|
| Superintending Engineer, Kalahandi RWS&S Division, Bhawanipatna | 12/SE/RWSS/2026-27/Bpt Dated-04.06.2026 | 12.06.2026, 10.00 AM | 29.06.2026, 05.30 PM | 30.06.2026, 10.00 AM onwards |

**Cost of tender paper to be made online payment system.**
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.

Superintending Engineer,
Kalahandi RWS&S Division,
Bhawanipatna

OIPR-25001/25005/1/26-27/0004

GOVERNMENT OF ODISHA 34001/318/2627
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-05/2026-27/JYP(K)
No. 3637 Date: 06.06.2026

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work:** Road & Building Works as mentioned in DTCN.
2. **No. of Works:** 4 Nos.
3. **Estimated Cost:** Rs. 17.04 lakh to Rs. 25.61 lakh.
4. **Period of Completion:** 1 (One) to 12 (Twelve) Months.
5. **Date & Time of Bidding:** From 11:00 Hrs. of 11.06.2026 up to 17:00 Hrs. of 17.06.2026.
6. **Last Date & Time for Receipt of Bids in Portal:** 17:00 Hrs. of 17.06.2026.
7. **Opening of Bids:** 11:00 Hrs. of 18.06.2026.
8. **Name & Address of the Officer Inviting Bid:** Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

Superintending Engineer
Jeypore (R&B) Division, Jeypore

OIPR-34001/34027/1/26-27/0005

GOVERNMENT OF ODISHA 25001/354/2627
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
e-Procurement for Building works
Bid Identification No: EERWJYP – Online -03/2026-27

Letter No. 3026 Date: 04.06.2026

01. Name of the work :: Building works
02. Total Number of works :: 20 (Twenty) Nos.
03. Approximate Estimated cost :: Rs. 1.27 lakhs to Rs. 8.47 lakhs (approximately)
04. Class of Contractor : "D" Class & "C" Class
05. Period of Completion :: within 60 days
06. Other Details

| Procurement Officer | Bid Identification No. | Sl. No. of works in notice | Availability of Tender online for bidding From | To | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jeypore | Online Tender/03/RWD-JYP/2026-27 | 20 Nos. | 11.06.2026 at 10.00 A.M. | 20.06.2026 up to 5.00 P.M. | 19.06.2026 up to 1.30 P.M. | 22.06.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jeypore.

OIPR-25001/25160/1/26-27/0003

A.E.S. COLLEGE, TARBHA
At/Po- Tarbha, Dist- Subarnapur
WALK-IN-INTERVIEW

Interested eligible candidates are hereby advised to attend a Walk-in-Interview for selection of the following posts:

1. Lecturer in Physics (Guest Faculty) (PG Degree having 55%)
2. Lecturer in Education (Guest Faculty) (PG Degree having 55%)
3. Asst. Librarian (Contractual) (B.Lib Degree)

The Interview will be held in the Office of the **Principal, A.E.S. College, Tarbha, Dist-Subarnapur** at **10.00 am on dt. 25.06.2026.**
The undersigned reserves the rights to accept or cancel any or all of the candidatures without assigning any reason thereof.
**N.B.: No TA/DA will be provided for the same.**

Principal-cum-Secretary,
G.B., A.E.S. College, Tarbha

AFFIDAVIT
I RASHMITA PATRA, W/O ANIL KUMAR PATRA, resident of At- Gulipatna, PO/PS - Umarkote, Dist - Nabarangpur, Pin -764073, Odisha declare by this Affidavit No.2281, Dated - 08/06/2026, that now onwards I shall be known as JAMI RASMITA PATRA for all future purpose.

AFFIDAVIT
I, Rama Parida, aged about 74 years, S/o- Uday Parida, resident of At- Narayan Nagar, Kodala, Dist- Ganjam, PIN- 761032, Odisha declared by this affidavit No. 2022, dtd- 06/06/2026 that now onwards I shall be known as **RAMA CHANDRA PARIDA** for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, I JUHI SHANKER W/o Gautam Shanker,resident of Plot No-695/926, near Radhakrishna temple, BJB Nagar, Badagada, Bhubaneswar declare that my correct name is Juhi Shanker, which is reflected in my Aadhaar Card but before marriage my maiden name was Tillotama Mohanty, D/o Sudarsan Mohanty and consequent upon my marriage as per Hindu Rites and customs my name has been changed from Tillotama Mohanty D/o Sudarsan Mohanty to Juhi Shanker W/o Gautam Shanker. That my date of birth is 13.10.1975 as per my Aadhaar Card.That Tillotama Mohanty & Juhi Shanker is one and same person who is myself.

AFFIDAVIT
By virtue of an affidavit CF No.51 sworn before The Executive Magistrate, Bhubaneswar, dated: 08/06/2026, I, Pratima Samantaray, resident of Plot No.795/C, Jharapada, Near Bharati Bidya Mandira, Po-Budheswari, PS- Laxmisagar, Bhubaneswar, Dist-Khordha, PIN-751006, declare that I have changed the name of son from PRITI RANJAN SAMANTARAY to PREET RANJAN SAMANTARAY. Henceforth, he shall be known as **PREET RANJAN SAMANTARAY** for all purposes.

AFFIDAVIT
By virtue of an affidavit No.1658 sworn before Notary Public, Sambalpur Dtd.22.05.2026 I, Subhendu Kumar Purohit, S/o- Late Aswini Kumar Purohit, At- Shiv Vihar, Near Metakani Restaurant, Burla, PO- Jyoti Vihar, PS- Burla, Dist.- Sambalpur- 768019 declare that in some documents, my name mentioned as Subhendu Purohit instead of Subhendu Kumar Purohit which have mentioned in Aadhar No.509417093356. Both **Subhendu Kumar Purohit** and **Subhendu Purohit** is one and same person.

AFFIDAVIT
I, Subash Kumar Khuntia, aged about 63 years, S/o- Golak Bihari Khuntia, resident of At/Po- Gobara, Ps- Gurudijhatia, Dist-cuttack, Pin- 754028, Odisha do hereby declare by this affidavit No. 3486, dtd- 29/05/2026, that now onwards I shall be known as **SUBAS KUMAR KHUNTIA** for all future purposes.

AFFIDAVIT
By virtue of an Affidavit resident before Notary Public, Malkangiri, I Deepa Mistry, aged about 21 Years, W/o.: Debabrata Mistry, D/o.: Parimal Paramanik, of village: M.P.V-22, PO.: Kangurukonda, P.S.: Kalimela, Dist.: Malkangiri, Odisha declare by this Affidavit No.: 844/2026, Dated: 12/05/2026, That I have changed my name from **Deepa Paramanik to Deepa Mistry.** Henceforth I shall be known as **Deepa Mistry** for all future purposes.

AFFIDAVIT
I, Kangresa Nayak, aged about 42 years, S/o- Bhagirathi Nayak, resident of At/Po- Pudamari, Dist- Ganjam, PIN- 761014, Odisha declared by this affidavit No.367, dtd- 08/06/2025 that now onwards I shall be known as **KANGRESH NAYAK** for all future purposes.

AFFIDAVIT
By virtue of an affidavit before the Executive Magistrate, Kalampur, Dist.- Kalahandi, dtd. 08.06.2026, I, Ghasiram Majhi, At-Matikhal, Po-Mingur, P.S.- Kalampur, Dist.-Kalahandi, hereby declare that I have changed my daughter's name from "Hrudayani Majhi" to "Hrudayini Majhi". Henceforth she shall be known as **Hrudayini Majhi** for all purposes.
**Sd/- Ghasiram Majhi**

AFFIDAVIT
By virtue of an affidavit sworn before the Executive Magistrate Kaptipada. Udala on Dated 03rd June 2026, I, Mrs Kandini Murmu, W/o-Ratha Murmu, Address At- Jatiadangar, Po-Dimagadia, Ps- Udala, Dist-Mayurbhanj, State- Odisha, Pin-757101, Odisha, have changed my name from "Kalini Murmu" to "Kandini Murmu". Henceforth, I shall be known as **"Kandini Murmu"** for all purposes.
**"Kandini Murmu"**

AFFIDAVIT
**By virtue of an affidavit sworn before Notary Public, Bhubaneswar, my actual name is PRAMOD DAS in Aadhaar Card, but in my Metlife Policy name has been mentioned as PRAMOD BHOI. Hence, I declare that PRAMOD DAS & PRABOD BHOI both are one and same person for all purposes.**

AFFIDAVIT
By virtue of an affidavit sworn before the Executive Magistrate, Kesinga , Kalahandi on dt.23/12/2025, I Mangal Sing ,S/o - Sailandra Sing, Permanent Resident of At - Kesinga, word no 10, Po - Kesinga, Dist - Kalahandi , Odisha , PIN - 766012, Declared that I have Changed my name from Piter Kumar Kerketta to Mangal Sing. Henceforth ,I shall be Known as **Mangal Sing** for all Purposes.
**Sd/- Mangal sing**

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-284
**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ / ପୂର୍ବ ଏବଂ ମଣ୍ଡଳ ଯନ୍ତ୍ରୀ/କେନ୍ଦ୍ରୀୟ ପରିସୀମା ଅଧିନସ୍ଥ 7 ନନ୍-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଫାଟକରେ ସଙ୍କେତ ଓ ଦୂରସଂଚାର ସର୍ଭିସ୍ ରୁମ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 22,52,032.41, EMD : ₹ 45,100/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.06.2026ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକୋରିୟରା ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-222/R/26-27

AFFIDAVIT
By virtue of an affidavit before the Notary Public, Bhadrak, dtd. 21.05.2026, I, Sunima Jena, formerly known as Sunia JenaAt-Jayantara, P.O.-Sohada, P.S.-Dhamnagar, Dist.-Bhadrak, hereby declare that I have changed my name from Sunia Jena to Sunima Jena. Henceforth, I shall be known as **Sunima Jena** for all purposes.
**Sd/- Sunima Jena**

### ଝୁରୁଛନ୍ତି ସାଙ୍ଗସାଥୀ; ଝୁରୁଛି ଗାଁ

# ବାରୁଣୀ ଘାଟରେ ବାପ-ଝିଅଙ୍କ ଶେଷକୃତ୍ୟ ସମ୍ପନ୍ନ

ବାରିକପୁର,୮।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ଗ୍ରାମରେ ଗତ ରବିବାରଠାରୁ ଶୋକର ଛାୟା ଖେଳିଯାଇଛି। ଟ୍ରକ୍ ଧକ୍କା ଯୋଗୁଁ ବାପ-ଝିଅଙ୍କ ଅକାଳରେ ମୃତ୍ୟୁ ହୋଇଥିବା ଘଟଣା ଜଣାପଡ଼ିବା ପରେ ଗାଁ ନିସ୍ତବ୍ଧ ହୋଇଯାଇଛି। ବାପ-ଝିଅ ଦୁହିଁଙ୍କ ମୃତ୍ୟୁକୁ ଦୁଇଦିନ ବିତିଯାଇଥିବା ବେଳେ ଗାଁରେ ଏବେ ବି ଶୋକାକୁଳ ପରିବେଶ ଲାଗି ରହିଛି। ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଶୋକାକୁଳ ପରିବେଶରେ ବୈତରଣୀ ନଦୀ କୂଳରେ ଅବସ୍ଥିତ ବାରୁଣୀ ଘାଟ ଶ୍ମଶାନରେ ବାପ-ଝିଅଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ବ୍ରଜେନ୍ଦ୍ର ଦାସଙ୍କ ଏକମାତ୍ର ପୁଅ ମନୋଜ (୩୬)





ବାଲେଶ୍ୱରରେ ଏସି ମରାମତି ଦୋକାନ କରିଥିଲେ। ସ୍କୁଲ ଛୁଟି ଥିବାରୁ ମନୋଜଙ୍କ ପତ୍ନୀ ଓ ଛୋଟ ପୁଅ-ଝିଅ ଗାଁରୁ ୫/୬ ଦିନ ପୂର୍ବରୁ ବାଲେଶ୍ୱର ବୁଲିବାକୁ ଯାଇଥିଲେ। ରବିବାର ଦିନ ୧୨ଟା ୩୦ରେ ମନୋଜ ପୁଅ ଓ ସ୍ତ୍ରୀଙ୍କୁ ବସ୍ ଯୋଗେ ଘରକୁ ପଠାଇ ନିଜେ ୭ ବର୍ଷର ଝିଅ ସାଇଶ୍ରିଦ୍ଧିକୁ ବାଇକ୍‌ରେ ଧରି ଗାଁ ଅଭିମୁଖେ ଆସୁଥିଲେ। କିନ୍ତୁ ବାଟରେ ଜଗି ବସିଥିଲା କାଳଯମ। ୧୬ ନମ୍ବର ଜାତୀୟ ରାଜପଥର ସୋର ଉତ୍ତରେଶ୍ୱର ବସ୍ ଷ୍ଟପ୍ ନିକଟରେ ଏକ ଦ୍ରୁତଗାମୀ ମାଲ୍‌ବାହୀ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ବାପ-ଝିଅ ଦୁହିଁଙ୍କର ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ସହିତ ରାତିରେ ମୃତଶରୀର ଗାଁରେ ପହଞ୍ଚିବା ପରେ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପା-ଝିଅ ଦୁହିଁଙ୍କ ପାର୍ଥିବ ଶରୀରକୁ ଆତ୍ମୀୟସ୍ୱଜନ ବୈତରଣୀ ନଦୀ କୂଳରେ ଅବସ୍ଥିତ ବାରୁଣୀ ଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମନୋଜ ଜଣେ ମେଳାପୀ ଓ ମିଷ୍ଟଭାଷୀ ଯୁବକ ଥିଲେ। ସମସ୍ତଙ୍କ ପ୍ରିୟ ମନୁଆ ପାଇଁ ସାଙ୍ଗସାଥୀ ଝୁରୁଛନ୍ତି। ଗାଁ ସାହି ପଡ଼ିଶା ଦୁହିଁଙ୍କ ପାଇଁ ମଧ୍ୟ ଝୁରୁଛି। ହଠାତ୍ ଦୁର୍ଘଟଣାରେ ବାପ-ଝିଅଙ୍କ ଏଭଳି ମୃତ୍ୟୁ ହେବା ସମସ୍ତଙ୍କୁ ସ୍ତବ୍ଧ କରିଛି। ଏଭଳି ଦୁଃଖଦ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ୬ କୋଟିର ସାଇବର ଠକେଇ; ୩ ଗିରଫ





ଭଦ୍ରକ,୮।୬(ସମିସ): ଫୋନ୍ କଲ୍ ଆଉ ଓଟିପି ମାଧ୍ୟମରେ ବ୍ୟାଙ୍କ ଖାତାରୁ ନିମିଷକେ କରୁଥିଲେ ଟଙ୍କା ଗାୟବ। ଜମ୍‌ତରା ଷ୍ଟାଇଲ୍‌ରେ ଲୁଟ୍ କରୁଥିବା ଗୋଟିଏ ଗ୍ରୁପ୍‌ର ୩ ଜଣଙ୍କୁ ଗିରଫ କରିଛି ଭଦ୍ରକ ସାଇବର ଥାନା ପୁଲିସ। ୬ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଭଦ୍ରକ ଜିଲ୍ଲା ସାଇବର୍ କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ଏହି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏନାୟତ୍ କାଦ୍ରୀ, ସେହବାଜ୍ କାଦ୍ରୀ ଓ ଏମ୍‌ଡି ଫରହାନ ଖାନ୍। ସମସ୍ତେ ପୁରୁଣା ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ବିଭିନ୍ନ ଉପାୟରେ ଠକେଇ ଟଙ୍କାକୁ ବିନିଯୋଗ କରିଥିଲେ। ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ, ଏଟିଏମ୍ କାର୍ଡ ତଥ୍ୟ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଡାଟା ଆଦିକୁ ତଥ୍ୟ ଭାବେ ସାଇବର ପୁଲିସ ବ୍ୟବହାର କରି ଗ୍ୟାଙ୍ଗ୍ ନିକଟରେ ପହଞ୍ଚିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଡିଜିଟାଲ ଠକେଇରେ ଏମାନେ ସାମିଲ୍ ଥିଲେ। ତେବେ ସେମାନଙ୍କର ମାଷ୍ଟର ମାଇଣ୍ଡ ନିକଟରେ ପହଞ୍ଚିବା ପାଇଁ ପୁଲିସ ଚେଷ୍ଟା କରୁଛି। ଅନ୍ୟପଟେ ଏମାନଙ୍କ ନିକଟରୁ ଦାମୀ ବାଇକ୍, ନଗଦ ୨ ଲକ୍ଷ ଟଙ୍କା, ସୁନା ଗହଣା, ପ୍ରି ଆକ୍ଟିଭ୍ ସିମ୍, ବ୍ୟାଙ୍କ୍ ପାସବୁକ୍, ଚେକ୍ ବହି ଓ ଏଟିଏମ୍ କାର୍ଡ ସହ ବହୁ ଠକେଇ ସାମଗ୍ରୀ ଜବତ ହୋଇଛି ବୋଲି ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ପବନରେ ଉଡ଼ିଗଲା ଦୋକାନ ଛପର

ବାରିକପୁର,୮।୬(ସମିସ): ପ୍ରବଳ ଗ୍ରୀଷ୍ମ ଝାଞ୍ଜି ଭିତରେ କାଳବୈଶାଖୀ ଟିକିଏ ଆଶ୍ୱସ୍ତି ଦେଉଥିବାବେଳେ ଏଥିଯୋଗୁଁ ଅନେକ କ୍ଷୟକ୍ଷତି ମଧ୍ୟ ହେଉଛି। ଝଡ଼ ପବନ ଆରମ୍ଭ ହେଲେ ଲୋକେ ଭୟଭୀତ ହେଉଛନ୍ତି। କେଉଁଠି ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହେଉଛି ତ ପୁଣି କେଉଁଠି ବାସଗୃହ ଛପର ଉଡ଼ିଯାଉଛି। ଏହି ପରିପ୍ରେକ୍ଷୀରେ ଗତ ରବିବାର ସନ୍ଧ୍ୟାରେ



ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଶେଷ କରି ମାଳଦାଠାରୁ ସରସଦା ଓ ଜଗନ୍ନାଥ ପ୍ରସାଦଠାରୁ ବାଲିପୋଖରୀ ମଧ୍ୟରେ ପବନ ଝଡ଼ ଅଧିକ ଅନୁଭୂତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଇଁସିରା ଛକଠାରେ ପବନ ଯୋଗୁଁ ଏକ ମନ୍ଦିର ମୁଖଶାଳା କ୍ଷତିଗ୍ରସ୍ତ ହୋଇଛି। ଏହାଛଡ଼ା ଛକରେ ଥିବା ନନ୍ଦିନୀ ସାହୁଙ୍କ ରାସନ ଦୋକାନର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଏଥିରେ ଅନେକ ରାସନ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଛି। ବିଧବା ମହିଳା ଜଣକ ଛୋଟ ରାସନ ଦୋକାନ ଖଣ୍ଡିଏ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଅଦିନିଆ ବର୍ଷା ଝଡ଼ ତାଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏପରିସ୍ଥଳେ ମହିଳା ଜଣଙ୍କୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ୩ ମାସ ହେଲା ମିଳୁନି ଭତ୍ତା

ଦୋଳସାହି,୮।୬(ସମିସ): ତିହିଡ଼ି ବ୍ଲକ୍ ଅଧୀନ ୩୧ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ପ୍ରତି ମାସ ହାତାହାତି ହିତାଧିକାରୀଙ୍କୁ





ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯାଉଥିବା ଭତ୍ତା ଏବେ ୩ ମାସ ହେଲା ମିଳିନି। ଏନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ବ୍ଲକ୍‌ରେ ୩୧ ପଞ୍ଚାୟତରେ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ବର୍ଦ୍ଧିତ ଭତ୍ତା ପାଇଁ ୮୭ ଜଣ ଅପେକ୍ଷାରେ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ୩୬୨୫ ଜଣ ବ୍ୟକ୍ତି ଅନ୍ୟାନ୍ୟ ବର୍ଦ୍ଧିତ ଭତ୍ତା ପାଇବା ଅପେକ୍ଷାରେ ଥିବା ଜଣାଯାଇଛି। ସରକାର ତୁରନ୍ତ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳୁଛି।

## ଲାଲାବତୀଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ଦାନଗଦି,୮।୬(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତର ଫୁଲଝର ଗ୍ରାମର ଅସହାୟ ଲାଲାବତୀ ପୂର୍ତ୍ତୀଙ୍କ ଖବର ପ୍ରସାରିତ ପରେ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବାହ୍ନରେ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ପିଇଓ ସଂଯୁକ୍ତା ସାହୁ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତ ମିଶ୍ର, ଏମ୍‌ଆଇ ମହାଶ୍ୱେତା ଦାସ, ଆର୍‌ଆଇ ଗୋବର୍ଦ୍ଧନପୁର, ସ୍ଥାନୀୟ ସରପଞ୍ଚ ଶୁକଦେବ ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ ସାହୁ ତାଙ୍କ ଘରେ ପହଞ୍ଚି ଭୁଲରେ କଟିଯାଇଥିବା ରେସନ୍ କାର୍ଡ ବଦଳରେ ପୁନର୍ବାର ନୂତନ ରେସନକାର୍ଡ ସହିତ ୫୦କେଜି ଚାଉଳ ଲାଲାବତୀକୁ ପ୍ରଦାନ କରିଥିଲେ। ତତ୍‌ସହିତ ଭଙ୍ଗା ଘର ଉପରେ ନୂତନ ଜରିପାଲ ଦିଆଯାଇଥିଲା। ତାଙ୍କର ଅନ୍ତ୍ୟୋଦୟ ଯୋଜନାରେ ଏକ ସ୍ଥାୟୀ ଘର ଓ ଭତ୍ତା ଦେବା ପାଇଁ ବିଡିଓ ଶ୍ରୀଯୁକ୍ତ ସେଠୀ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ଜନତାର ଖାଦ୍ୟ, ବସ୍ତ୍ର ଓ ବାସଗୃହ ଏହି ମୌଳିକ ଅଧିକାର କିପରି ସମସ୍ତଙ୍କ ପାଖରେ ପହଞ୍ଚେଇବାର ସେ ଦିଗରେ ପ୍ରଶାସନ ନିଶ୍ଚୟ ଦୃଷ୍ଟି ଦେବ ଏପରି ଅନେକ ଲୋକ ସମାଜରେ ଅବହେଳିତ ଉପେକ୍ଷିତ ଲୋକେ ଅଛନ୍ତି ପଞ୍ଚାୟତର ଜନପ୍ରତିନିଧି ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଶୀଘ୍ର ସମାଧାନ ହୋଇପାରନ୍ତା। ଲାଲା ବତୀ ପୂର୍ତ୍ତୀ ରେସନକାର୍ଡ ପାଇଲା ପରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଭତ୍ତା ଓ ସ୍ଥାୟୀ ଘରଖଣ୍ଡେ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଜେନାପୁର,୮।୬(ସମିସ): ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜାଗାରେ ବେଆଇନ ଭାବରେ ବାଲିଘାଟ ତିଆରି କରି କିଛି ବାଲି ମାଫିଆ ଚୋରାରେ ବାଲିଚଲାଣ କରୁଛନ୍ତି। ବାଲି ତଥା ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ରାଜ୍ୟ ସରକାର ଟାସ୍କଫୋର୍ସ ଗଠନ କରି ପୁଲିସକୁ ଅଧିକାର ଦିଆଯାଇଥିବା ବେଳେ ଦୀର୍ଘ ଦିନ ଧରି ରାତିରେ ବ୍ରାହ୍ମଣୀ ନଦୀରୁ ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ ହେଉଥିବା ନେଇ କିପରି ପୁଲିସ ଜାଣିପାରୁନି ନଥିଲା। ତାହା ଏବେ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତେବେ ରବିବାର ବିଳମ୍ବିତ ରାତିରେ ଜେନାପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ତହସିଲ ଅଧୀନ ବାରକଣା ଠାରେ ଚାଲିଥିବା ଏକ ବେଆଇନ ବାଲିଘାଟରେ ଚଢ଼ଉ କରିଥିଲା। ଏହି ବାଲିଘାଟରୁ ପ୍ରାୟ ୪-୫ଟି ଟ୍ରାକ୍ଟର ବାଲି ଲୋଡ଼ କରି ଚୋରାଚାଲାଣ କରୁଥିବା ବେଳେ ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ ଓଡି୦୪କେ ୨୧୯୦)କୁ ଜବତ କରିଥିବା ବେଳେ ଏହାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଅନ୍ୟ ବାଲି ବୋଝେଇ ଟ୍ରାକ୍ଟର ଗୁଡିକୁ ଧରିବାରେ ସକ୍ଷମ ହୋଇନାହିଁ। ଉକ୍ତ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ୧୫୦/୨୬ରେ ଏକ ମାମଲା ରୁଜୁ କରି ଜେନାପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

### ■ ଅଟୋ ଚାଳକ ସଙ୍ଘ ଓ ଶଙ୍କର ପ୍ରସାଦ ସ୍ମୃତି ସଂସଦର ମିଳିତ ପ୍ରୟାସ

## ଧୂଷୁରୀ ବଜାରରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ

ଅସୁରାଳି,୮।୬(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ପଥଚାରୀ ଓ ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ପାଇଁ ଏକ ମହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ଶଙ୍କର ପ୍ରସାଦ ଦାସ ସ୍ମୃତି ସଂସଦ ଏବଂ ଧୂଷୁରୀ ଅଟୋ ଚାଳକ ସଙ୍ଘର ମିଳିତ ଆନୁକୂଲ୍ୟରେ ଧୂଷୁରୀ ବଜାରସ୍ଥିତ ଅଟୋ ଷ୍ଟାଣ୍ଡ ନିକଟରେ ପଥଚାରୀମାନଙ୍କୁ ଦହି ସରବତ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଧୂଷୁରୀ ଥାନା ଏସ୍‌ଆଇ ବୈଷ୍ଣବ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୂତାର, ପ୍ରଦୀପ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ, ନିରୋଦ ବେହେରା, ଡ. ଗିରିଶ ନାୟକ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟକୁ ଉତ୍ସାହିତ କରିଥିଲେ। ପୂର୍ବାହ୍ଣ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ବଜାରକୁ ଆସୁଥିବା ଖାଉଟି, ଦୀର୍ଘ ପଥ ଅତିକ୍ରମ କରୁଥିବା ପଥଚାରୀ, ଗରିବ ଖଟିଖିଆ ଏବଂ ଯାତ୍ରୀମାନଙ୍କୁ ପ୍ରସ୍ତୁତ ସୁଆଦିଆ ଥଣ୍ଡା ଦହି ସରବତ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସଙ୍କ ସମେତ ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁ, କପିଳଦେବ ବିଶ୍ୱାଳ, ଶରତ ମହାପାତ୍ର, ଧନେଶ୍ୱର ପାଣିଗ୍ରାହୀ, ରାଜା ସାହୁ, ବ୍ରଜ ମୋହନ କର, ଯଯାତି କେଶରୀ ପ୍ରଧାନ, ଗୋବିନ୍ଦ ନାଥ, ସତ୍ୟମୂର୍ତ୍ତି ବେହେରା, ତରଣୀ ନାଥ, ବାବୁଲି ମାଝୀ ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିଥିଲେ।



### ଧର୍ମଶାଳା ଡିଫା କପ ଫୁଟବଲଟୁର୍ଣ୍ଣାମେଣ୍ଟ

## ସେମିରେ ୟୁନାଇଟେଡ୍ କ୍ଲବ୍ ଭଦ୍ରକ



ଧର୍ମଶାଳା,୮।୬(ସମିସ): ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ୨୮ ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆଜି ୟୁନାଇଟେଡ କ୍ଲବ ଭଦ୍ରକ ୩-୦ ଗୋଲରେ ବିଜୟୀ ହୋଇଛି। ଆଜି ୟୁନାଇଟେଡ କ୍ଲବ ଭଦ୍ରକ ଓ ଆୟୋଜକ ଡିଫା କ୍ଲବ ଧର୍ମଶାଳା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନାଇଟେଡ କ୍ଲବ ୩-୦ ଗୋଲରେ ଡିଫାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଅତିଥି ଭାବେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଜିତ କୁମାର ସାହୁ ଓ କ୍ରୀଡ଼ାବିତ ଅଶୋକ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ଥିଲା। ଖେଳର ପ୍ରଥମାର୍ଦ୍ଧରେ ଭଦ୍ରକ ଟିମର ନାରାୟଣ ହୁ ପ୍ରଥମ ଗୋଲ ଦେଇଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ଗୌରାଙ୍ଗ ନାୟକ ଓ କ୍ରୀଷ୍ଟା ହେମ୍ବ୍ରମ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଆଜିର ମ୍ୟାଚରେ ଭଦ୍ରକ ୟୁନାଇଟେଡ କ୍ଲବର ସୁଜିତ ବାଲାଙ୍କୁ ମ୍ୟାନ ଅଫଦିମ୍ୟାଚ ଘୋଷଣା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚକୁ ଅବଦୁଲ ମାଟିନ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ଚିତରଂଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ବିନୟ ସାହୁ ଉପସ୍ଥିତ ରହିଥିଲେ। ଆସନ୍ତାକାଲି କେସିଏଫ୍ କୋଲକତା ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

### ପେଟ୍ରୋଲ ପମ୍ପ୍ ଲୁଟ ଉଦ୍ୟମ ବିଫଳ

# ୬ ଡକାୟତ ଗିରଫ; ୪ ମୋବାଇଲ ଫୋନ ଜବତ

ବ୍ୟାସନଗର,୮।୬(ସମିସ): ବ୍ୟାସନଗର ସହରରେ ଥିବା ଏକ ପେଟ୍ରୋଲ ପମ୍ପ ଲୁଟ କରିବା ପାଇଁ ନକ୍ସା ପ୍ରସ୍ତୁତ କରୁଥିବା ବେଳେ ଗତ ରବିବାର ବିଳମ୍ବିତ ରାତିରେ ବ୍ୟାସ ସରୋବର ପଡ଼ିଆରୁ ଯାଜପୁର ରୋଡ ପୁଲିସ ୬ ଜଣ ଡକାୟତକୁ ଗିରଫ କରିବା ସହିତ ଡକାୟତ ଯୋଜନାକୁ ଫଣ୍ଡ କରିବାରେ ସଫଳ ହୋଇଛି। ଏସ୍‌ଆଇ କେଶବ ଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ଦ୍ୱାରା ଗିରଫ ଡକାୟତମାନେ ହେଲେ ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦି ଗ୍ରାମର ପପୁ ସେଠୀ (୨୫), ସେହି ଗ୍ରାମର ଲିଟୁ ମହାକୁଡ଼ (୨୩), ସାପଗାଡ଼ିଆ ଗ୍ରାମର ଜୟଦେବ ମଣ୍ଡଳ (୩୦), ସେହି ଗ୍ରାମର ଏସ୍‌କେ ଲାଲୁ (୨୬), ରାଛିପୁର ଗ୍ରାମର ଲକ୍ଷ୍ମଣ ଓଝା(୨୩), ପଦ୍ମପୁର ଗ୍ରାମର ଅଜୁ ଦାସ (୪୦)



କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୪ଟି ମୋବାଇଲ, ଲୁହା ବ୍ଲେଡ, କତା, ୩ଟି ଠେଙ୍ଗା, ୪ଟି ଲୁହା ରଡ, ମଦ ବୋତଲ, ପାଣି ବୋତଲ, ଦିଆସିଲି, ନଗଦ ୪୧୦ ଟଙ୍କା ଜବତ କରିଛି। ଦୁଇଦିନ ତଳେ ବ୍ୟାସ ସରୋବର ଜଗନ୍ନାଥ ମନ୍ଦିର କାର୍ଯ୍ୟ ଚାଲୁଥିବା ବେଳେ ଲୁହା ରଡ଼ ଆଦି ବିଭିନ୍ନ ସମାଗ୍ରୀ ଚୋରି ହୋଇଥିବା ନେଇ କାଉନସିଲର ଅଶୋକ ରାଉତ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଗତ ରବିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ଡକାୟତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ଅବ୍‌ଦୁଲ ହାକିମଙ୍କୁ ଡକ୍ଟରେଟ୍ ଆୱାର୍ଡ

ଧାମନଗର,୮।୬(ସମିସ): ଆମେରିକାନ୍ ମେରିଟ୍ କାଉନ୍‌ସିଲ୍ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନ ପରିସରରେ ଆୟୋଜିତ ଜ୍ଞାନଦାନ ଅନରାରୀ ଡକ୍ଟରେଟ୍ ଆୱାର୍ଡ ଫାଉଣ୍ଡେସନ ତରଫରୁ ହୁସନାରା ହାକିମ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ଶିକ୍ଷାବିତ୍ ଶେଖ୍ ଅବ୍‌ଦୁଲ ହାକିମ୍(ଗୋରା ସାର୍)ଙ୍କୁ ମାନପତ୍ର, ଉପଢୌକନ ସହ





ଡକ୍ଟରେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଧାମନଗର ସହରାଞ୍ଚଳରେ ଥିବା ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଦ୍ରାସା ଗୌସିୟା ରୌଫିୟାର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ତଥା ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ଏବଂ ବରିଷ୍ଠ ନାଗରିକ ପରିଷଦର ଉପସଭାପତି ଶେଖ୍ ଅବ୍‌ଦୁଲ ହାକିମଙ୍କୁ ପୂର୍ବରୁ ଧାମନଗର ମହୋତ୍ସବ ସହିତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

## ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଦଶରଥପୁର/କୟାଁଗୋଲା,୮।୬(ସମିସ): ରାଜ୍ୟରେ ଅହେତୁକ ଦରଦାମ ବୃଦ୍ଧି, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ଓ ବାରମ୍ବାର ସରକାରୀ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଥାଳକୁଡି ମଣ୍ଡପ ଠାରୁ ମଙ୍ଗଳପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶତାଧିକ କଂଗ୍ରେସ କର୍ମୀ ସରକାର ବିରୋଧୀ ସ୍ଲୋଗାନ ଦେଇ ମଙ୍ଗଳପୁର ବଜାର ପରିକ୍ରମା କରିଥିଲେ। ସରକାର ଦର ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ନେତା ସନ୍ତୋଷ ନନ୍ଦ ଅଭିଯୋଗ କରିଥିଲେ। ସେହିପରି ରାଜ୍ୟରେ ମହିଳା ନିର୍ଯାତନା, ହତ୍ୟା, ଲୁଟ୍ ଭଳି ଘଟଣା ବଢ଼ି ଚାଲିଛି। ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଅପରାଧୀମାନେ ବେଫିକର ହୋଇ ଅପରାଧ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର କର, ସରପଞ୍ଚ ଲିପିକା ମଲିକ, ରୁଦ୍ର ନାରାୟଣ ସାହୁ, ଚନ୍ଦ୍ର ନାରାୟଣ ଦାସ, ରବି ନାରାୟଣ ଜେନା, ବିମଳ ମଲିକ, ସାଗର ରଞ୍ଜନ ପରିଡା, ବୃନ୍ଦାବନ ଜେନା, ଶେଖର ସମ୍ବିତ ଧଳ, ରବି ସ୍ୱାଇଁ, ଉମେଶ ଜେନା, ଅଜିତ ମହାନ୍ତି, ରାଜୀବ ମଲିକ, ସୌମ୍ୟ ରଞ୍ଜନ ବେହେରା, ଅନନ୍ତ ନାରାୟଣ ଜେନା, ମଦନ ମଲିକ, ଉତ୍ତମ ଜେନା, ଅନିରୁଦ୍ଧ କୁଣ୍ଡୁ, ପାଣ୍ଡବ ମଲିକ, ଅମୀୟ ଦାସ, କୃପାସିନ୍ଧୁ ମଲିକ, ଯୁବରାଜ ମଲିକ, ଅକ୍ଷୟ ନାୟକ, ଜ୍ୟୋତି ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ

ବରୀ,୮।୬(ସମିସ): ବରୀ ବ୍ଲକ ଅନ୍ତର୍ଗତ କିମ୍ପିରିଆପାଳ ପଞ୍ଚାୟତର ଏମ୍‌ଡିଆର ୧୪ ଠାରୁ କିମ୍ପିରିଆପାଳ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ହୋଇଯାଇଛି। ଦୀର୍ଘଦିନ ଧରି ଉକ୍ତ ରାସ୍ତାରେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାପରେ ଉକ୍ତ ରାସ୍ତାଟିକୁ ସମ୍ପ୍ରସାରଣ କରିବା



ପାଇଁ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ଉଦ୍ୟମ କ୍ରମେ ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହେବାପରେ ଏହାକୁ ବିଧାୟକ ଆନୁଷ୍ଠାନିକ ଭାବେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଆଜି ବିଧାୟକ ସଙ୍କାରିଗଡା ଠାରେ ପହଞ୍ଚିବା ପରେ ଏହି ପଞ୍ଚାୟତର ଶତାଧିକ ମହିଳା ଓ ଅଞ୍ଚଳବାସୀ ମାନେ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ବିଧାୟକଙ୍କ ସମେତ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲାପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ସରପଞ୍ଚ ହରପ୍ରିୟା ସାହୁ, ପ୍ରସନ୍ନ ସାମଲ, ଟିକ ମଲିକ, ଅଭିମନ୍ୟୁ ସାହୁ ପ୍ରମୁଖ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ବନ୍ଧଡିହ ବିଦ୍ୟାଳୟରେ ଗୁରୁ ପୂଜନ କାର୍ଯ୍ୟକ୍ରମ

ବ୍ରହ୍ମବରଦା,୮।୬(ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ସ୍ଥିତ ବନ୍ଧଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିରଞ୍ଚି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଯଶୋବନ୍ତ ଲେଙ୍କା ଯୋଗ ଦେଇଥିଲେ। ଉକ୍ରଳ କେଶରୀ ନାୟକଙ୍କ ନେତୃତ୍ୱରେ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଆଚାର୍ଯ୍ୟଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜୀବ ବେହେରା, ଶିକ୍ଷକ ଭାସ୍କର ପଣ୍ଡା, ରବିନ୍ଦ୍ର ଦାସ, ଇନ୍ଦ୍ରମଣି ନାୟକ, ଶରତ ବେହେରା, ସୀତାନାଥ ସାମଲ, ଦୟାନିଧି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉପସ୍ଥିତ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିବା ସହ ଗୁରୁପୂଜନ କରାଯାଇଥିଲା। ପରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଂଗ୍ରାମ ସାହୁ, କାଶୀନାଥ ବେହେରା ପ୍ରମୁଖ ନିଜ ନିଜ ପରିବାର ସହ ଯୋଗଦେଇଥିଲେ।

## ନାନ୍ଦୀମୁଖର ଅନ୍ତଃସ୍ୱର ପୁସ୍ତକର ଲୋକାର୍ପଣ



ଭଦ୍ରକ,୮।୬(ସମିସ): ପ୍ରତ୍ୟେକ ପୁସ୍ତକର ମୁଖବନ୍ଧ ଠିକ୍ ବିବାହ ଉତ୍ସବର ନାନ୍ଦୀମୁଖ ଭଳି। ପତ୍ରିକା ବା ଯେ କୌଣସି ବହିର ସମ୍ପାଦକୀୟ ମୁଖବନ୍ଧଗୁଡ଼ିକ ବେଶ୍ ଚିନ୍ତା ଓ ଚେତନା ଉଦ୍ରେକକାରୀ ସାରସ୍ୱତ ପ୍ରସଙ୍ଗର ଅବତାରଣା କରିଥାଏ। ସେ ଦୃଷ୍ଟିରୁ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଂକଳିତ ଗଦ୍ୟ ସଂକଳନ ନାନ୍ଦୀମୁଖର ଅନ୍ତଃସ୍ୱର ସାରସ୍ୱତ ଜଗତକୁ ଏକ ଭିନ୍ନ ଅବଦାନ ବୋଲି ପ୍ରେମ ପୃଥିବୀ ପରିବାର ଓ ଟାଇମ୍‌ପାସ୍ ପକ୍ଷରୁ ଆୟୋଜିତ ପୁସ୍ତକ ପର୍ବରେ ମତ ପ୍ରକାଶ ପାଇଛି। ଆରଡ଼ିଛକ ସ୍ଥିତ ପ୍ରେମନଗରଠାରେ ଆୟୋଜିତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରାବନ୍ଧିକ ଡ. ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା, ସାହିତ୍ୟାନୁରାଗୀ କର୍ଣ୍ଣେଲ ଶରତ ମହାପାତ୍ର ସମ୍ମାନିତ ବକ୍ତା, ଡ. ପ୍ରମୋଦ କୁମାର ନାୟକ ସମୀକ୍ଷକ ଭାବେ ଯୋଗଦେଇଥିଲେ। ଟାଇମ୍‌ପାସ୍‌ର ପ୍ରକାଶକ ତଥା ଲେଖକ ସରୋଜ ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ସ୍ୱାଗତ ସମ୍ଭାଷଣ ଏବଂ କବୟିତ୍ରୀ ସଂଯୁକ୍ତା ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନାନ୍ଦୀମୁଖର ଅନ୍ତଃସ୍ୱର ସହ ପ୍ରେମ ପୃଥିବୀର ୨୦୨୬ ବିଶେଷାଙ୍କ ଲୋକାର୍ପିତ ହେବା ସହ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡ. ଶଶଧର ଦାସ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରଫେସର ବାସୁଦେବ ବାରିକ, ଡ. ଗୋଲକ ବିହାରୀ ସାହୁ, ଡ. ରାମଚନ୍ଦ୍ର ପଣ୍ଡା ପ୍ରମୁଖ ପ୍ରକାଶିତ ପୁସ୍ତକ ଓ ଲେଖକଙ୍କୁ ସୁମନାସ ଜଣାଇଥିଲେ। ଶେଷରେ ଅଭିଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନ୍ନପୂର୍ଣ୍ଣା ପଣ୍ଡା, ଅବିନାଶ ପଣ୍ଡା, ବିଜୟ କୁମାର ବହଳି, ଯୋଗ୍ୟଶ୍ରୀ ସାମଲ, ବାଦଲ ମହାପାତ୍ର ଓ ଅନୁରାଧା ପଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ।

## ପଣ୍ଡିତ ପିତାମ୍ବର ଦାସଙ୍କ ଦ୍ୱାଦଶାହ ଓ ସ୍ମୃତିସଭା



ତିହିଡ଼ି,୮।୬(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ନୂଆନନ୍ଦ ପଞ୍ଚାୟତର ଜଣେ ପରମ ଆଧ୍ୟାତ୍ମିକବାଦୀ ସାଧକ, ପଣ୍ଡିତ ସମସ୍ତଙ୍କର ପ୍ରିୟ ଶ୍ରଦ୍ଧେୟ ପିତାମ୍ବର ଦାସ। ସୋମବାର ତାଙ୍କର ଦ୍ୱାଦଶାହ ଓ ସ୍ମୃତିସଭା ଅବସରରେ ତାଙ୍କର ସ୍ମୃତିଚାରଣ କରାଯାଇଛି। "ଏ ମାଟିରୁ ଶରୀର ଚାଲିଯାଏ ସତ, କିନ୍ତୁ ଜଣେ ସାଧକର ସାଧନା, ତାଙ୍କର ଆଧ୍ୟାତ୍ମିକ ଚେତନା ଏବଂ ସତ୍‌କର୍ମ ସଦାସର୍ବଦା ଅମର ହୋଇ ରହିଥାଏ। ପିତାମ୍ବର ବାବୁ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏହି ଅଞ୍ଚଳର ଆଧ୍ୟାତ୍ମିକତାର ଏକ ଜାଜ୍ୱଲ୍ୟମାନ ପ୍ରଦୀପ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ସ୍ମୃତିଚାରଣ ସଭାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମଞ୍ଚାସୀନ ହୋଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଏହି ସ୍ମୃତିସଭାର ଶୁଭାରମ୍ଭ କରିଥିଲେ। ସେହି ମହାନ୍ ଆତ୍ମାର ସଦ୍‌ଗତି ଏବଂ ବୈକୁଣ୍ଠପ୍ରାପ୍ତି ନିମନ୍ତେ ସଭାଗୃହରେ ଉପସ୍ଥିତ ସମସ୍ତ ସଜ୍ଜନମଣ୍ଡଳୀ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିଥିଲେ। ନୂଆନନ୍ଦ ଗ୍ରାମ ପଞ୍ଚାୟତ ମାଟିରେ ଜନ୍ମିତ ପିତାମ୍ବର ଦାସ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ଜଣେ ବିଜ୍ଞ କାଳୀ ସାଧକ, ଧର୍ମପରାୟଣ ତଥା ସମାଜବୃତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେ ସୁପରିଚିତ ଥିଲେ। ଜୀବନରେ ମୂଲ୍ୟବୋଧ କେମିତି ରକ୍ଷା କରାଯାଏ ଏବଂ ସମାଜସେବାରେ ନିଜକୁ କେମିତି ଉତ୍ସର୍ଗ କରାଯାଏ, ତାହା ତାଙ୍କ ଜୀବନୀରୁ ଶିଖିବାକୁ ମିଳେ। ତାଙ୍କର ଶୂନ୍ୟସ୍ଥାନ ପୂରଣ ହେବା ଅସମ୍ଭବ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ତିହିଡ଼ି ବିଜେଡି ବ୍ଲକ୍ ସଭାପତି ସୁରେନ୍ଦ୍ର ନାୟକ, ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ବିଜେଡି ନେତା ଡ. ସଞ୍ଜୟ କୁମାର ଦାସ, ପୂର୍ବତନ ତିହିଡ଼ି ବ୍ଲକ୍ ଚେୟାରମ୍ୟାନ ବିଦ୍ୟୁତ୍‌ଲତା ନାୟକ, ସଂଗ୍ରାମ ଦାସ, ଯୁବ ସାମ୍ବାଦିକ ଯଯାତି କେଶରୀ ଦାସ, ପୂର୍ବତନ ସରପଞ୍ଚ ଶରତ ମଲ୍ଲିକ, କୀର୍ତ୍ତନ ରାଉତ, ବିଷ୍ଣୁ କହଁର, ବିଜୟ କୁମାର ସେଠୀ, ସରପଞ୍ଚ ନିହାରିକା ବିଶ୍ୱାଳ, ତାପସ ବେହେରା, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ଧର୍ମାନନ୍ଦ ବେହେରା, ଅମର ସେନାପତି, ଭକ୍ତ ହରି ମଳିକ, ବିଶ୍ୱଜିତ୍ ବେହେରା, ଅନିରୁଦ୍ଧ ବାରିକ, ରଘୁନାଥ ମଳିକ, ଦଳିତ କେଶରୀ ଦାସ, ସଙ୍ଗୀତ ଶିକ୍ଷକ ରାମାନୁଜ ଦାଶ ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ବନ୍ତ/ଆଗରପଡ଼ା,୮।୬(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୬୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୩ଟି ଅଭିଯୋଗ ରହିଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୩ ଜଣ ଅଭିଯୋଗକାରୀଙ୍କୁ ମୋଟ ୯ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ୍ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### କାଦବରାଙ୍ଗ ହାଇସ୍କୁଲରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ଶିକ୍ଷା ବର୍ଷର ପାଠପଢ଼ା

# ଯୁକ୍ତ ୨ ମାନ୍ୟତା; ଶ୍ରେଣୀଗୃହ ସମସ୍ୟାର ସମାଧାନ ହେଉନି

ବନ୍ତ/ଆଗରପଡ଼ା,୮।୬(ସମିସ)

ଆଉ ମାତ୍ର କିଛି ଦିନ ପରେ ଆରମ୍ଭ ହେବ ଆଉ ଏକ ନୂତନ ଶିକ୍ଷା ବର୍ଷର ପାଠପଢ଼ା। କିନ୍ତୁ ଯୁକ୍ତ ୨ ମାନ୍ୟତାପ୍ରାପ୍ତ ହାଇସ୍କୁଲରେ ପିଲାଙ୍କ ଶୈକ୍ଷିକ ବାତାବରଣରେ କୋ÷ଣସି ପରିବର୍ତ୍ତନ ହୋଇପାରିଲା ନାହିଁ କି ଶ୍ରେଣୀଗୃହ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡାଲ ହାଇସ୍କୁଲଠାରେ। ଗୃହ ସମସ୍ୟା ଯୋଗୁଁ ଯୁକ୍ତ ୨ରେ ପାଠପଢ଼ାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ଦେଖାଦେଇଛି।

ବନ୍ତ ବ୍ଲକ୍ କାଦବରାଙ୍ଗ ନୋଡାଲ ହାଇସ୍କୁଲ ଯୁକ୍ତ ୨ ମାନ୍ୟତା ପାଇବା ପରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୭୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ୨ କଳାରେ ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ତର୍କ ଶାସ୍ତ୍ର ଆଦି ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ। ଉକ୍ତ ୭୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୩ ଜଣ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇ ଯୁକ୍ତ ଦୁଇ କଳା ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୭୧ ଜଣ ପରୀକ୍ଷା ଦେଇଥିଲେ। ସଦ୍ୟ ପ୍ରକାଶିତ ଫଳାଫଳ ଅନୁଯାୟୀ, ୨୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ



ହୋଇଥିବାବେଳେ କିରଣମୟୀ ପରିଡ଼ା ସର୍ବୋଚ୍ଚ ୫୧୨ ନମ୍ବର ରଖି ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ୨ୟ ଶ୍ରେଣୀରେ ମୋଟ୍ ୧୭ଜଣ ଓ ୩ୟ ଶ୍ରେଣୀରେ ୧୯ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ପ୍ରଥମ ଥର ପରୀକ୍ଷା ଦେଇ ସଫଳତାର ସ୍ୱାଦ ଚାଖିଥିବା ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ୭୮ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ଜଣାପଡ଼ିଛି। ତେଣୁ ୨୦୨୬-୨୭ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଯାଉଥିବାବେଳେ ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଛି। ଛାତ୍ରଛାତ୍ରୀ କିପରି ଉତ୍ତମ ଶିକ୍ଷାଲାଭ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରେଣୀଗୃହ ସମସ୍ୟାକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିବା ପରେ ଗତ ବର୍ଷ ଅଗଷ୍ଟ ମାସରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପର୍ଯ୍ୟାଲୋଚନା ପରେ ଗୃହ ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ବର୍ଷ ବିତିବାକୁ ବସିଥିବାବେଳେ ଏହା କେବଳ କାଗଜକଲମରେ ସୀମିତ ରହିଯାଇଥିବା ବେଳେ ବ୍ଲକ୍‌ରେ ଘୋଷିତ ହୋଇଥିବା ୨ଟି ବିଦ୍ୟାଳୟ ମଧ୍ୟରୁ ଉକ୍ତ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ(ପିଏମ୍‌ଶ୍ରୀ)ରେ ପରିଚାଳିତ ହେଉଛି।

କାଦବରାଙ୍ଗ ହାଇସ୍କୁଲରେ ୧ମରୁ ୧୦ମ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ୧୯୬୫ ମସିହାରେ ପ୍ରତିଷ୍ଠିତ ଉକ୍ତ ହାଇସ୍କୁଲଟି ବ୍ଲକ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶିକ୍ଷାର ମାନବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ରେ ପ୍ରଥମ ସ୍ଥାନ ମଧ୍ୟ ଉକ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ଅକ୍ତିଆର କରିପାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ସବୁ ଥାଇ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଥିବା ଜଣାପଡ଼ିଛି। ଶ୍ରେଣୀଗୃହ ଅଭାବରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀଗୃହରେ ଶିକ୍ଷାଲାଭ କରୁଛନ୍ତି। ସେହିପରି ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ସଂଖ୍ୟା ଅନୁଯାୟୀ, ଶ୍ରେଣୀଗୃହର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଶ୍ରେଣୀଗୃହ ଅଭାବରୁ ବିଭାଗ ବଣ୍ଟନ ମଧ୍ୟ ସୂଚାରୁରୂପେ କରାଯାଇପାରୁ ନ ଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ପିଏମ୍‌ଶ୍ରୀ ଯୋଜନାରେ ଉକ୍ତ ହାଇସ୍କୁଲଟି ଅନ୍ତର୍ଭୁକ୍ତ ହୋଇଥିବାରୁ ୧ମରୁ ୧୦ମ ଶ୍ରେଣୀ ପିଲାଙ୍କ ଶ୍ରେଣୀଗୃହ ସମସ୍ୟାର ସମାଧାନ ହେବାକୁ ଯାଉଥିବାବେଳେ ଯୁକ୍ତ ୨ ପିଲାଙ୍କ ଶୈକ୍ଷିକ ଅବସ୍ଥାରେ କୋ÷ଣସି ପରିବର୍ତ୍ତନ ହୋଇପାରିନାହିଁ। ତେଣୁ ଯୁକ୍ତ ୨ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଆଉ ଏକ ନୂତନ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବା ଆଗରୁ ଏଠାରେ ଲାଗି ରହିଥିବା ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଉଭୟ ବାଳକ ଓ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ବିଜୟୀ

ଭଦ୍ରକ,୮।୬(ସମିସ): ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଗତ ୭ ତାରିଖ ସନ୍ଧ୍ୟାରେ ଭଦ୍ରକ କଲେଜ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୋନ୍ ୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨୧ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଚାମ୍ପିଅନ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମି ଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ତୁଷାର ଦାସ, ପାର୍ଥସାରଥୀ ରାୟ, ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ, ସୋମନାଥ ସାହୁ, କେ.ଭି. ପ୍ରସାଦ, ମହମ୍ମଦ ତାହିର ଖାନ, ନୟନଜ୍ୟୋତି ଖଟୁଆ, ସଞ୍ଜୀବ ଦାସ, ପ୍ରଦୀପ ବିଶ୍ୱାଳ, ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




## ରାଢ଼ୋ କେନାଲ ପୋଲ ନିର୍ମାଣ ଦାବି

ବାରିକପୁର,୮।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢ଼ୋ କେନାଲ ପୋଲ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ସୂଚନା ମୁତାବକ, ୩ ନମ୍ବର ଏ' କେନାଲର ମଣାଗଡ଼ିଆ ନିକଟରେ ଏକ ପୁରାତନ ଭଗ୍ନ ପୋଲ ରହିଛି। ଚାଷୀମାନଙ୍କ ଯାତାୟାତ ପାଇଁ ଦୀର୍ଘ ବର୍ଷ ପୂର୍ବରୁ କେବଳ ଇଟାରେ ଏହି ପାଦଚଲା ପୋଲଟି ନିର୍ମିତ ହୋଇଥିଲା। ରାଢ଼ୋ ତଥା ଆଖପାଖ ଗ୍ରାମର ଶହଶହ ଚାଷୀ ଚାଷ ସମୟରେ ଏହି ପୋଲ ଦେଇ ଯାତାୟାତ କରିଥା'ନ୍ତି। କିଛି ବର୍ଷ ହେବ କ୍ଷୁଦ୍ର ପୋଲଟି ଅତି ବିପଦପୂର୍ଣ୍ଣ ଭାବେ ରହିଥିବାବେଳେ ଏହା ମଧ୍ୟରେ ବିଷଧର ସରୀସୃପ ବାସ କରୁଛନ୍ତି। ବର୍ଷାଦିନେ ଏହା ଉପରେ ଚାଷୀମାନେ ଯିବାଆସିବା ପାଇଁ ଆଉ ସୁରକ୍ଷିତ ମଣୁନାହାନ୍ତି। ଭଗ୍ନ ପୋଲ ପାଇଁ କେନାଲ ଉପର ମୁଣ୍ଡରୁ ଆସୁଥିବା ପାଣି ମଧ୍ୟ ସଠିକ୍ ଭାବେ ତଳ ମୁଣ୍ଡରେ ପହଞ୍ଚିପାରୁ ନାହିଁ। ଚାଷ ସମୟରେ ଟ୍ରାକ୍ଟର ଓ ଶସ୍ୟ ଅମଳ ସମୟରେ ଛୋଟମୋଟ ଯାନ ପୋଲ ଉପରେ ଯିବା ସମ୍ଭବ ହେଉନାହିଁ। ତେଣୁ ଏଠାରେ ଏକ ନୂତନ ପାଦଚଲା ପୋଲ ନିର୍ମାଣ ପାଇଁ ଲୋକେ ଜଳସମ୍ପଦ ବିଭାଗ ନିକଟରେ ଦାବି କରିଛନ୍ତି।



### ● ବିଦ୍ୟୁତ୍ ତାର ଚୋରି ଗ୍ୟାଙ୍ଗ୍‌କୁ ବାନ୍ଧିଲା ପୁଲିସ

## ବିପୁଳ ପରିମାଣର ତାର ସହିତ ଦୁଇ ଗାଡ଼ି ଜବତ; ୪ ଗିରଫ

ବାସୁଦେବପୁର,୮।୬(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୁଲିସକୁ ବଡ଼ ସଫଳତା ମିଳିଛି। ଚତୁରତାର ସହିତ ବିଲ ମଝିରୁ ଇଲେଭେନ କେଭି ବିଦ୍ୟୁତ୍ ତାର କାଟି ଚମ୍ପଟ ମାରୁଥିବାବେଳେ ବିଲ ମଝିରେ ମାଡ଼ିବସିଛି ବାସୁଦେବପୁର ପୁଲିସ। ଦୁଇ ତାର ଚୋରଙ୍କୁ ଧରିଥିବାବେଳେ ଦୁଇ କବାଡ଼ିଆଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ପାଖରୁ ବିପୁଳ ପରିମାଣର ବିଦ୍ୟୁତ୍ ତାର, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଓ ଗୋଟିଏ ଡାଲା ଅଟୋକୁ ପୁଲିସ୍ ଜବତ କରିଛି।

ପ୍ରକାଶ ଯେ, ବାସୁଦେବପୁର ଅଞ୍ଚଳରେ ଏଲ୍‌ଟି ଓ ଇଲେଭେନ କେଭି ତାର ବିଭିନ୍ନ ସମୟରେ ଚୋରି ହେଉଥିବାର ଅଭିଯୋଗ ହେଉଥିଲା। ପଦ୍ମପୁର ଗ୍ରାମର କୃଷ୍ଣଚନ୍ଦ୍ର ଧୂପାଳ ବିଦ୍ୟୁତ୍ ଠିକାଦାର ତାର ଚୋରି ହେଉଥିବାର ଲିଖିତ ଅଭିଯୋଗ କରିଥିଲେ। ଉଠ ଜଳସେଚନ ବିଭାଗ ଅଧୀନରେ ଠିକାଦାର ଶୁଭେନ୍ଦୁ ପଣ୍ଡାଙ୍କ ଘରେ ରହି ସାମଗ୍ରୀ ରଖି ବିଦ୍ୟୁତ୍ ବିଭାଗର ନିର୍ମାଣ କାର୍ଯ୍ୟ କରୁଥିଲେ। ଗତ ୨ ତାରିଖ ରାତିରେ ତାଙ୍କ କର୍ମଚାରୀମାନେ ଶୋଇଥିବା ସମୟରେ ଘରୁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୧୧ କେଭି ବିଦ୍ୟୁତ୍ ତାର ୨ ବଣ୍ଡଲ ଚୋରି କରିଥିବା ଅଭିଯୋଗ କରିଥିଲେ। ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳର ଶଙ୍କୁରୁ ମଳିକ, ଅନିଲ ମହାଲିକଙ୍କୁ ଧରିବା ପରେ ଚୋରି ମାନିବା ସହ ଚୋରି ତାର ବିକ୍ରି କରିଥିବାର ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ସୂଚନା ପାଇ ଧାମରା ରାସ୍ତା ତେନ୍ତୁଳିଆ ଛକରେ ଥିବା ଏକ ବେଆଇନ କବାଡ଼ିଆ ଗୋଦାମରେ ଚଢ଼ଉ କରି ମାଲିକ ଏମ୍‌ଡି କାଜିମ୍ ଖାଁ ଏବଂ ପୁରୁଣା ବଜାର ଥାନା ଅଧୀନ ପଠାଣମହଲା ଗାଁର କବାଡ଼ିଆ ଗୋଦାମର ମାଲିକ ସେକ୍ ଅବ୍‌ଦୁଲ ରେହେମାନକୁ ଗିରଫ କରିଥିଲେ। ୨ କ୍ୱିଣ୍ଟାଲ ୫୭ କେଜି ବିଦ୍ୟୁତ୍ ତାର ସହିତ ଚୋରିରେ ବ୍ୟବହୃତ ଏକ ପିକ୍‌ଅପ୍ ଭ୍ୟାନ୍ ଓ ଗୋଟିଏ ଡାଲା ଓଟୋକୁ ପୁଲିସ ଜବତ କରିଛି। ବର୍ଷ ବର୍ଷ ଧରି ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ରାତିରେ ବିଦ୍ୟୁତ୍ ତାର ଚୋରି କରି ଗାଡ଼ି ଯୋଗେ ବାସୁଦେବପୁର ଏବଂ ଭଦ୍ରକର ବିଭିନ୍ନ କବାଡ଼ିଆ ଗୋଦାମରେ ଏମାନେ ବିକ୍ରି କରୁଥିଲେ। ତାର ଚୋରି ଘଟଣାରେ ସମ୍ପୃକ୍ତ ଆଉ ୧୦ ଜଣ ଫେରାର୍ ଥିବାବେଳେ ପୁଲିସ ତଦନ୍ତ ଜାରି ରହିଛି ବୋଲି ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଜଲ୍‌ସା ଓ ଫାତେହାରେ ଯୋଗଦେଲେ ମସ୍ତାନ୍-ଏ ମିଲ୍ଲତ



ଧାମନଗର,୮।୬(ସମିସ): ଧାମନଗରସ୍ଥିତ ଖାନ୍‌କା ସରିଫ ପୀରବାବା ହଜରତ୍ ମୁଜାହିଦ-ଏ-ମିଲ୍ଲତଙ୍କ ସାନ ନାତି ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍) ବିଭିନ୍ନ ଅଞ୍ଚଳ ଓ ସାହିବସ୍ତି ଜଲସା ଓ ଫାତେହା କାର୍ଯ୍ୟକ୍ରମରେ ସାମିଲ୍ ହେଉଥିବାବେଳେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ସନ୍ଧ୍ୟାରେ ସହରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଅଧୀନ କାଜି ମହଲା ଛକଠାରେ ଏକ ଜଲସା ଓ ଫାତେହା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ରବିବାର ସନ୍ଧ୍ୟାରେ ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ ପଠାଣ ମହଲା ଗ୍ରାମସ୍ଥିତ ବଡ଼େଖାନ ଗାଜିବାବାଙ୍କ ଆସ୍ଥାନ ନିକଟରେ ଏକ ଜଲସାରେ ଯୋଗଦେଇଥିଲେ। ଉଭୟ ସ୍ଥାନରେ ଭକ୍ତ ଓ ଶ୍ରଦ୍ଧାଳୁ ଗ୍ରାମର ମୁରବିଙ୍କ ତରଫରୁ (ମସ୍ତାନ-ଏ ମିଲ୍ଲତ୍)ଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଜଲସା କାର୍ଯ୍ୟକ୍ରମରେ ମୌଲାନା, କବି, ସାଏର ପ୍ରମୁଖଙ୍କ ଦ୍ୱାରା ଜଲସା ଓ ନାତ ସରିଫ ଅନୁଷ୍ଠିତ ହୋଇ ଫାତେହା ପରେ ଲଙ୍ଗର ବଣ୍ଟନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ପୀରବାବାଙ୍କ ବଡ଼ ନାତୁଣୀ ଜ୍ୱାଇଁ ଏମ୍‌ଡି ଫଜଲେ ବାରି, ସେକ୍ ଆବେଦିନ, ସେକ୍ ହଲିମ, ସେକ୍ ଜାଫର ଅଲ୍ଲୀ, ସେକ୍ ନେଜାମୁଦ୍ଦିନ, ସେକ୍ ମକ୍‌ଦୁମ, ଏମ୍‌ଡି ଇଲାମୁଦ୍ଦିନ, ସେକ୍ ମୋହିଉଦ୍ଦିନ, ସେକ୍ ଇବ୍ରାହିମ, ମୀର୍ ଇସ୍‌ଲାମ, ମୀର ମୁରତୁଜା, ସେକ୍ କାଦର, ସେକ୍ ସିରାଜଙ୍କ ସମେତ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କାଜି ମହଲାଠାରେ ସେକ୍ ମୁକ୍ତାର ଅହେମ୍ମଦ, ମୀର୍ ଖୁର୍‌ସିଦ, ସେକ୍ ଆସରାର ଅହେମ୍ମଦ, ସେକ୍ ନାଜିର, ମୀର୍ ଫାରୁକ ଓ ଅନ୍ୟ ଯୁବକ ସହଯୋଗ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ପଠାଣ ମହଲା ଓ ଆଖପାଖ ଗ୍ରାମର ମୁରବି ଯୋଗ ଦେଇଥିବା ବେଳେ ସେକ୍ ହୋସେନ, ସେକ୍ ଜୁଲୋ, ସେକ୍ ଅବ୍‌ଦୁଲ କାଦିର, ମୁକ୍ତାର ଖାଁ, ସେକ୍ ଇକ୍‌ବାଲ, ସେକ୍ ମେରାଜ, ସେକ୍ ଫରୋ, ସେକ୍ ତାଜୋଙ୍କ ସମେତ ଗ୍ରାମର ବହୁ ଯୁବକ ଏଥିରେ ସହଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ପୀରବାବାଙ୍କ ସାନ ନାତି ଆଲ୍‌ହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍) ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାରୁ ସ୍ଥାନୀୟ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ସହିତ ବିପୁଳ ସଂଖ୍ୟାରେ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି।

### ଭଦ୍ରକରେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଉଲ୍ଲେଖନୀୟ ଅଗ୍ରଗତି

# ୮୪.୭୪ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ସମ୍ପୂର୍ଣ୍ଣ

ଭଦ୍ରକ,୮।୬(ସମିସ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ହଜାର ୩୩୧ ଜଣ ଅର୍ଥାତ୍ ମୋଟ୍ ଭୋଟର ୫୯.୫୭ ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି। ଜିଲ୍ଲାରେ ମୋଟ ୧୨ ଲକ୍ଷ ୮୪ ହଜାର ୬୧୮ ଜଣ ମତଦାତା ଥିବାବେଳେ ସେମାନଙ୍କ ମଧ୍ୟରୁ ୮୪.୭୪ ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସଫଳ ରୂପାୟଣ ନିମନ୍ତେ ଭଦ୍ରକ ଜିଲ୍ଲାର ୪୫-ବାସୁଦେବପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିହିଡ଼ି ବ୍ଲକ୍‌ର ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ ଇଆର୍‌ଓ ତଥା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ। ପରିଦର୍ଶନ ସମୟରେ ସେ ବୁଥ୍‌ସ୍ତରରେ ଚାଲିଥିବା ଫର୍ମ ବଣ୍ଟନ, ମତଦାତାଙ୍କ ସହ ସମନ୍ୱୟ ଏବଂ ବିଏଲ୍‌ଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ସଚେତନତା ଓ ତଥ୍ୟ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ଯୋଗ୍ୟ ମତଦାତାଙ୍କ ନିକଟରେ ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହ ମତଦାତାମାନଙ୍କୁ ସହଯୋଗ କରିବାକୁ ସେ ସମ୍ପୃକ୍ତ ଅଧିକାରୀ ଓ ବିଏଲ୍‌ଓମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ମତଦାତାଙ୍କ ନିକଟରେ ମଧ୍ୟ ଶୀଘ୍ର ଫର୍ମ ପହଞ୍ଚାଇବା ସହ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ତ ଫର୍ମ ସଂଗ୍ରହ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଜିଲ୍ଲା ପ୍ରଶାସନ ସମସ୍ତ ଯୋଗ୍ୟ ମତଦାତାଙ୍କୁ ବିଏଲ୍‌ଓଙ୍କୁ ସହଯୋଗ କରିବା, ପରିଗଣନା ଫର୍ମ ଯଥାଶୀଘ୍ର ପୂରଣ କରି ଦାଖଲ କରିବା ଏବଂ ନିଜର ନାମ ଭୋଟର ତାଲିକାରେ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି। ମତଦାତାମାନେ ଚାହିଁଲେ ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଫର୍ମ ଦାଖଲ କରିପାରିବେ। ଭୋଟର ତାଲିକାରେ ନାମ ସାମିଲ୍, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ୍ ନମ୍ବର ୧୯୫୦କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ।

### କାର୍ଯ୍ୟକ୍ରମର ସଫଳ ରୂପାୟଣ ନିମନ୍ତେ ତିହିଡ଼ି ବ୍ଲକ୍‌ର ବିଭିନ୍ନ ବୁଥ୍ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ





## ଓମାନ ଉପକୂଳରେ ତୈଳ ଟ୍ୟାଙ୍କରରେ ନିଆଁ
### ୨୪ ଭାରତୀୟ ନାବିକ ସୁରକ୍ଷିତ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଓମାନର ପୂର୍ବ ଉପକୂଳ ନିକଟରେ ସୋମବାର ମଧ୍ୟାହ୍ନ ପ୍ରାୟ ୧:୩୦ ସମୟରେ 'ମାରିଭେକ୍ସ' ନାମକ ଏକ ବିଦେଶୀ ପତାକାଧାରୀ ତୈଳ ଟ୍ୟାଙ୍କର ଜାହାଜରେ ଅଗ୍ନିକାଣ୍ଡ ଘଟିଛି । ଏହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ଥିବା ବେଳେ ପ୍ରାଥମିକ ସୂଚନା ଅନୁଯାୟୀ ସମସ୍ତେ ସୁରକ୍ଷିତ ଅଛନ୍ତି ବୋଲି ଜଣେ ବରିଷ୍ଠ ନୌପରିବହନ ମନ୍ତ୍ରଣାଳୟର ଅଧିକାରୀ ସ୍ପଷ୍ଟ କରିଛନ୍ତି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ଘଟଣା ଘଟିଥିଲେ ହେଁ, ଉକ୍ତ ଜାହାଜଟି ହରମୁଜ ପ୍ରଣାଳୀ ଏବଂ ଓମାନ ସମୁଦ୍ରରୁ ବହୁ ଦୂରରେ ଓମାନର ପୂର୍ବ ସାମୁଦ୍ରିକ ଅଞ୍ଚଳରେ ଗତି କରୁଥିଲା । ଜାହାଜଟି ଭାରତର କାରୱାରରୁ ଓମାନର ଦୁକମ୍ ଅଭିମୁଖେ ଯାତ୍ରା କରୁଥିଲା । ନୌପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ କୁମାର ଶର୍ମାଙ୍କ ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ଏବଂ ଜାହାଜରେ କୌଣସି ବାଣିଜ୍ୟିକ ସାମଗ୍ରୀ ବା କାର୍ଗୋ ନ ଥିଲା । ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଥିବା ଖବର ପରିବାର ଏବଂ ପ୍ରଶାସନ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି । ଜାହାଜରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଏବଂ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସାମୁଦ୍ରିକ ସୁରକ୍ଷା ବାହିନୀ କାର୍ଯ୍ୟ କରୁଛି ।



## ୟୁକ୍ରେନ ଉପରେ ପୁଣି ରୁଷ ଆକ୍ରମଣ
### ୫ ମୃତ, ୧୪ ଆହତ

କିଭ୍, ୮ ।୬(ଏଜେନ୍ସି): ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସାକ୍ଷାତକାର ପ୍ରସ୍ତାବକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରତ୍ୟାଖ୍ୟାନ କରିବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ଆଜି ସକାଳେ ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ଜାପୋରିଜିଆ ଅଞ୍ଚଳରେ ରୁଷ ପକ୍ଷରୁ ହୋଇଥିବା ଜୋରଦାର ଏୟାର ଷ୍ଟ୍ରାଇକ୍, ଡ୍ରୋନ୍ ଆକ୍ରମଣ ଏବଂ ଗୋଳାବାରୁଦ ବର୍ଷଣ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଅନେକ ଆବାସିକ ଗୃହ, ଗାଡ଼ି ଏବଂ ସରକାରୀ ଭିତ୍ତିଭୂମି ନଷ୍ଟ ହୋଇଯାଇଛି । ଏହା ସହିତ ଓଡେସା ଅଞ୍ଚଳରେ ହୋଇଥିବା ଆକ୍ରମଣ ଯୋଗୁଁ ପ୍ରାୟ ୧, ୦୦୦ ରୁ ଅଧିକ ଗ୍ରାହକଙ୍କ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । ଶନିବାର ଠାରୁ ହିଁ ଉଭୟ ପକ୍ଷ ପରସ୍ପର ଉପରକୁ କ୍ରମାଗତ ଆକ୍ରମଣ କରୁଛନ୍ତି । ଗତ ଶନିବାର ୟୁକ୍ରେନ୍ ମଧ୍ୟ ରୁଷ ଉପରକୁ ଶତାଧିକ ଡ୍ରୋନ୍ ମାଡ଼ କରିଥିଲା, ଯେଉଁଥିରେ ଜଣଙ୍କର ମୃତ୍ୟୁ ହେବା ସହ ଏକ ତେଲ ଡିପୋରେ ନିଆଁ ଲାଗିଯାଇଥିଲା । ଚେର୍ନୋବିଲ୍ ଆଣବିକ କାରଖାନା ନିକଟରେ ଥିବା ଏକ ଆଣବିକ ଇନ୍ଧନ ସଂରକ୍ଷଣ କେନ୍ଦ୍ର ଉପରେ ରୁଷ ଗୁଳିମାଡ଼ କରିବା ପରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି । ଅନ୍ୟପଟେ, ଜେଲେନସ୍କି ଲଣ୍ଡନରେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ଶୀର୍ଷ ନେତାମାନଙ୍କୁ ଭେଟି ଆଗାମୀ ଶୀତ ଋତୁ ପୂର୍ବରୁ ନିଜର ଶକ୍ତି ଭିତ୍ତିଭୂମିର ସୁରକ୍ଷା ଏବଂ ଅଧିକ କ୍ଷେପଣାସ୍ତ୍ର ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧ ୪ ବର୍ଷ ପୂରଣ କରିସାରିଛି ।

## ଅଗଷ୍ଟରୁ ଭାରତୀୟ ରେଳବାଇର ନୂତନ ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଭାରତୀୟ ରେଳବାଇ ଆସନ୍ତା ଅଗଷ୍ଟ ମାସରୁ ତାର ପୁରୁଣା ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆରଏସ୍)କୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଏକ ନୂତନ ଉନ୍ନତମାନର ପ୍ଲାଟଫର୍ମ କାର୍ଯ୍ୟକାରୀ କରିବାକୁ ଯାଉଛି । ୧୯୮୬ ମସିହାରୁ ଚାଲିଆସୁଥିବା ଏହି ପୁରୁଣା ବ୍ୟବସ୍ଥା ବଦଳରେ ଆଧୁନିକ ଜ୍ଞାନକୌଶଳ ସହ ନୂଆ ବ୍ୟବସ୍ଥା ଆରମ୍ଭ ହେବ, ଯାହା ଦ୍ୱାରା ଟିକେଟ୍ ବୁକିଂ କ୍ଷମତା ବୃଦ୍ଧି ପାଇବ ଏବଂ ଯାତ୍ରୀମାନେ ଅତି ସହଜରେ ଟିକେଟ୍ ପାଇପାରିବେ । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକ୍ରିୟାର ସମୀକ୍ଷା କରି କାର୍ଯ୍ୟ ସମୟରେ ଯେପରି ଯାତ୍ରୀମାନଙ୍କର କୌଣସି ଅସୁବିଧା ନହୁଏ, ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ପ୍ରାୟ ୮୮ ପ୍ରତିଶତ ଟିକେଟ୍ ଅନଲାଇନ୍ ମାଧ୍ୟମରେ ବୁକ୍ ହେଉଛି । ବିଶେଷ କରି ୨୦୨୫ ଜୁଲାଇରେ ଆରମ୍ଭ ହୋଇଥିବା 'ରେଲୱାନ୍' ଆପ୍ ମାଧ୍ୟମରେ ପ୍ରତିଦିନ ପ୍ରାୟ ୯ ଲକ୍ଷରୁ ଅଧିକ ଟିକେଟ୍ ବୁକ୍ କରାଯାଉଛି । ଏହି ନୂତନ ବ୍ୟବସ୍ଥାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଆଇ ଆଧାରିତ ୱେଟିଂଲିଷ୍ଟ ପୂର୍ବାନୁମାନ ବ୍ୟବସ୍ଥା ।

## ପୋର୍ଟାଲ୍ ଅଚଳ ଅଭିଯୋଗକୁ ଖଣ୍ଡନ କଲା ସିବିଏସଇ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ଫଳ ପ୍ରକାଶ ପରବର୍ତ୍ତୀ ସେବା ପୋର୍ଟାଲ୍‌ରେ କୌଣସି ବୈଷୟିକ ତ୍ରୁଟି ବା ସମସ୍ୟା ଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି । ଜୁନ୍ ୨ ରୁ ଜୁନ୍ ୭ ପର୍ଯ୍ୟନ୍ତ ଚାଲିଥିବା ଏହି ଆବେଦନ ପ୍ରକ୍ରିୟା ସମୟରେ ୱେବସାଇଟ୍ ସମ୍ପୂର୍ଣ୍ଣ ସୁରୁଖୁରୁରେ କାର୍ଯ୍ୟ କରୁଥିଲା ବୋଲି ବୋର୍ଡ ସ୍ପଷ୍ଟ କରିଛି । ଆଇଆଇଟି ବିଶେଷଜ୍ଞ ଏବଂ ସରକାରୀ ବୈଷୟିକ ସଂସ୍ଥାଗୁଡ଼ିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୋର୍ଟାଲ୍ ପରିଚାଳିତ ହେଉଥିଲା । ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ୬ ଦିନର ଅବଧି ମଧ୍ୟରେ ପ୍ରାୟ ୧.୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୩.୮ ଲକ୍ଷରୁ ଅଧିକ ଉତ୍ତରଖାତାର ପୁନଃ ଯାଞ୍ଚ ଏବଂ ମୂଲ୍ୟାୟନ ପାଇଁ ସଫଳତାର ସହ ଆବେଦନ କରିଛନ୍ତି । ଏହି ବିପୁଳ ସଂଖ୍ୟକ ଆବେଦନ ହିଁ ପୋର୍ଟାଲ୍ ସଠିକ୍ ଭାବେ କାମ କରୁଥିବାର ସ୍ପଷ୍ଟ ପ୍ରମାଣ ବୋଲି ବୋର୍ଡ କହିଛି । ଏହା ସହିତ ସାଇବର ସୁରକ୍ଷା ଟିମ୍ ଦ୍ୱାରା ଏହି ସିଷ୍ଟମ୍ ଉପରେ ନିରନ୍ତର ନଜର ରଖାଯାଇଥିଲା ଏବଂ ହେଲ୍ପଡେସ୍କ ମାଧ୍ୟମରେ ପିଲାମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିଲା । ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ପ୍ରକାଶିତ 'ରୋଲ୍ ନମ୍ବର ମିଳୁନାହିଁ' ବାର୍ତ୍ତା ସମ୍ପର୍କରେ ବୋର୍ଡ କହିଛି ଯେ, ଯେଉଁ ସେହି ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ ନିଜ ଖାତାର ଫଟୋକପି ପାଇଁ ଆବେଦନ କରିନଥିଲେ, କେବଳ ସେମାନଙ୍କ କ୍ଷେତ୍ରରେ ହିଁ ଏହି ବାର୍ତ୍ତା ଦେଖାଯାଉଥିଲା ।

## ତୁରନ୍ତ ଇରାନ ଛାଡ଼ିବାକୁ ଭାରତୀୟ ନାଗରିକଙ୍କୁ ସରକାରଙ୍କ ପରାମର୍ଶ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ପରେ ଭାରତ ସରକାର ସେଠାରେ ରହୁଥିବା ନିଜ ନାଗରିକଙ୍କ ପାଇଁ ଏକ ଜରୁରୀକାଳୀନ ସତର୍କ ସୂଚନା ଜାରି କରିଛନ୍ତି । ଭାରତୀୟ ଦୂତାବାସ ପକ୍ଷରୁ ସମସ୍ତ ଭାରତୀୟଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ଏବଂ ଅନ୍ୟମାନଙ୍କୁ ସେଠାକୁ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି । ଗତକାଲି ରାତିରୁ ସୃଷ୍ଟି ହୋଇଥିବା ଯୁଦ୍ଧ ସଦୃଶ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ତେହେରାନସ୍ଥିତ ଭାରତୀୟ ଦୂତାବାସ ଏହି ନିର୍ଦ୍ଦେଶନାମା ଜାରି କରିଛି । ଇରାନରେ ରହୁଥିବା ସମସ୍ତ ଭାରତୀୟ ଛାତ୍ର, ବ୍ୟବସାୟୀ, ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କୁ ଉପଲବ୍ଧ ଯାନବାହନ ବା ବିମାନ ମାଧ୍ୟମରେ ଯଥାଶୀଘ୍ର ଦେଶ ଛାଡ଼ିବାକୁ କୁହାଯାଇଛି । ଚଳିତ ସଂଘର୍ଷ ମଧ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଏହା ୮ମ ସତର୍କ ସୂଚନା । ବର୍ତ୍ତମାନ ସୁଦ୍ଧା ପ୍ରାୟ ୭, ୫୦୦ ଭାରତୀୟ ନାଗରିକ ଇରାନରେ ଅଛନ୍ତି ।



# ଟ୍ରମ୍ପଙ୍କ ଧମକ ପରେ ଯୁଦ୍ଧ ବନ୍ଦ
## ନରମିଗଲେ ଇରାନ ଓ ଇସ୍ରାଏଲ

- ଲେବାନନ ଆକ୍ରମଣ ପରେ ଇରାନ- ଇସ୍ରାଏଲ ମୁହାଁମୁହିଁ
- ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼
- ଟ୍ରମ୍ପଙ୍କ ଧମକ ପରେ ଆକ୍ରମଣରୁ ଓହରିଲେ
- ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି

ତେହରାନ/ତେଲ୍ ଆଭିଭ, ୮ ।୬(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତି ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଗତ ଏପ୍ରିଲ ମାସର ଶାନ୍ତି ଚୁକ୍ତି ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ଓ ଇରାନ ମଧ୍ୟରେ ସିଧାସଳଖ ସାମରିକ ସଂଘର୍ଷ ଦେଖାଦେଇଛି । ଶେଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରେ ଉଭୟ ଦେଶ ଯୁଦ୍ଧ ବନ୍ଦ କରିଛନ୍ତି । ଇରାନର ବିପ୍ଳବୀ ସେନା (ଆଇଆରଜିସି) ମଧ୍ୟ ଏହି ଆକ୍ରମଣକୁ ସ୍ୱୀକାର କରିଛନ୍ତି ।

ପୂର୍ବରୁ ଗତ ରବିବାର ରାତିରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ପ୍ରାୟ ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । ଲେବାନନର ବେରୁଟ ସହର ଉପରେ ଇସ୍ରାଏଲର ଆକ୍ରମଣର ଜବାବରେ ଇରାନ ଏହି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲା । ଏହି ପାଲଟା ଆକ୍ରମଣ ଯୋଗୁଁ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏହା ସହିତ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇ ୯୬ ଡଲାର ଅତିକ୍ରମ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଆକ୍ରମଣରୁ ବିରତ ରହିବାକୁ କହିଥିଲେ । ଟ୍ରମ୍ପ ଦାବି କରିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ଏକ ବଡ଼ ଚୁକ୍ତିର ଅତି ନିକଟତର ଅଛି ଏବଂ ଏହି ସାମରିକ ତିକ୍ତତା ଯୋଗୁଁ କୂଟନୈତିକ ଆଲୋଚନା ବିଫଳ ହେବନାହିଁ । ଅପରପକ୍ଷରେ, ଇସ୍ରାଏଲର କହିବା କଥା ଯେ ହିଜବୁଲ୍ଲା ସହ ଚାଲିଥିବା ଲଢେଇକୁ ଇରାନ ସହ ଚୁକ୍ତିଠାରୁ ପୃଥକ ଭାବେ ଦେଖାଯିବା ଉଚିତ । ବର୍ତ୍ତମାନ ପରିସ୍ଥିତିରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି । ଆମେରିକା ପକ୍ଷରୁ ଚାଲିଥିବା ମଧ୍ୟସ୍ଥତା ଏବଂ ପ୍ରତିବନ୍ଧକ ହଟାଇବା ପ୍ରକ୍ରିୟା ମଧ୍ୟରେ ଏହି ଆକ୍ରମଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ଥିବାରୁ ଆଗାମୀ ଦିନରେ ଏହି ସଂଘର୍ଷ ଆହୁରି ଭୟାନକ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି ।

## ମୋ କଥା ମାନିବାକୁ ନେତାନ୍ୟାହୁ ବାଧ୍ୟ: ଟ୍ରମ୍ପ



ୱାସିଂଟନ, ୮ ।୬(ଏଜେନ୍ସି): ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇଛନ୍ତି । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ତେହେରାନ ଏବଂ ତେଲ୍ ଆଭିଭ୍ ମଧ୍ୟରେ ବଢୁଥିବା ସାମରିକ ତିକ୍ତତା ସତ୍ତ୍ୱେ ଆମେରିକା-ଇରାନ ପରମାଣୁ ଚୁକ୍ତି ପ୍ରକ୍ରିୟା ଜାରି ରହିବ । ଏହି ଚୁକ୍ତିକୁ ଗ୍ରହଣ କରିବା ବ୍ୟତୀତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଏକ ସାକ୍ଷାତକାରରେ ଟ୍ରମ୍ପ ଦୃଢ଼ତାର ସହ କହିଛନ୍ତି, 'ଏଠାରେ ସମସ୍ତ ନିଷ୍ପତ୍ତି ମୁଁ ନେଉଛି । ନେତାନ୍ୟାହୁ ନୁହଁ, ବରଂ ମୋ ନିର୍ଦ୍ଦେଶରେ ହିଁ ସବୁ କିଛି ହେବ ।' ଗତ ରବିବାର ବିଳମ୍ବିତ ରାତିରେ ବେରୁତ ଉପରେ ଇସ୍ରାଏଲର ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଇସ୍ରାଏଲ୍ ଅଭିମୁଖେ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । ଏହି ଘଟଣାକୁ ନେଇ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିବା ସହ ଇସ୍ରାଏଲର ବେରୁତ ଆକ୍ରମଣକୁ ସେ ପସନ୍ଦ କରିନାହାନ୍ତି ବୋଲି କହିଛନ୍ତି । ସେହିପରି ସେ ଇରାନକୁ ମଧ୍ୟ ଚେତାବନୀ ଦେଇ କହିଛନ୍ତି ଯେ କ୍ଷେପଣାସ୍ତ୍ର ମାଡ଼ ବହୁତ ହୋଇଗଲା, ଏବେ ଚୁକ୍ତି ପାଇଁ ଆଲୋଚନାକୁ ଫେରିବା ଉଚିତ । ପାଲଟା ଆକ୍ରମଣ ନ କରିବା ପାଇଁ ଟ୍ରମ୍ପ ନେତାନ୍ୟାହୁଙ୍କୁ ପରାମର୍ଶ ଦେଇଛନ୍ତି, କାରଣ ଏହାଦ୍ୱାରା ଚାଲିଥିବା କୂଟନୈତିକ ପ୍ରୟାସ ବାଧାପ୍ରାପ୍ତ ହୋଇପାରେ । ଇରାନର ବାଚସ୍ପତି ମହମ୍ମଦ ବାକେର କାଲିବାଫ୍ ଏବଂ ପ୍ରମୁଖ ନେତାମାନେ ଆମେରିକା ଓ ଇସ୍ରାଏଲର ସାମରିକ ଘାଟିକୁ ନିଜର ବୈଧ ଟାର୍ଗେଟ ବୋଲି ଦର୍ଶାଇଥିବା ବେଳେ ଇସ୍ରାଏଲ ମଧ୍ୟ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଛି ।

## ଏସ୍‌ଆଇଆର୍, ଭୋଟ ଚୋରି ସଂପର୍କରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିବ 'ଇଣ୍ଡିଆ' ମେଣ୍ଟ




ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଦେଶର ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଗୁରୁତ୍ୱପୂର୍ଣ୍ଣ ଜନସାଧାରଣଙ୍କ ସମସ୍ୟାକୁ ନେଇ ବିରୋଧୀ ଇଣ୍ଡିଆ ମେଣ୍ଟ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡିବାକୁ ନିଷ୍ପତ୍ତି ନେଇଛି । ସୋମବାର ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ କ୍ଲବରେ ବିରୋଧୀ ଦଳର ନେତାମାନେ ଏକତ୍ର ହୋଇ ବୈଠକ କରିଛନ୍ତି । ଏଥିରେ ସେମାନେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି । ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ଭୋଟର ପରିଚୟ ପତ୍ରର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍), ଭୋଟ୍ ଚୋରି, ନିର୍ବାଚନୀ କେଲେଙ୍କାରୀ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ଭାରତର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖିବ । ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ସୃଷ୍ଟି ହୋଇଥିବା ବିପଦ ଏବଂ ନିର୍ବାଚନୀ ସଂସ୍କାର ପାଇଁ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି । ନିଟ୍ ଏବଂ ସିବିଏସ୍‌ଇ ଆଦି ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତା ପାଇଁ ବିରୋଧୀ ମେଣ୍ଟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷିଛନ୍ତି । ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ବିଶ୍ୱାସଘାତକତା ହୋଇଥିବା ଅଭିଯୋଗ କରି ଶ୍ରୀ ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିବାକୁ ମେଣ୍ଟ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି ।

ବିଜେପିକୁ ଆଗାମୀ ନିର୍ବାଚନଗୁଡ଼ିକରେ କଡ଼ା ଚ୍ୟାଲେଞ୍ଜ ଦେବା ଏବଂ ନିଜ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ମତଭେଦକୁ ଦୂର କରିବା ପାଇଁ ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବଠାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିରୋଧୀ ଦଳଗୁଡ଼ିକର ବିପର୍ଯ୍ୟୟ ପରେ ଏହି ମେଣ୍ଟକୁ ପୁନର୍ବାର ସଂଗଠିତ କରିବା ପାଇଁ ଏହି ଆଲୋଚନା ହୋଇଛି । କେନ୍ଦ୍ର ସରକାରଙ୍କ ବିଫଳତା, ଅର୍ଥନୈତିକ ସମସ୍ୟା, ବେକାରୀ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅବ୍ୟବସ୍ଥା ବିରୋଧରେ ଏକାଠି ଲଢ଼ିବାକୁ ଏଥିରେ ରଣନୀତି ପ୍ରସ୍ତୁତ କରାଯାଇଛି । ଏହି ବୈଠକରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେ, ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ସମେତ ୨୦ରୁ ଅଧିକ ଦଳର ପ୍ରମୁଖ ନେତାମାନେ ଯୋଗ ଦେଇଥିଲେ । ଶିବସେନା ନେତା ଉଦ୍ଧବ ଠାକରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ । ବୈଠକକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ କହିଛନ୍ତି ଯେ ଦେଶର ସମ୍ବିଧାନ ଉପରେ ନିରନ୍ତର ଆକ୍ରମଣ ଚାଲିଛି । ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମସ୍ତ ଦଳ ଏକଜୁଟ ହେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି ।

## ନେପାଳ ସୀମାରୁ ଟିଏମସି ନେତା ଜାହାଙ୍ଗୀର 'ପୁଷ୍ପା' ଖାନ ଗିରଫ

କଲକାତା, ୮ ।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ବହୁ ଚର୍ଚ୍ଚିତ ବୈଦ୍ୟୁତିକ ଭୋଟ ଗ୍ରହଣ ଯନ୍ତ୍ର ବା ଇଭିଏମ ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କୁ ଗିରଫ କରାଯାଇଛି । ଭାରତ ଛାଡ଼ି ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପଶ୍ଚିମବଙ୍ଗର ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ



ତାଙ୍କୁ ନେପାଳ ସୀମା ନିକଟରୁ ଗିରଫ କରିବାରେ ସଫଳ ହୋଇଛି । ନିର୍ବାଚନ ସମୟରେ ଫାଲତା ବିଧାନସଭା ମଣ୍ଡଳୀର ବିଭିନ୍ନ ମତଦାନ କେନ୍ଦ୍ରରେ ବିରୋଧୀ ଦଳର ଚିହ୍ନ ଉପରେ ପଟି ଲଗାଇ ଇଭିଏମ ଜାଲିଆତି କରିବା ଏବଂ ଭୋଟରଙ୍କୁ ଭୟଭୀତ କରିବା ଭଳି ଗମ୍ଭୀର ଅଭିଯୋଗ ଜାହାଙ୍ଗୀରଙ୍କ ବିରୋଧରେ ରହିଥିଲା । ଏହି କାରଣରୁ ନିର୍ବାଚନ କମିଶନ ସେଠାରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ପର୍ଯ୍ୟବେକ୍ଷକଙ୍କୁ ଚ୍ୟାଲେଞ୍ଜ ଦେଇ ନିଜକୁ 'ପୁଷ୍ପା' ବୋଲି କହୁଥିବା ଜାହାଙ୍ଗୀରଙ୍କ ନାମରେ ପ୍ରାୟ ସାତଟି ମାମଲା ରୁଜୁ ହୋଇଥିଲା । କଲକାତା ହାଇକୋର୍ଟ ତାଙ୍କର ଗିରଫଦାରୀ ସୁରକ୍ଷା ଅବଧିକୁ ବୃଦ୍ଧି ନକରିବା ପରେ ସେ ଦୀର୍ଘ ଦିନ ଧରି ଆତ୍ମଗୋପନ କରିଥିଲେ । ପରବର୍ତ୍ତୀ ସମୟରେ ସେ ନିର୍ବାଚନରୁ ଓହରି ଯାଇଥିଲେ ଏବଂ ସେହି ଆସନରେ ବିଜେପି ପ୍ରାର୍ଥୀ ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲେ ।

## 'ଭାରତ ପାଖରେ ୧୯୦ଟି ପରମାଣୁ ବୋମା'

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ବିଶ୍ୱ ସ୍ତରରେ ବଦଳୁଥିବା ସୁରକ୍ଷା ପରିସ୍ଥିତି ମଧ୍ୟରେ ଭାରତ ନିଜର ଆଣବିକ କ୍ଷମତାକୁ ଆହୁରି ମଜବୁତ କରିଛି । ଷ୍ଟକହୋମ୍ ଆନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା (ଏସ୍‌ଆଇପିଆରଆଇ) ର 'ବାର୍ଷିକ ପୁସ୍ତକ ୨୦୨୬' ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତର ପରମାଣୁ ବୋମା (ୱାରହେଡ୍) ସଂଖ୍ୟା ୧୮୦ ରୁ ୧୯୦ କୁ ବୃଦ୍ଧି ପାଇଛି । ଏହି ରିପୋର୍ଟ ଚେତାବନୀ ଦେଇଛି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ନୂତନ ପରମାଣୁ ପ୍ରତିଯୋଗିତା ମଧ୍ୟକୁ ଗତି କରୁଛି, ଯେଉଁଠାରେ ଶକ୍ତିଶାଳୀ ଦେଶଗୁଡ଼ିକ ଆଣବିକ



ଅସ୍ତ୍ରଶସ୍ତ୍ରକୁ ନିଜର ଜାତୀୟ ଶକ୍ତିର ପ୍ରଦର୍ଶନ ଭାବେ ବ୍ୟବହାର କରୁଛନ୍ତି । ରିପୋର୍ଟ ମୁତାବକ, ଭାରତର ଏହି ପରମାଣୁ ଆଧୁନିକୀକରଣ ପ୍ରକ୍ରିୟା ମୁଖ୍ୟତଃ ଚୀନର ବଢୁଥିବା ସାମରିକ ପ୍ରଭୁତ୍ୱକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ । ଚୀନ ବର୍ତ୍ତମାନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରମାଣୁ ଶକ୍ତି, ଯାହା ପାଖରେ ପ୍ରାୟ ୬୨୦ଟି ପରମାଣୁ ବୋମା ରହିଛି । ଏହା ସହିତ ପାକିସ୍ତାନ ସହ ଥିବା ପାରମ୍ପରିକ ଶତ୍ରୁତା ମଧ୍ୟ ଭାରତର ସାମରିକ ପ୍ରସ୍ତୁତିର ଏକ ପ୍ରମୁଖ କାରଣ । ବର୍ତ୍ତମାନ ପାକିସ୍ତାନ ପାଖରେ ପ୍ରାୟ ୧୭୦ଟି ପରମାଣୁ ବୋମା ଥିବା ବେଳେ ୨୦୨୫ ମେ ମାସରେ ଉଭୟ ଦେଶ ମଧ୍ୟରେ ହୋଇଥିବା ସ୍ୱଳ୍ପକାଳୀନ ସଂଘର୍ଷ ପରେ ଏହି ସୁରକ୍ଷା ଚିନ୍ତା ଆହୁରି ବଢ଼ିଯାଇଛି । ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ବର୍ତ୍ତମାନ 'ପରମାଣୁ ତ୍ରିଶକ୍ତି' (ଜଳ, ସ୍ଥଳ ଓ ଆକାଶରୁ ଆକ୍ରମଣ କ୍ଷମତା)କୁ ଅଧିକ ସକ୍ରିୟ କରିଛି । ଭାରତ ନିକଟରେ ଗୋଟିଏ କ୍ଷେପଣାସ୍ତ୍ରରେ ଏକାଧିକ ପରମାଣୁ ବୋମା ସଂଯୋଗ କରି ଭିନ୍ନ ଭିନ୍ନ ଲକ୍ଷ୍ୟଭେଦ କରିପାରୁଥିବା ବିଶେଷ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷିତ ଲଞ୍ଚ୍ କଣ୍ଟେନର ପ୍ରଣାଳୀର ବିକାଶ କରିଛି । ଏଥିସହ ସମୁଦ୍ର ମଧ୍ୟରେ ଶତ୍ରୁଠାରୁ ଲୁଚି ରହି ପାଲଟା ଆକ୍ରମଣ କରିବାର କ୍ଷମତା ରଖୁଥିବା 'ଆଇଏନଏସ ଅରିହନ୍ତ' ପରି ପରମାଣୁ ଚାଳିତ ବୁଡ଼ାଜାହାଜ ଗୁଡ଼ିକୁ ଭାରତୀୟ ସେନା ପକ୍ଷରୁ ସଫଳତାର ସହ ମୁତୟନ କରାଯାଉଛି, ଯାହା ଭାରତର ସୁରକ୍ଷା ବଳୟକୁ ଅଭେଦ୍ୟ କରିଛି । ଏସ୍‌ଆଇପିଆରଆଇ'ର ନିର୍ଦ୍ଦେଶକ କରିମ୍ ହାଗାଗ୍ ପ୍ରକାଶ କରିଛନ୍ତି ଯେ ବିଶ୍ୱରେ ପରମାଣୁ ନିୟନ୍ତ୍ରଣ ଚୁକ୍ତିଗୁଡ଼ିକ ଦୁର୍ବଳ ହେବାରେ ଲାଗିଛି ଏବଂ ଦେଶଗୁଡ଼ିକ ମଧ୍ୟରେ ସୂଚନାର ସ୍ୱଚ୍ଛତା କମିଯାଉଛି, ଯାହା ଆଗାମୀ ଦିନରେ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ । ଭାରତ ନିଜର ପରମାଣୁ ନୀତିରେ 'ପ୍ରଥମେ ପ୍ରହାର ନୁହେଁ' ଆଭିମୁଖ୍ୟ ରଖିଥିଲେ ମଧ୍ୟ, ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଏଭଳି ରଣନୈତିକ ସଂସ୍କାର ଅତ୍ୟନ୍ତ ଜରୁରୀ ପାଲଟିଛି ।

- ଚୀନ୍‌ର ମୁକାବିଲା ପାଇଁ ରଣନୀତି ବଦଳାଉଛି ଭାରତ



## ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ଚରିତ୍ରହୀନତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮ ।୬ (ଏଜେନ୍ସି): ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ସେମାନଙ୍କ ସହମତିରେ ଗଢ଼ିଉଠିଥିବା ବିବାହ ପୂର୍ବର ଶାରୀରିକ ସମ୍ପର୍କକୁ କୌଣସି ବ୍ୟକ୍ତିର ଖରାପ ଚରିତ୍ରର ଆଧାର କୁହାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ କହିଛନ୍ତି । ଏହାସହ ଜଣେ ପୁଲିସ କନଷ୍ଟେବଲ ପ୍ରାର୍ଥୀଙ୍କ ନିଯୁକ୍ତି ବାତିଲ ନିଷ୍ପତ୍ତିକୁ ମଧ୍ୟ ଅଦାଲତ ରଦ୍ଦ କରିଛନ୍ତି । ତେଲଙ୍ଗାନାର ଜଣେ ପ୍ରାର୍ଥୀଙ୍କ ପୁଲିସ ଚାକିରି ପାଇଁ ଚୟନ ହେବା ପରେ, ତାଙ୍କ ବିରୋଧରେ ୨୦୧୪ରେ ଥିବା ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗକୁ ଆଧାର କରି ନିଯୁକ୍ତି ବୋର୍ଡ ତାଙ୍କ ଚୟନକୁ ବାତିଲ କରିଦେଇଥିଲା । ଏହି ମାମଲାଟି ୨୦୧୫ରେ ଲୋକ ଅଦାଲତରେ ଆପୋଷ ବୁଝାମଣା ଜରିଆରେ ଶେଷ ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ ପ୍ରତ୍ୟେକ ପ୍ରେମ ସମ୍ପର୍କ ବିବାହର ରୂପ ନେଇନଥାଏ ଏବଂ କେବଳ ସମ୍ପର୍କ ବିବାହରେ ପରିଣତ ହୋଇପାରିନାହିଁ ବୋଲି ଜଣେ ଅନ୍ୟଜଣକୁ ପ୍ରତାରଣା କରିଛି ବୋଲି ଭାବିବା ଅନୁଚିତ । କୌଣସି ଆଇନ ଦୁଇଜଣ ବୟସ୍କ ବ୍ୟକ୍ତିଙ୍କୁ ସେମାନଙ୍କ ସହମତିରେ ସମ୍ପର୍କ ରଖିବାକୁ ବାରଣ କରେନାହିଁ ଏବଂ ଲୋକ ଅଦାଲତରେ ହୋଇଥିବା ସାଲିସକୁ ଅପରାଧ ବୋଲି ଧରାଯିବ ନାହିଁ ।

## ଡାକ୍ତରଙ୍କ ପ୍ରେସ୍‌କ୍ରିପସନରେ ମିଳିପାରିବ ମଦ



ଆଇଜଲ, ୮ ।୬(ଏଜେନ୍ସି): ମଦ ନିଷେଧାଦେଶ ଜାରି ହୋଇଥିବା ଭାରତର କେତେକ ସୀମିତ ରାଜ୍ୟ ମଧ୍ୟରୁ ମିଜୋରାମ ଅନ୍ୟତମ । ଏବେ ଏହି ରାଜ୍ୟରେ କେବଳ ଡାକ୍ତରଙ୍କ ପ୍ରେସକ୍ରିପସନ ବଳରେ ସ୍ଥାନୀୟ ବାସିନ୍ଦା ଆଇନଗତ ଭାବେ ମଦ ପାଇପାରିବେ । ଏଥିପାଇଁ ମିଜୋରାମ ସରକାର ଏକ ସ୍ୱତନ୍ତ୍ର 'ରେଡ୍ କାର୍ଡ' ପରମିଟ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହା ଅଧୀନରେ କଠୋର ନିୟମାବଳୀ ମଧ୍ୟରେ ଚିକିତ୍ସା ଆଧାରରେ ଜଣେ ବ୍ୟକ୍ତି ମଦ ରଖିବା ସହ ବ୍ୟବହାର କରିପାରିବେ । ଏଥିପାଇଁ ଜଣେ ପଞ୍ଜୀକୃତ ଡାକ୍ତରଙ୍କ ଅନୁମତି ଦରକାର । ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ଏହାର ଯାଞ୍ଚ ହେବା ପରେ ଅବକାରୀ ଏବଂ ନାର୍କୋଟିକ୍ସ ବିଭାଗ ଏହି କାର୍ଡ ପ୍ରଦାନ କରିବ । ଏହି କାର୍ଡର ଅବଧି ଏକ ବର୍ଷ ରହିବ ଏବଂ ଏଥିପାଇଁ ବାର୍ଷିକ ୫, ୦୦୦ ଟଙ୍କା ଫିସ୍ ଦେବାକୁ ପଡ଼ିବ ।

## ଇନ୍ଦିରା ଆବାସ ନାମରେ ଠକେଇ

# ବିଡିଓ ପରିଚୟ ଦେଇ ଠକିନେଲେ ସୁନାପଲା

ସୋର,୮ ।୬(ସମିସ)

ସୋର ପୌର ପାଳିକା ଅଧୀନ ତୁଣ୍ଡପଡ଼ା ଗ୍ରାମରେ ଇନ୍ଦିରା ଆବାସ କରେଇ ଦେବାକୁ କହି ଜଣେ ଅଜଣା ଯୁବକ ସୁନା ଗହଣା, ଆଧାର କାର୍ଡ ଏବଂ ବ୍ୟାଙ୍କ ପାସବୁକ୍ ଲୁଟିନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଏହି ଗ୍ରାମର ବଂଶୀଧର କମିଳା ଆଜି ସକାଳେ ଘରେ ଥିବାବେଳେ ଜଣେ ଯୁବକ ଏକ ବାଇକ୍‌ରେ ଆସି ନିଜକୁ ବିଡିଓ ପରିଚୟ ଦେଇ ତାଙ୍କ ନାମରେ ଇନ୍ଦିରା ଆବାସ ଆସିଛି ଏବଂ ତିନିମାସ ମଧ୍ୟରେ ଘର ତିଆରି କଲେ ୩ ଲକ୍ଷ ଟଙ୍କା ମିଳିବ ବୋଲି କହିଥିଲେ । କିନ୍ତୁ ବଂଶୀଧର ଟଙ୍କା ନ ଥିବାରୁ ଘର କରିବା ପାଇଁ ଅସମର୍ଥ ପ୍ରକାଶ କରିଥିଲେ । କିନ୍ତୁ ଯୁବକ ଜଣଙ୍କ ତାଙ୍କୁ ୫ ହଜାର ଟଙ୍କା ଦେଲେ ୫୦ ହଜାର ଦେବେ ବୋଲି କହିଥିଲେ । ଏଥିରେ ବି ବଂଶୀଧର ଅସହାୟତା ପ୍ରକାଶ କରିଥିଲେ । ଫଳରେ ଯୁବକ ଜଣଙ୍କ ତାଙ୍କୁ ସୁନା ଗହଣା ଦେଲେ ଟଙ୍କା ଦେବେ ବୋଲି କହିଥିଲେ । ଫଳରେ ବାପାଙ୍କର ଦୁଃଖ ସହି ନ ପରି ନିକଟରେ ଥିବା ତାଙ୍କ ଝିଅ ଅନ୍ନପୂର୍ଣ୍ଣା କମିଳା ପିନ୍ଧିଥିବା ସାଢେ ୮ ଗ୍ରାମର ସୁନା ପଲା ବ୍ୟାଙ୍କ ପାସବୁକ ଏବଂ ଆଧାର କାର୍ଡ ତାଙ୍କୁ ଦେଇଥିଲେ । ଫଳରେ ଯୁବକ ଜଣଙ୍କ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀଙ୍କୁ ବାଇକରେ ବସାଇ କୋର୍ଟ ନିକଟକୁ ଆସିଥିଲେ । ସେଠାରେ ପହଞ୍ଚିବା ପରେ ଯୁବକ ଜଣଙ୍କ ତାଙ୍କୁ କୋର୍ଟରୁ ଏକ ଇନ୍ଦିରା ଆବାସ ଫର୍ମ ଆଣିବାକୁ କହିଥିଲେ । କିନ୍ତୁ ମହିଳାଙ୍କ ସ୍ୱାମୀ କୋର୍ଟରୁ ଫେରିବାପରେ ଆଉ ଯୁବକଙ୍କର ଦେଖା ପାଇ ନ ଥିଲେ । ଫଳରେ ଯୁବକ ଜଣଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ଠକାମୀର ଶିକାର ହୋଇଥିବା ଜାଣିପାରି ଅପରାହ୍ନରେ ବଂଶୀଧର ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଚହଟା ଗୋଷ୍ଠୀ ସଂଘର୍ଷରେ ଫେରାର ୨ ଆସାମୀ ଗିରଫ

ରେମୁଣା,୮ ।୬(ସମିସ): ରେମୁଣା ଥାନା ଅଧୀନ ଚହଟା ପୋଖରୀ ନିକଟରେ ଗତ ମାସ ୧ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଉଭୟ ଗୋଷ୍ଠୀର ମିଶି ମୋଟ ୫ଜଣ ଗୁରୁତର ଆହତ ହୋଇ ମେଡିକାଲ କଲେଜରେ ଚିକିତ୍ସା ହୋଇଥିଲେ । ଗୁରୁତର ଆହତ ମନ୍ଦାରପୁର ଗ୍ରାମର ସାନ୍ତ୍ୱନୁ ଦାସ (ସାନୁ) କୁ କଟକ ସ୍ଥାନାନ୍ତର କରାଯାଇଥିଲା ଏବଂ ତାଙ୍କର ସହଯୋଗୀ ସମ୍ଭବ ସାହୁ(ବାଦଲ) ସ୍ଥାନୀୟ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ । ପରେ ସେମାନେ ଫେରାର ହୋଇଯାଇଥିଲେ । ପୁଲିସ ୨ମାସ ଧରି ହାତ ଖାଲି କରି ବସିଥିଲା । ଏ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ବେଗମପୁର ଗ୍ରାମ ର ସଂଯୁକ୍ତା ନାୟକ ଅଭିଯୋଗ ଆଧାର ରେ ୯୨/୨୬ ଏବଂ ମାଧିପୁର ର ବାଦଲ ସାହୁଙ୍କ ବାପା ରଘୁନାଥଙ୍କ ଅଭିଯୋଗ ଅଦାରରେ ଥାନାରେ ମାମଲା ରୁଜୁ କରାଯାଇଥିଲା । ଗଣ୍ଡଗୋଳରେ ସମ୍ପୃକ୍ତ ବାଦଲ ଓ ସାନୁ ଘଟଣା ଦିନ ଠାରୁ ଫେରାର ହୋଇ ଜିଲ୍ଲା ବାହାରେ ରହୁଥିଲେ । ପୁଲିସ ଖବର ପାଇ ଯାଜପୁର ଜିଲ୍ଲାର ଏକ ସ୍ଥାନରୁ ସେମାନଙ୍କୁ ଗିରଫ କରିଛି । ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂତ୍ରରୁ ଜଣାପଡିଛି ।

## ୪ ହଜାର ଲିଟର ମଦ ଓ ୫୨ ହଜାରରୁ ଅଧିକ ଟଙ୍କା ଜବତ



ଦୁଇ ଗିରଫ

କାଳିପଦା,୮ ।୬(ସମିସ): ବାଲିଆପାଳ ପୁଲିସ ରବିବାର ଭୋର କେଶୁଡିହା ଗ୍ରାମରୁ ଦେଶୀ ମଦ ବୋଝେଇ ଏକ ବୋଲେରୋ ଏବଂ ଏକ ମହେନ୍ଦ୍ରା ପିକ୍‌ଅପ୍ ଜବତ କରିଛି । ଏହାସହ ୫୨ ହଜାର ତିନି ଶହ ୬୦ଟଙ୍କା ଜବତ କରିଛି । ଏଥିରେ ସମ୍ପୃକ୍ତ ଦୁଇ ଜଣ ଡ୍ରାଇଭରକୁ ଗିରଫ କରିଛି । ଏନେଇ ବସ୍ତା ଏସ୍‌ଡିପି ଓ ସାମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ଖବରଦାତା ସମିଳନୀରେ ସୂଚନା ଦେଇଛନ୍ତି । ରବିବାର ଭୋର ବହୁ ମାତ୍ରାରେ ବାଲିଆପାଳ ଅଞ୍ଚଳକୁ ଦେଶୀ ମଦ ଚୋରା ଚାଲଣ ହେଉଥିବାର ସୂଚନା ପାଇ ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁଙ୍କୁ ଖବର ଦେଇଥିଲେ । ବାଲିଆପାଳ ଥାନା ଏଏସ୍‌ଆଇ ପ୍ରବୋଧ କୁମାର ମଲ୍ଲିକ, କନଷ୍ଟେବଳ ଦୀପକ କୁମାର ମହାଳିକ ଓ ମନୋଜ କୁମାର ମାରାଣ୍ଡି ପୁଲିସ ଭେନର ପିଛା କରି କେଶୁଡିହା ଗ୍ରାମାର ସରୋଜ କୁମାର ଜେନାଙ୍କ ଘର ଆଗରୁ ଦୁଇଟି ମଦ ବୋଝାଇ ଗାଡ଼ି ଜବତ କରିଥିଲେ । ଗିରଫ ଦୁଇଜଣ ଡ୍ରାଇଭର ସତ୍ୟ କାଳେନ୍ଦୀ ଏବଂ ଗଣେଶ ଜେନାଙ୍କୁ ଗିରଫ ବାଲିଆପାଳ ଥାନାକୁ ଆଣିଥିଲେ । ଏହି ବାବଦରେ ମାମଲା ରୁଜୁକରି ସେମାନଙ୍କୁ ସୋମବାର କୋର୍ଟ ଚଲାଣ କରାଯାଇଛି । କୁଡ଼ିଆ ଗ୍ରାମର ପ୍ରତାପ କେଶରୀ ମହାପାତ୍ର ଓରଫ ବାପି ଏବଂ ପ୍ରଳାପ ମାହାପାତ୍ର ଓରଫ ଟୁନାଙ୍କ ନିର୍ଦ୍ଦେଶରେ ଏହି ଦେଶୀ ମଦ ଗୁଡିକ କେଶୁଡିହା ଗ୍ରାମର ସରୋଜ କୁମାର ଜେନାଙ୍କ ଘରକୁ ନେଉଥିଲେ ବୋଲି ଡ୍ରାଇଭର ମନିଛି ବୋଲି ଏସଡିଓ ଶ୍ରୀ ବେହେରା କହିଥିଲେ । ବସ୍ତା ଏସଡିପିଓ ଶ୍ରୀ ବେହେରା, ବାଲିଆପାଳ ଥାନା ଆଇଆଇସି ଶ୍ରୀ ମୁର୍ମୁ,ଏସ୍‌ଆଇ ଶୁଭସ୍ମିତା ପାଳ, ଏଏସ ଆଇ ପ୍ରବୋଧ କୁମାର ମଲ୍ଲିକ, ଦେବେନ୍ଦ୍ର ବେହେରାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସର୍ଟସର୍କିଟ ଯୋଗୁଁ ଜଳିଗଲା ଔଷଧ ଦୋକାନ

ନୀଳଗିରି,୮ ।୬(ସମିସ): ସର୍ଟସର୍କିଟ ଯୋଗୁଁ ଏକ ଔଷଧ ଦୋକାନ ଜଳିଯିବା ଫଳରେ ଲକ୍ଷାଧିକ ଟଙ୍କାର ଔଷଧ ଜଳିପୋଡି ନଷ୍ଟ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ଛକ୍ ନିକଟରେ ସ୍ଥାନୀୟ ଜୟପୁର ଅଞ୍ଚଳର ଅଶେଷ ପାତ୍ରୀ ସାଇକ୍ରିଷ୍ଣା ମେଡିକାଲ ଷ୍ଟୋର ନାମରେ ଔଷଧ ଦୋକାନ କରିଥିଲେ । ସୋମବାର ଅପରାହ୍ନରେ ଉକ୍ତ ଦୋକାନରେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଯିବାଫଳରେଦୋକାନରଷ୍ଟୋରରେ ଗଚ୍ଛିତଥିବା ଲକ୍ଷାଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଜିନିଷ ପୋଡ଼ିଯାଇଥିବା ଦେଖିବାକୁ ମିଳିଛି । ନୀଳଗିରି ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ହେଁ ଲକ୍ଷାଧିକ ଟଙ୍କାର ଔଷଧ ଜାଳିଯାଇଥିବା ପରିଲକ୍ଷିତ ହୋଇଛି ।

## ବେଆଇନ ବାଲିଖାଦାନରେ ଚଢ଼ଉ; ୫ ଟ୍ରାକ୍ଟର ଜବତ





ଜଳେଶ୍ୱର, ବ୍ଲକ, ୮ ।୬ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଧୀନ ରାଇବଣିଆ ଥାନା ଅଞ୍ଚଳରେ ଦୀର୍ଘ ଦିନ ହେବ ଚୋରାରେ ଚାଲି ଆସୁଥିବା ବେଆଇନ ବାଲିଖାଦାନ ଉପରେ ରବିବାର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉରେ ୫ଟି ଟ୍ରାକ୍ଟର ସହ ୨ଟି ଡାଲା ଜବତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ମାକିଡିଆ, ମୁଣ୍ଡତୁଣିଆ, ବେହେରାସାହି, ଦକ୍ଷିଣ ପ୍ରହରାଜପୁର ଏବଂ ମାଳିପାଳ ଆଦି ଅଞ୍ଚଳରେ ମାଫିଆମାନେ ବେଧଡ଼କ ଭାବେ ବାଲି ଚୋରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା । ବାଲି ମାଫିଆଙ୍କ ସୂଚନାଦାତାମାନେ ତହସିଲ ଅଫିସ ବାହାରେ ଓ ବିଭିନ୍ନ ଛକରେ ଜଗି ରହି ତହସିଲ ଗାଡ଼ିର ଗତିବିଧି ଉପରେ ନଜ ନଜର ରଖୁଥିବାରୁ ପ୍ରଶାସନ ପକ୍ଷରୁ ଏକ ଅତି ଅଭିନବ କୌଶଳ ଆପଣାଯାଇଥିଲା । ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ରବିବାର ତହସିଲ ବିଭାଗର ଏକ ଟିମ୍ ସରକାରୀ ଗାଡ଼ି ବଦଳରେ ଭଡ଼ାଗାଡ଼ି ସାହାଯ୍ୟରେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ପ୍ରହରାଜପୁର ବାଲି ଖାଦାନରେ ଚଢ଼ଉ କରିଥିଲା । ସୁପରଭାଇଜର ଶରତ ବେହେରା, ଆରଆଇ ରଞ୍ଜନ ପାଣି, ଶିବ ସେନାପତି, ଜଗନ୍ନାଥ ପାତ୍ର, ଦେବାଞ୍ଜନ ମହାନ୍ତି, କର୍ମଚାରୀ କିରଣ ଘୋଷ ଓ ସୁଦାମ ସାହା, ରାଇବଣିଅ ରବଣିଆ ଥାନା ପକ୍ଷରୁ ଏଏସ୍‌ଆଇ ଚନ୍ଦନ ମହାନ୍ତି ଓ ଅନ୍ୟ ଥାନା କର୍ମଚାରୀ ଚଢ଼ଉରେ ଉପସ୍ଥିତ ସ୍ଥିତ ଥିଲେ । ସ୍ପେଶାଲ ଅପରେସନରେ ପ୍ରଶାସନ ଶାସନ ପକ୍ଷରୁ ୩ଟି ବାଲି ବୋଝେଇ ଟ୍ରାକ୍ଟର, ୨ଟି ଖାଲି ଟ୍ରାକ୍ଟର ଏବଂ ୨ଟି ଟ୍ରଲି ଜବତ କରାଯାଇ ଜଳେଶ୍?ର ତହସିଲକୁ ଅଣାଯାଇଥିଲା । ଅନ୍ୟ ୨ଟି ଗାଡ଼ି ପଶ୍ଚିମବଙ୍ଗ ସୀମାକୁ ଖସି ପଳାଇବ ଇବାରେ ସଫଳ ହୋଇଥିବା ଜଣାପଡ଼ିଛି ।

## ବେଆଇନ କାଠ ସହ ପିକଅପ୍ ଭ୍ୟାନ୍ ଜବତ



ଜଳେଶ୍ୱରବ୍ଲକ, ୮ ।୬ (ସମିସ): ବେଆଇନ କାଠ ଚାଲାଣ ରାକେଟ୍ ଉପରେ ଜଳେଶ୍ୱର ବନ ବିଭାଗ ଏକ ବଡ଼ଧରଣର ଚଢ଼ଉ କରି ପ୍ରଚୁର ପରିମାଣର ମୂଲ୍ୟବାନ କାଠ ସହ ଏକ ପିକଅପ୍ ଭ୍ୟାନ୍ ଜବତ କରିଛି । ମୟୂରଭଞ୍ଜ ଅଞ୍ଚଳରୁ ଏକ ଗାଡ଼ିରେ ବିପୁଳ ପରିମାଣର କାଠ ବୋଝେଇ ହୋଇ ୬୦ ନମ୍ବର ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ନେଇ ବନ ବିଭାଗକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଏହି ସୂଚନାକୁ ଆଧାର କରି ଜଳେଶ୍ୱର ଭାରପ୍ରାପ୍ତ ରେଞ୍ଜର ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ପେଶାଲ୍ ଟିମ୍ ଗଠନ କରାଯାଇଥିଲା । ସୋମବାର ମଧ୍ୟାହ୍ନରେ ବନବିଭାଗର ଏହି ସ୍ୱତନ୍ତ୍ର ଟିମ୍ ଏନଏଚ୍ ୬୦ ଆମ୍ବଲିଆଠା ପୋଲ ନିକଟରେ ଜଗି ରହିଥିଲେ । ଠିକ୍ ସେହି ସମୟରେ ସନ୍ଦେହଜନକ ଗାଡ଼ିଟି ସେହି ବାଟ ଦେଇ ଯାଉଥିବା ବେଳେ ବନ ବିଭାଗର କର୍ମଚାରୀମାନେ ହଠାତ୍ ଚଢ଼ଉ କରି ତାହାକୁ ଅଟକାଇଥିଲେ । ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ କୌଣସି ବୈଧ କାଗଜପତ୍ର ନଥାଇ ଚାଲାଣ ହେଉଥିବା ପ୍ରାୟ ୫୦ ସେଫ୍ଟି ମୂଲ୍ୟବାନ ଆମ୍ବ ଏବଂ କୁଦୁମ୍ବ କାଠ ଜବତ କରାଯାଇଥିଲା । ଜବତ ହୋଇଥିବା ଏହି ବେଆଇନ କାଠର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଜବତ କରାଯାଇଥିବା କାଠ ଏବଂ ପିକଅପ୍ ଭ୍ୟାନ୍‌କୁ ସାନ୍ତିଆ ସ୍ଥିତ ଫରେଷ୍ଟ ଅଫିସ ପରିସରକୁ ଅଣାଯାଇଛି । ଘଟଣା ସ୍ଥଳରୁ ଡ୍ରାଇଭର ଚମ୍ପଟ ମାରିଥିଲା ବୋଲି ରେଞ୍ଜର ସଞ୍ଜୟ କୁମାର ମହାନ୍ତି କହିଛନ୍ତି ।

## ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଡିଜି ବ୍ୟାକଅପ୍ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ



ନୀଳଗିରି,୮ ।୬(ସମିସ): ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା, ମହାବାହୁ ଜଗନ୍ନାଥ ପୂଜା ପାଉଛନ୍ତି । ଆସନ୍ତା ଜୁଲାଇ ମାସରେ ତୃତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ଆୟୋଜିତ ହେବାକୁ ନେଇ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ରଥଯାତ୍ରା ସମୟରେ ଦୈନନ୍ଦିନ ନୀତିକାନ୍ତି, ମନ୍ଦିର କାର୍ଯ୍ୟକଳାପ, ସୁରକ୍ଷା ବ୍ୟବସ୍ଥା, ଆଲୋକୀକରଣ, ଜନସାଧାରଣଙ୍କ ସୁବିଧା ଏବଂ ବିପୁଳ ଭକ୍ତ ସମାଗମର ପରିଚାଳନା ପାଇଁ ନିରନ୍ତର ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଅତ୍ୟାବଶ୍ୟକ ହୋଇପଡେ । ଏହି ସମୟରେ ବିଦ୍ୟୁତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେଲେ ତାହା ଯଥେଷ୍ଟ ଅସୁବିଧା ସୃଷ୍ଟି କରିପାରେ ଏବଂ ମନ୍ଦିରର ଧାର୍ମିକ କାର୍ଯ୍ୟକଳାପକୁ ପ୍ରଭାବିତ କରିବ । ଏନେଇ ଜଗନ୍ନାଥ ମନ୍ଦିରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଏବଂ ଡିଜି ବ୍ୟାକଅପ୍ ସୁବିଧା ପ୍ରଦାନ ଅଞ୍ଚଳବାସୀ ଦାବି କରିଥିଲେ । ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୋମବାର ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ, ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର ସାଂସଦ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ଆସନ୍ତା ରଥଯାତ୍ରା ପୂର୍ବରୁ ପ୍ରସ୍ତାବଟି କାର୍ଯ୍ୟକାରୀ ପାଇଁ ସମ୍ପୃକ୍ତ ବିଭାଗ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇପାରେ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

● ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ନୂତନ ଗୃହ ଉଦ୍‌ଘାଟନ

## ରାସ୍ତା ଶିଳାନ୍ୟାସ ବେଳେ ସାଂସଦ ହଟହଟା



ବାଲେଶ୍ୱର(ଉତ୍ତର),୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ସୋମବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ସହିତ ନୂତନ ଗୃହର ଉଦ୍‌ଘାଟନ ହୋଇଯାଇଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିଳାନ୍ୟାସ କରିବା ସହିତ ଗୃହ ଉଦ୍‌ଘାଟନ କରିଥିଲେ । ମାତ୍ର ବାଲିମ ପଞ୍ଚାୟତର ଏକ ନୂତନ ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିନିଧି ଓ ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରିଥିବା ବେଳେ ଗୁନାଇ ବସାଣ ପଞ୍ଚାୟତରେ ଏକ ଜିପିଏଲଏଫ୍ ନୂତନ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସରକାରୀ ସ୍ତରରେ କରା ନଯାଇ ଦଳୀୟ ଭିତ୍ତିରେ କରାଯିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ସୂଚନାଯୋଗ୍ୟ ଯେ ଏହି ବ୍ଲକ୍ ବାଲିମ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କେନ୍ଦୁପଦାଛକଠାରୁ ପଶ୍ଚିମବଙ୍ଗ ବୋର୍ଡର ପର୍ଯ୍ୟନ୍ତ ଏକ ନୂତନ ରାସ୍ତାର ଶିଳାନ୍ୟାସ କରିବାକୁ ଆଜି ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ଭୋଗରାଇ ବିଧାୟକ ଶ୍ରୀ ଦାସ ଆସିଥିଲେ । ମାତ୍ର ବାଲିମ ସରପଞ୍ଚ ଦୀପକ କୁମାର ଜେନା ଓ ତାଙ୍କର ୱାର୍ଡମେମ୍ବର ମାନଙ୍କୁ ରାସ୍ତା ଶିଳାନ୍ୟାସ ବାବଦରେ କୌଣସି ସୂଚନା ଦିଆ ଯାଇ ନ ଥିବାରୁ ସରପଞ୍ଚ ଓ ଅନ୍ୟ ପ୍ରତିନିଧିମାନେ କାହିଁକି ସୂଚନା ମିଳିଲା ନାହିଁ ବୋଲି ଅଭିଯୋଗ କରି ରାସ୍ତା ଉପରେ ବସି ସାଂସଦଙ୍କୁ ଅଟକ ରଖି ପଚାରିଥିଲେ । ପ୍ରତିବାଦ ସମୟରେ ଠେଲା ପେଲା ଉପୁଜିବା ସହିତ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା । ତେବେ ସେହି ହଟ୍ଟଗୋଳ ମଧ୍ୟରେ ରାସ୍ତାର ଶିଳାନ୍ୟାସ କରିଥିଲେ ଉଭୟ ସାଂସଦ ପ ଓ ବିଧାୟକ । ଏନେଇ ସରପଞ୍ଚ ଦିପକ ଜେନା ଅଭିଯୋଗ କରିଛନ୍ତି ଯେ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କୁ ସାଂସଦଙ୍କ ସହିତ ଆସିଥିବା ବିଜେପି କର୍ମୀମାନେ ଏଭଳି ଗୁଣ୍ଡାଗର୍ଦ୍ଦି କରିବା କେତେ ଗ୍ରହଣୀୟ ତାହା ସାଂସଦ ମହୋଦୟ ଉତ୍ତର ରଖିବେ, ନହେଲେ ଆଗାମୀ ଦିନରେ ପଞ୍ଚାୟତ ବାସୀ ତାର ଜବାବ ଦେବେ । ଅପରପକ୍ଷରେ ସୁନାଧର ବସାଣ, ନାଚିନ୍ଦା ଓ ଗୁନାଇ ବସାଣ ପଞ୍ଚାୟତ ରେ ନୂତନ ଜିପିଏଲଏଫ ନୂତନ ଗୃହର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା । ସେଥିମଧ୍ୟରୁ ସୁନାଧରବସାଣ ଓ ନାଚିନ୍ଦା ପଞ୍ଚାୟତ ରେ ବିଧିବଦ୍ଧ ଭାବେ ନୂତନ ଗୃହକୁ ଉଭୟ ସାଂସଦ ଓ ବିଧାୟକ ମିଳିତ ଭାବେ ଉଦଘାଟନ କରିଥିବା ବେଳେ ଗୁନାଇବସାଣ ପଞ୍ଚାୟତ ରେ ଏହାର ବ୍ୟତିକ୍ରମ ଦେଖାଯାଇଥିଲା । ସେଠାକୁ କେବଳ ସାଂସଦକୁ ଡାକି ଗୃହ ଉଦଘାଟନ କରାଯାଇଥିଲା ବେଳେ ସ୍ଥାନୀୟ ବିଧାୟକକୁ ଉପେକ୍ଷା କରାଯାଇଥିଲା । ଏପରିକି ଉଦଘାଟନ ଫଳକରେ ବିଧାୟକ ଙ୍କ ନାମ ମଧ୍ୟ ରଖା ଯାଇ ନଥିଲା । ଏହି କାର୍ଯ୍ୟକ୍ରମକୁ ବିଜେପି ସମ୍ପୂର୍ଣ୍ଣ ଦଳୀୟ ଭିତ୍ତିରେ କରିଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଏହି କାର୍ଯ୍ୟକ୍ରମକୁ କୌଣସି ବିଭାଗୀୟ ସରକାରୀ ଅଧିକାରୀ ମଧ୍ୟ ଯାଇ ନଥିବା ଦେଖିବାକୁ ମିଳିଥିଲା ।

### ଅସନ୍ତୋଷ ପ୍ରକାଶ କଲେ ବିଧାୟକ

ଗୁନାଇ ବସାଣ ପଞ୍ଚାୟତରେ ଜିପିଏଲଏଫ ଗୃହ ଉଦ୍‌ଘାଟନ ସରକାରୀ କାର୍ଯ୍ୟକ୍ରମ ହୋଇଥିଲା ବେଳେ ସ୍ଥାନୀୟ ବିଜେପି ନେତା ଏହାକୁ ଏକ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବା ଦୁର୍ଭାଗ୍ୟଜନକ । ସେଠାରେ ଲାଗିଥିବା ଫଳକରେ ସାଂସଦ ନାମ ରହିଥିଲାବେଳେ ସ୍ଥାନୀୟ ବିଧାୟକଙ୍କ ନାମ ନ ରଖି ବିଜେପି ନେତାଙ୍କ ରହିବା କଣ ସରକାରୀ ନିୟମ ରେ ହୋଇଛି ବୋଲି ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଆମ ସାଂସଦ ଉଚ୍ଚ ଶିକ୍ଷିତ ସହ ଜଣେ ଅନୁଭବି ରାଜନେତା, ତେଣୁ ସେ ଉପସ୍ଥିତ ଥାଉ ଥାଉ ଏଭଳି ଘଟଣା ଘଟିବା ଦୁର୍ଭାଗ୍ୟଜନକ । ଏହା ସାଂସଦ ଜାଣତରେ କରାଯାଇଛି ନା ତାଙ୍କ ଅଜାଣତରେ କରାଯାଇଛି ତାହା ବିଚାର ସାପେକ୍ଷ । ଏଭଳି ଆଗକୁ ଯଦି ଆଗକୁ ହୁଏ ତେବେ ଏହାର ଉଚିତ ଜବାବ ଦିଆଯିବ ।

● ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ସଦସ୍ୟଙ୍କ ଧାରଣା

## ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଜଳେଶ୍ୱରବ୍ଲକ୍,୮ ।୬(ସମିସ): ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସୋମବାର ସକାଳେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା ସକାଳ ୯ଟାରୁ ଏହି ଧାରଣାରେ ବସିଥିଲେ । ଅଭିଯୋଗ ଅନୁଯାୟୀ,୨୦୨୪-୨୫ ଆର୍ଥିକ ବର୍ଷରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ କେତେକ ପ୍ରକଳ୍ପ ଗ୍ରାମସଭାରେ ଅନୁମୋଦିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଜଗଦୀଶ ଚନ୍ଦ୍ର ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା ଏବଂ ସମିତିସଭ୍ୟ ବ୍ୟତିଗତ ହାତପାଣ୍ଠିକୁ କନିଷ୍ଠ ଯନ୍ତ୍ରୀ ଜଣକ ପଞ୍ଚାୟତ ସଦସ୍ୟଙ୍କୁ କୌଣସି ସୂଚନା ନ ଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିବା ସହ ଠିକାଦାରଙ୍କ ସହ ସତାସୁତୁରା କରି ମୋଟାଅଙ୍କର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନକୁ ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ, ଉତ୍ତରବାଲେଶ୍ୱର ସାଙ୍ଗଠନିକ ଜାତି ଜନଜାତି ଯୁବ ମୋର୍ଚ୍ଚା ସଭାପତି ଗଣେସ ସୋରେନ, ଯୁବନେତା ବିପ୍ଳବ ପ୍ରଧାନ, ସଂଗ୍ରାମ ଜେନା, ବର୍ତ୍ତନା ସଦସ୍ୟ ତ୍ରିଲୋଚନ ଦାସ, ଜୟନ୍ତ ଗିରି, ସଞ୍ଜୟ ଘୋଷ, ୮ନମ୍ବର ଜୁନ୍‌ର ମଣ୍ଡଳ ସଭାପତି ଅନୁପ କୁମାର ପ୍ରଧାନ, ବିଶ୍ୱରୂପ ଦାସ, ବୀର କିଶୋର ରାଉତ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସମର୍ଥନ ଜଣାଇଥିଲେ । ମଧ୍ୟାହ୍ନରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଧାରଣାସ୍ଥଳରେ ପହଞ୍ଚି ସଦସ୍ୟ ଓ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ । ବିଡିଓଙ୍କ ଠାରୁ ଏହି ସମସ୍ତ ଦାବି ସମ୍ପର୍କରେ ପ୍ରତିଶ୍ରୁତି ମିଳିବା ପରେ ଶ୍ରୀ ଜେନା ଓ ଅନ୍ୟ ସଦସ୍ୟମାନେ ନିଜର ଧାରଣା ପ୍ରତ୍ୟାହାର କରିଥିଲେ । ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି ।

## ୪ ସ୍କୁଲ୍‌କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା

ଖଇରା,୮ ।୬(ସମିସ)



ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ୨୦୪ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଥିବାବେଳେ ଏଥିରେ ଖଇରାର ୪ଟି ବିଦ୍ୟାଳୟକୁ ସାମିଲ କରାଯାଇଛି । ଏଥି ମଧ୍ୟରେ ଜଳଦା ପଞ୍ଚାୟତର ତୁଟସ୍ଥିତ କୋଇଲି ସରକାରୀ ୟୁପି ସ୍କୁଲ, ନୟାଖଣ୍ଡି ପଞ୍ଚାୟତର ସୁନ୍ଦରପୁରସ୍ଥିତ ନୀଳସୁନ୍ଦରଜୀଉ ସରକାରୀ ହାଇସ୍କୁଲ, ଗଡ଼ପୋଖରୀ ପଞ୍ଚାୟତର ଗଡପୋଖରୀ ୟୁପିସ୍କୁଲ, ରଟିଣା ପଞ୍ଚାୟତର ପିପି ସରକାରୀ ହାଇସ୍କୁଲ ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି । ରବିବାର ଅପରାହ୍ନରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ତୁଟୋ ବିଦ୍ୟାଳୟରେ ପହଞ୍ଚି ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଏହି ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ପିଲାମାନଙ୍କୁ ଉଚ୍ଚ ମାନର ଗୁଣାତ୍ମକ ଶିକ୍ଷା ମିଳିପାରିବ ବୋଲି କହିଥିଲେ । ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଏନ୍‌ପିଏସ୍‌ସଂଘ ସଭାପତି ସୁଶାନ୍ତ ମହାପାତ୍ର, ପ୍ରଧାନଶିକ୍ଷକ ହରିହର ରାଉତ, ଜିଲ୍ଲା ପରିଷଦ ମାନସ କୁମାର ଦାଶ, ଉପେନ୍ଦ୍ର ପାଣିଗ୍ରାହୀ, ସିଆରସିସି ହେମନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ବିଧାୟକ ଓ ଅଧ୍ୟକ୍ଷା ସୁନ୍ଦରପୁର ହାଇସ୍କୁଲର ଫଳକ ଉନ୍ମୋଚନ କରିଥିବା ବେଳେ ସରପଞ୍ଚଙ୍କ ପ୍ରତିନିଧି ହୃଦୟ ବେହେରା, ସମିତିସଭ୍ୟା ପ୍ରତିନିଧି ବିପ୍ଳବ ଦାସ, ପୂର୍ବତନ ସରପଞ୍ଚ ମାନସ ମହାପାତ୍ର , ସିଆରସିସି ଦାମୋଦର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଯଶୋବନ୍ତ ନାଇକି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଡପୋଖରୀ ୟୁପି ସ୍କୁଲରେ ବିଧାୟକ ଓ ଅଧ୍ୟକ୍ଷାଙ୍କ ଦ୍ୱାରା ଭୂମିପୂଜନ ପରେ ଆୟୋଜିତ ସଭାରେ ଶତ୍ରୁଘ୍ନ ଦାସ, ସମିତିସଭ୍ୟ ଶତ୍ରୁଘ୍ନ ସେଠୀ, ସରପଞ୍ଚ ଟିକିରାଣୀ ସେଠୀ, ବସନ୍ତ ସ, ପରେଶ ଦକ୍ଷିଣରାୟ, ଭରତ ଚନ୍ଦ୍ର ଦାସ,ଏସଏମସି ସଭାପତି ଯୋଗେନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ରଟିଣା ହାଇସ୍କୁଲରେ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ପ୍ରଧାନଶିକ୍ଷକ ଶରତ କୁମାର ପାତ୍ର ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଏସଏମସି ସଭାପତି ରାଧାଶ୍ୟାମ ମହାପାତ୍ର, ମଣ୍ଡଳ ସଭାପତି ସୁମନ୍ତ ଜେନା, ଯୁବମୋର୍ଚ୍ଚା ସଭାପତି ପ୍ରିତିଶ କୁମାର ମାହପାତ୍ର, ପ୍ରାକ୍ତନ ମଣ୍ଡଳ ସଭାପତି ପତିତପାବନ କର, ମନ୍ମଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଅଢ଼େଇ ଦିନରେ ଆତ୍ମସମର୍ପଣ କଲା ଆଫଗାନିସ୍ତାନ

# ସ୍ପିନରଙ୍କ କମାଲ୍; ଭାରତର ଇନିଂସ ବିଜୟ




ମୁଲାନପୁର, ୮ ।୬ (ଏଜେନ୍ସି)

ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଅଢ଼େଇଦିନରେ ଶେଷ ହୋଇଯାଇଛି । ତିନି ସ୍ପିନର ମାନବ ସୂତାର, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଭାରତ ଏକ ଇନିଂସ ଓ ୩୦୦ ରନରେ ବିଜୟୀ ହୋଇଛି । ଟେଷ୍ଟ ଇତିହାସରେ ଭାରତର ଏହା ସର୍ବବୃହତ୍ ବିଜୟ ହୋଇଛି । ପଦାର୍ପଣରେ ୭ଟି ୱିକେଟ୍ ନେବା ସହ ୨୮ ରନର ଉପଯୋଗୀ ପାଳି ଖେଳିଥିବା ସୂତାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଏବେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜୁନ ୧୩ରୁ ଧର୍ମଶାଳାରେ ଆରମ୍ଭ ହେବ ।

ଏହି ଏକମାତ୍ର ଟେଷ୍ଟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୨୬) ଓ ଲୋକେଶ ରାହୁଲ (୧୦୦)ଙ୍କ ଶତକ ବଳରେ ୮ ୱିକେଟରେ ୫୬୪ ରନ କରି ଇନିଂସ ଘୋଷଣା କରିଥିଲା । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ରବିବାର ଦ୍ୱିତୀୟ ଦିବସ ସୁଦ୍ଧା ୧୧୩ ରନରେ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ଏହି ଅସମାପ୍ତ ସ୍କୋରରୁ ସୋମବାର ସକାଳେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆଉ ୩୯ ରନ ଯୋଡ଼ି ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ରହମତ ଶାହ ସର୍ବାଧିକ ୬୦ ରନ କରିଥିଲେ । ଭାରତ ପକ୍ଷରୁ ପଦାର୍ପଣକାରୀ ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୂତାର ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ । ପ୍ରସିଦ୍ଧ କ୍ରିଷ୍ଣା ୩ ଓ ୱାଶିଂଟନଙ୍କୁ ଅନ୍ୟ ୱିକେଟ୍‌ଟି ମିଳିଥିଲା । ୪୧୨ ରନ ପଛରେ ଥିବା ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ ନ କରି ଆଫଗାନିସ୍ତାନକୁ ଫଲୋଅନ ଦେଇଥିଲା । ଦ୍ୱିତୀୟ ପାଳିରେ ଭ୍ରମଣକାରୀ ଦଳର ବ୍ୟାଟର କିଛିଟା ଲଢ଼େଇ କରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆଫଗାନିସ୍ତାନ ୩୫.୫ ଓଭରରେ ୧୧୨ ରନ କରି ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ୍ ହରାଇଥିଲା । ଓପନର୍ ସେଦ୍ଦିକୁଲ୍ଲା ଅଟଳ ୪୨, ରହମନୁଲ୍ଲା ଗୁର୍‌ବାଜ ୨୪ ଓ ରହମତ ୧୩ ରନ କରି ଦୁଇଅଙ୍କ ଛୁଇଁପାରିଥିଲେ । ଘରୋଇ ଦଳ ପାଇଁ ୱାଶିଂଟନ ୪, କୁଲଦୀପ ୩, ସୂତାର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ । ଫଳରେ ଆଫଗାନିସ୍ତାନ ବ୍ୟାଟର୍ ଉଭୟ ପାଳିରେ ମୋଟ୍ ଉପରେ ୯୫ ଓଭର ଖେଳି ଦୁଇଥର ଅଲ୍‌ଆଉଟ୍ ହୋଇଯାଇଥିଲେ ।

**ଟେଷ୍ଟରେ ଭାରତର ସର୍ବବୃହତ ଇନିଂସ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|
| ଇନିଂସ ଓ ୩୦୦ ରନ | ଆଫଗାନିସ୍ତାନ | ୨୦୨୬ |
| ଇନିଂସ ଓ ୨୭୨ ରନ | ୱେଷ୍ଟଇଣ୍ଡିଜ | ୨୦୧୮ |
| ଇନିଂସ ଓ ୨୬୨ ରନ | ଆଫଗାନିସ୍ତାନ | ୨୦୧୮ |
| ଇନିଂସ ଓ ୨୩୯ ରନ | ବାଂଲାଦେଶ | ୨୦୦୭ |
| ଇନିଂସ ଓ ୨୩୯ ରନ | ଶ୍ରୀଲଙ୍କା | ୨୦୧୭ |

**ରେକର୍ଡ**

- ଭାରତ ମାଟିରେ ଏହା ଦ୍ୱିତୀୟ ସର୍ବବୃହତ ବିଜୟ । ୧୯୫୮ରେ ଇଡେନରେ ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ ଇନିଂସ ଓ ୩୩୬ ରନରେ ଜିତିଥିଲା ।
- ଟେଷ୍ଟରେ ଆଫଗାନିସ୍ତାନର ଏହା ସର୍ବବୃହତ ପରାଜୟ ହୋଇଛି । ୨୦୧୮ରେ ସମାନ ଦଳ ଭାରତ ନିକଟରୁ ଆଫଗାନିସ୍ତାନ ଇନିଂସ ଓ ୨୬୨ ରନରେ ହାରିଥିଲା ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୬୪/୮
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୫୨/୧୦, ୫୮.୪ ଓଭର
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୨/୧୦, ୩୫.୫ ଓଭର (ସେଦ୍ଦିକୁଲ୍ଲା- ୪୨, ଗୁର୍‌ବାଜ- ୨୪, ଓମାରଜାଇ- ୪, ସୁନ୍ଦର- ୪/୩୬, କୁଲଦୀପ- ୩/୩୦, ସୂତାର- ୧/୨୯) ।

## ସୂତାରଙ୍କ କୀର୍ତ୍ତିମାନ



ମୁଲାନପୁର, ୮ ।୬ (ଏଜେନ୍ସି): ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୂତାର ଟେଷ୍ଟ ପଦାର୍ପଣରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ସେ ମୋଟ୍ ଉପରେ ୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି । ଆଫଗାନିସ୍ତାନର ପ୍ରଥମ ଇନିଂସରେ ସେ ୩୩ ରନରେ ୬ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ପାଇଥିଲେ । ଟେଷ୍ଟ ପଦାର୍ପଣରେ ୫ ୱିକେଟ୍ ସଫଳତା ପାଇବାରେ ସେ ଭାରତର ୧୦ମ ବୋଲର ଓ ୭ମ ସ୍ପିନର ହୋଇଛନ୍ତି । ତେବେ ଟେଷ୍ଟ ପଦାର୍ପଣରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିବାର ରେକର୍ଡ ନରେନ୍ଦ୍ର ହିରୱାନୀଙ୍କ ନାମରେ ରହିଛି । ୧୯୮୮ରେ ଚେନ୍ନଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ହିରୱାନୀ ୬୧ ରନରେ ୮ଟି ୱିକେଟ ପାଇଥିଲେ ।

## ‘ଟାଇ’ ଟେଷ୍ଟର ଅମ୍ପାୟାର ରାଜୁଙ୍କ ପରଲୋକ

ବେଙ୍ଗାଲୁରୁ, ୮ ।୬ (ଏଜେନ୍ସି)

ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟାର ବିକ୍ରମ ରାଜୁଙ୍କ ଗତକାଲି ବେଙ୍ଗାଲୁରୁରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କ ୯୨ ବର୍ଷ ବୟସ ହୋଇଥିଲା । ରାଜୁ ମୋଟ୍ ଉପରେ ୭ଟି ଅନ୍ତର୍ଜାତୀୟ ମ୍ୟାଚ୍



ପରିଚାଳନା କରିଥିଲେ । ଯେଉଁଥିରେ ଦୁଇଟି ଟେଷ୍ଟ ଓ ପାଞ୍ଚଟି ଦିନିକିଆ ମ୍ୟାଚ୍ ସାମିଲ ରହିଛି । ସେହିଭଳି ସେ ୪୨ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ମଧ୍ୟ ଅମ୍ପାୟାରିଂ କରିଥିଲେ । ୪୦ ବର୍ଷ ତଳେ ଚେନ୍ନଇରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇ ରହିଥିବା ଐତିହାସିକ ଟେଷ୍ଟ ମ୍ୟାଚରେ ରାଜୁ ଅମ୍ପାୟାର କରିଥିଲେ । ଯେଉଁଥି ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିଥିଲେ । ଟେଷ୍ଟ ଇତିହାସରେ ଏହା ଦ୍ୱିତୀୟ ଟାଇ ମ୍ୟାଚ୍ ଥିଲା । ଏଥିପୂର୍ବରୁ ୧୯୬୦ରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ବ୍ରିସବେନରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ଟାଇ ରହିଥିଲା । ରାଜୁଙ୍କ ବିୟୋଗରେ କର୍ଣ୍ଣାଟକ କ୍ରିକେଟ୍ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି ।

### ମହିଳା ଟି-୨୦ ବିଶ୍ୱକପ୍

## ୱାର୍ମଅପ୍ ମ୍ୟାଚ୍‌ରେ ଇଣ୍ଡିଜକୁ ହରାଇଲା ଭାରତ

କାର୍ଡିଫ, ୮ ।୬ (ଏଜେନ୍ସି)



ଜୁନ ୧୨ରୁ ଇଂଲଣ୍ଡରେ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ସୋମବାର ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚରେ ଭାରତ ୨୬ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି । କାର୍ଡିଫରେ ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୮ ୱିକେଟରେ ୧୭୯ ରନ କରିଥିଲା । ଦଳ ପକ୍ଷରୁ ଭାରତୀ ଫୁଲମଣି ୪୦ ବଲରେ ୫୬ ରନର ଅପରାଜିତ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୩୯, ଯଷ୍ଟିକା ଭାଟିଆ ୩୬, ଶେଫାଳି ବର୍ମା ୨୯, ଜେମିମା ରୋଡ୍ରିଗ୍ସ ୭ ରନ କରିଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଲେଗ୍-ସ୍ପିନର ଆଫି ଫ୍ଲେଚରଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ଓପନର ଡେଣ୍ଡ୍ରା ଡଟିନଙ୍କ ୪୯ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୧୫୩ ରନ କରିବାକୁ ସମର୍ଥ ହୋଇଥିଲା । ଭାରତୀୟ ମହିଳା ଦଳ ପକ୍ଷରୁ ଦୁଇ ସ୍ପିନର ଶ୍ରେୟଙ୍କା ପାଟିଲ ୪, ରାଧା ଯାଦବ ୩ଟି ୱିକେଟ ନେଇଥିଲେ । ଭାରତ ଏହାର ପରବର୍ତ୍ତୀ ତଥା ଶେଷ ୱାର୍ମଅପ୍ ମ୍ୟାଚରେ ଗୁରୁବାର ଘରୋଇ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି ।

## ଫିଫା ର୍ୟାଙ୍କିଙ୍ଗ୍; ୧୩୯ତମ ସ୍ଥାନକୁ ଖସିଲା ଭାରତ

ଜୁରିକ, ୮ ।୬ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଭାରତ ୩ଟି ସ୍ଥାନ ହରାଇଛି । ଫଳରେ ତାଲିକାରେ ଭାରତ ୧୩୬ରୁ ୧୩୯ତମ ସ୍ଥାନକୁ ଖସିଯାଇଛି । ନିକଟ ଅତୀତରେ ଖେଳାଯାଇଥିବା ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ବିଶ୍ୱ ମାନ୍ୟତାରେ ଭାରତର ଏହି ଅବନତି ଘଟିଛି । ବ୍ଲୁ ଟାଇଗର୍ସ ଦଳ ନିକଟରେ ୟୁନିଟ୍ କପ୍‌ରେ କ୍ରମାଗତ ଦୁଇଟି ମ୍ୟାଚରେ ପରାଜୟବରଣ କରିଥିଲା । ସେହିଭଳି ତାଜିକସ୍ତାନ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ମଧ୍ୟ ଭାରତ ୧-୩ ଗୋଲରେ ହାରିଯାଇଥିଲା । ଖାଲିଦ ଜମିଲଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ଏଥିପୂର୍ବରୁ ଗତ ଏପ୍ରିଲ ୧ ତାରିଖରେ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ୫ଟି ସ୍ଥାନ ଉପରକୁ ଉଠିଥିଲା ।

## ଇଂଲଣ୍ଡ ବେସ୍‌କ୍ୟାମ୍ପ ନିକଟରେ ଗୁଳିକାଣ୍ଡ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇଦିନ ବାକି ରହିଛି । ତେବେ ଏଥିପୂର୍ବରୁ ଏକ ବଡ଼ ଅଘଟଣ ଘଟିଯାଇଛି । ଇଂଲଣ୍ଡର ବେସ୍ କ୍ୟାମ୍ପ ନିକଟରେ ଗୁଳିକାଣ୍ଡ ହୋଇଛି । ଯେଉଁଥିରେ ଦଳାଚକଟା ଯୋଗୁ ୯ ଜଣ ଲୋକ ଆହତ ହୋଇଥିବା ଖବର ମିଳିଛି । ଇଂଲଣ୍ଡ ଦଳର ବେସ୍




କ୍ୟାମ୍ପ ମିସୌରୀର କାନସାସ୍ ସିଟିରେ ରହିଛି । କାନସାସ୍ ସିଟି ପୋଲିସ ସୂଚନା ଅନୁଯାୟୀ ଗୁଳିକାଣ୍ଡ ଗତକାଲି ସକାଳ ୪ଟାରେ ଘଟିଥିଲା । ଇଂଲଣ୍ଡ ଦଳର ହୋଟେଲଠାରୁ ଗୁଳିକାଣ୍ଡ ହୋଇଥିବା ସ୍ଥାନ ମାତ୍ର ୧୦ ମିନିଟ୍‌ର ଦୂର ରାସ୍ତା । ତେବେ ଯେତେବେଳେ ଏହି ଘଟଣା ଘଟିଥିଲା, ସେତେବେଳେ ଇଂଲଣ୍ଡ ଦଳ ଫ୍ଲୋରିଡାର ପାମ୍ ବିଚ୍‌ରେ ବିଶ୍ୱକପ୍ ପାଇଁ ଅଭ୍ୟାସ କରୁଥିଲା । ଜୁନ୍ ୧୩ ତାରିଖରେ ଇଂଲଣ୍ଡ ଦଳ କାନସାସ ସିଟିରେ ପହଞ୍ଚିବ । ପୋଲିସ ଅନୁଯାୟୀ, ତଦନ୍ତ ଜାରି ରହିଥିବାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ନାହିଁ, କିନ୍ତୁ ଘଟଣାସ୍ଥଳର ପାଟ୍ରୋଲିଂ ଜାରି ରହିଛି । ଗୁଳିକାଣ୍ଡ ସତ୍ତ୍ୱେ କାନସାସ୍ ସିଟି ଫିଫା ବିଶ୍ୱକପ୍ ୨୦୨୬ ସମୟରେ ଇଂଲଣ୍ଡର ବେସ୍ କ୍ୟାମ୍ପ ରହିବ ।

### ସ୍ପେନର ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେଲେ ୟାମାଲ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ଅନ୍ୟତମ ଟାଇଟଲ୍ ଦାବିଦାର ସ୍ପେନ ଜୁନ ୧୫ରେ ପଦାର୍ପଣକାରୀ କେପ୍ ଭର୍ଡେ ବିପକ୍ଷରେ ଖେଳି ଫିଫା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ପୂର୍ବରୁ ସ୍ପେନ ପାଇଁ ଏକ ବଡ଼ ଖୁସି ଖବର ଆସିଛି । ଆହତ



ଥିବା ଯୁବ ତାରକା ଲାମିନ୍ ୟାମାଲ ଏବଂ ସାଥୀ ୱିଙ୍ଗର ନିକୋ ୱିଲିୟମ୍ସ କେପ୍ ଭର୍ଡେ ବିପକ୍ଷ ସ୍ପେନର ଓପନିଂ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ । କୋଚ୍ ଲୁଇସ୍ ଡେ ଲା ଫୁଏଣ୍ଟେ ଏହା ସ୍ପଷ୍ଟ କରିଛନ୍ତି । ୟାମାଲ ଏବଂ ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ଖବର ୟୁରୋପୀୟ ଚାମ୍ପିଅନ ସ୍ପେନ ଟିମ୍ ମ୍ୟାନେଜମେଣ୍ଟର ମନୋବଳ ବଢ଼ାଇଛି । ପ୍ରକାଶଯୋଗ୍ୟ, ଆଗାମୀ ବିଶ୍ୱକପରେ ୧୮ ବର୍ଷୀୟ ୟାମାଲଙ୍କୁ ଜଣେ ଷ୍ଟାର ଖେଳାଳି ଭାବେ ଗଣାଯାଉଛି ।

## କିଟ୍-କିସ୍‌କୁ ‘ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ଷ୍ଟ’ ସମ୍ମାନ

ଭୁବନେଶ୍ୱର,୮ ।୬(ସମିସ): ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଗାଡ଼ିମୁକ୍ତ କ୍ୟାମ୍ପସ ପରିବେଶ ସୃଷ୍ଟି କରିବା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର



ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ ‘ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ଷ୍ଟ’ (ଏଫ୍‌ଆଇଏନ୍) ସ୍ୱୀକୃତି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କଠାରୁ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିଭଳି ବିଶ୍ୱ ସାଇକଲ ଦିବସ ଅବସରରେ ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ କିସ୍‌ର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଏହି ଗୌରବଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଅପରପକ୍ଷରେ ବିଶ୍ୱ ସାଇକଲ ଦିବସ ଅବସରରେ କିଟ୍‌ଠାରେ ‘ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକଲ ଲିଗ୍’ ସଫଳତାର ସହ ଆୟୋଜିତ ହୋଇଯାଇଛି । ଯେଉଁଥିରେ ରଶ୍ମିତା ଦିଘି (୧୬ ବର୍ଷରୁ କମ୍), ବବ୍ଲି ପଟ୍ଟା (୧୮ ବର୍ଷରୁ କମ୍) ଏବଂ ମିନତୀ ମୁଣ୍ଡା (ବରିଷ୍ଠ ବର୍ଗ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉଲ୍ଲେଖଯୋଗ୍ୟ, କିଟ୍ କ୍ୟାମ୍ପସରେ ଭାରତର ପ୍ରଥମ ୨୫୦ ମିଟର ବିଶିଷ୍ଟ କଂକ୍ରିଟ୍ ସାଇକଲ ଭେଲୋଡ୍‌ରୋମ ମଧ୍ୟ ରହିଛି ।

## ଜ୍ୱେରେଭ ପାଇଲେ ୩୦.୮୪ କୋଟି

**ଫ୍ରେଞ୍ଚ ଓପନ୍**

ପ୍ୟାରିସ, ୮ ।୬ (ଏଜେନ୍ସି): ଜର୍ମାନୀ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭ କ୍ୟାରିୟରର ପ୍ରଥମଥର ଲାଗି ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜ୍ୱେରେଭ ୬-୧, ୪-୬, ୬-୪, ୬-୭ (୫), ୬-୧ ସେଟରେ ଇଟାଲୀ ଫ୍ଲାବିଓ କୋବୋଲିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଏହି ବିଜୟ ସହ ଜ୍ୱେରେଭ ୩୦.୮୪ କୋଟି ଟଙ୍କା ପୁରସ୍କାର ଜିତିଛନ୍ତି । ସେହିଭଳି ଉପବିଜେତା ହୋଇଥିବା ଫ୍ଲାବିଓଙ୍କୁ ପୁରସ୍କାର ବାବଦକୁ ୧୫.୪୨



କୋଟି ଟଙ୍କା ଅର୍ଥରାଶି ମିଳିଛି । ଅପରପକ୍ଷରେ ବିଜୟ ସତ୍ତ୍ୱେ ଜ୍ୱେରେଭ ଏଟିପି ର୍‌ୟାଙ୍କିଙ୍ଗରେ ପୂର୍ବଭଳି ୩ୟ ସ୍ଥାନରେ ସ୍ଥିର ରହିଛନ୍ତି । ତେବେ ରନର୍ସଅପ୍ ହୋଇଥିବା ଫ୍ଲାବିଓ ୧୪ରୁ ୧୦ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି । ସଦ୍ୟପ୍ରକାଶିତ ଏଟିପି ର୍‌ୟାଙ୍କିଙ୍ଗ୍‌ରେ ଇଟାଲୀର ଜାନିକ ସିନ୍ନର, କାର୍ଲୋସ ଆଲ୍‌କାରାଜ ଯଥାକ୍ରମେ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ ତାଲିକାର ୭ମ ସ୍ଥାନ ହାସଲ କରିଛନ୍ତି ।

## ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘ: ଗୁରୁପ୍ରସାଦ ସଭାପତି, ମୀରା ସମ୍ପାଦିକା

ଭୁବନେଶ୍ୱର,୮ ।୬(ସମିସ): ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସ୍ଥାନୀୟ ମାଉସୀମା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ବୈଠକରେ ସମସ୍ତ ପୂର୍ବତନ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି । ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ସଂଘର ପୂର୍ବତନ ସଭାପତି ସୁରେଶ କୁମାର ରାଉତରାୟଙ୍କ ବୈଠକରେ ସଭାପତିତ୍ୱ କରିଥିଲେ । ନିଷ୍ପତ୍ତି ଅନୁଯାୟୀ, ଗୁରୁପ୍ରସାଦ ପଟ୍ଟନାୟକଙ୍କୁ ସଂଘର ନୂତନ ସଭାପତି ଏବଂ ମୀରା ରାଣୀ ଦାସଙ୍କୁ ନୂତନ ସମ୍ପାଦିକା ଭାବେ ନିର୍ବାଚିତ କରାଯାଇଛି । ଏହାସହ ନିହାର



ପ୍ରଧାନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ସଂଘର ସୁପରିଚାଳନା ପାଇଁ ସୁରେଶ ରାଉତରାୟଙ୍କୁ ଅଧ୍ୟକ୍ଷ ଏବଂ ନରେନ୍ଦ୍ର ସେଠୀଙ୍କୁ ମୁଖ୍ୟ ଉପଦେଷ୍ଟା ଆସନରେ ଅଳଙ୍କୃତ କରାଯାଇଛି । ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଗୁରୁପ୍ରସାଦ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତନ୍ୱୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୮ ।୬ (ସମିସ): ପ୍ରତିଭାବାନ ଓଡ଼ିଆ ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରି ଲାଟଭିଆ ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି । ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୧୪-୨୧, ୧୬-୨୧ ସିଧାସଳଖ ଗେମରେ ହଂକଂର ସୁମ ୟାଉ’ଙ୍କ ନିକଟରୁ ହାରି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିଲେ । ଏଥିପୂର୍ବରୁ ସେମିଫାଇନାଲରେ ତନ୍ୱୀ ୨୧-୯, ୨୧-୧୭ ସିଧାସଳଖ ଗେମରେ ମୋଲଡୋଭାର ଭ୍ଲାଡା ଗିଙ୍ଗାଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ ।

ସକାଳ
THE SAKALA
www.thesakala.in
We require the following post for various locations urgently.
District Correspondent for:
1. NUAPADA
2. KANDHAMAL
3. GAJAPATI
4. JHARSUGUDA
5. SUNDARGARH
6. BOUDH
7. SONEPUR
Qualification: MJMC with 5 yrs. experience.
Send your CV by 15.06.2026 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ଯଶସ୍ୱୀ ହେବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ମାଲିମୋକଦ୍ଦମାରେ ବିଜୟୀ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାନ ଧର୍ମ କରନ୍ତୁ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି। ପରୋପକାରୀ ହେବେ।

**ସିଂହ:** ଅତିଥି ସତ୍କାର କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ବନ୍ଧୁଙ୍କଠାରୁ ସହାୟତା ମିଳିବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ଦୀର୍ଘଦିନର ଆଶା ପୂରଣ ହେବ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୯୦୦- ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପରଲୋକ।
- ୧୯୬୦- ଚୀନ୍‌ରେ ଆସିଥିବା ତୋଫାନ ଯୋଗୁ ୧୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୪- ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେଲେ ଲାଲ୍ ବାହାଦୂର ଶାସ୍ତ୍ରୀ।
- ୧୯୮୦- ମହାକାଶଯାନ ସୋୟୁଜ୍-ଟି ୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୮ - ଚଣ୍ଡିଗଡ଼କୁ ତମାଖୁ ମୁକ୍ତ ସହର ଭାବେ ଘୋଷଣା କରାଗଲା।

# ‘ଗୋଲମାଲ ୫’ରେ ରଣବୀରଙ୍କ ଏଣ୍ଟ୍ରି



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ‘ଗୋଲମାଲ୍’ ଫ୍ରାଞ୍ଚାଇଜ୍‌ର ଆଗାମୀ ଚଳଚ୍ଚିତ୍ର ‘ଗୋଲମାଲ୍ ୫’ କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ଚାଲିଛି। ଫିଲ୍ମର ଘୋଷଣା ହେବା ପରଠାରୁ ହିଁ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଅପରପକ୍ଷରେ ଏଥିରେ ଅକ୍ଷୟ କୁମାରଙ୍କ ଏଣ୍ଟ୍ରି ପ୍ରଶଂସକମାନଙ୍କ ଉତ୍କଣ୍ଠାକୁ ଆହୁରି ବଢ଼ାଇ ଦେଇଛି। ଏବେ ଏହି ଫିଲ୍ମରେ ରଣବୀର ସିଂହ ମଧ୍ୟ ନଜର ଆସିବେ ବୋଲି ଜଣାପଡ଼ିଛି। ରଣବୀର ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ‘ଗୋଲମାଲ୍ ୫’ ର କାହାଣୀରେ ଏଥର ସୁପରନ୍ୟାଚୁରାଲ୍ ଏଲିମେଣ୍ଟ ସହିତ ହରର-କମେଡିର ତଡ଼କା ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ଏହାକୁ ଉଟିରେ ସୁଟ୍ କରାଯାଇଥିଲା। ଏହାର ପରବର୍ତ୍ତୀ ସୁଟିଂ ଜୁଲାଇ ମାସରେ ଆରମ୍ଭ ହେବ। ଏହାକୁ ମୁମ୍ବାଇରେ ସୁଟ୍ କରାଯିବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସେହିଭଳି ଗୋଆରେ ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ସୁଟ୍ କରାଯିବ। ଏଥିରେ ଅଜୟ ଦେବଗନ୍, ଅରଶଦ ୱାର୍ସି, ଶ୍ରେୟସ୍ ତଲପଡ଼େ, କୁନାଲ ଖେମୁ ଏବଂ ତୁଷାର କପୁର, ଅକ୍ଷୟ କୁମାର ଆଦି ନଜର ଆସିବେ। ଫିଲ୍ମରେ ଅକ୍ଷୟଙ୍କ ଚରିତ୍ର ତାଙ୍କ ଫିଲ୍ମ ‘ହାଉସ୍‌ଫୁଲ୍ ୪’ର ‘ବାଲା’ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇପାରେ ବୋଲି କୁହାଯାଉଛି। ‘ଗୋଲମାଲ୍ ୫’ ରେ ତାଙ୍କର ଏଣ୍ଟ୍ରି ମୁଖ୍ୟ ଖଳନାୟକ କିମ୍ବା ନେଗେଟିଭ୍ ରୋଲ୍‌ରେ ହେବ। ସେହିଭଳି ‘ଗୋଲମାଲ୍’ ପରେ ଏହି ଫ୍ରାଞ୍ଚାଇଜ୍‌ରୁ ଅଲଗା ହୋଇ ଯାଇଥିବା ଶରମନ ଯୋଶୀ ‘ଗୋଲମାଲ୍ ୫’ରେ ନଜର ଆସିବେ।

## ଅଜବ ନିୟମ

# ମୋଟା ଲୋକଙ୍କୁ ଚାକିରି ମନା



ମୋଟାପଣ ବା ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱର ଅନେକ ଦେଶରେ ସ୍ୱତନ୍ତ୍ର ନିୟମ ଓ ସରକାରୀ ନୀତି ପ୍ରଣୟନ କରାଯାଇଛି। ଏହି ନିୟମଗୁଡ଼ିକ ପଛର ମୂଳ ଉଦ୍ଦେଶ୍ୟ ହେଉଛି, ନାଗରିକମାନଙ୍କୁ ସୁସ୍ଥ ରଖିବା ଏବଂ ମୋଟାପଣ ଯୋଗୁଁ ହେଉଥିବା ମଧୁମେହ ଓ ହୃଦ୍‌ରୋଗ ଭଳି ସମସ୍ୟାକୁ କମାଇବା। ହେଲେ ଦକ୍ଷିଣ କୋରିଆ ଏପରି ଏକ ଦେଶ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ଓଜନକୁ ଦେଖି ଚାକିରି ଦିଆଯାଏ। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ଗଠନ ଆଧାରରେ ଲୋକଙ୍କ ସହ ଭେଦଭାବ ହେବା ଏକ ସାଧାରଣ କଥା। ସେହିଭଳି ସେଠାକାର କର୍ପୋରେଟ୍ ସଂସ୍କୃତି ଅନୁସାରେ, ଯେଉଁ ବ୍ୟକ୍ତି ନିଜ ଶରୀର ଏବଂ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ନାହିଁ, ସେ କମ୍ପାନିର କାମ ଏବଂ ଦାୟିତ୍ୱକୁ ସମ୍ଭାଳିବା କଷ୍ଟକର। ସେଥିପାଇଁ ସେଠାରେ କମ୍ପାନିଗୁଡ଼ିକରେ ନିଯୁକ୍ତି ସମୟରେ ମୋଟା ଲୋକଙ୍କୁ ଅଣଦେଖା କରାଯାଏ। ସେହିପରି ଭାରତ ସମେତ ଅନ୍ୟ ଦେଶ କମ୍ପାନିଗୁଡ଼ିକରେ ରିଜ୍ୟୁମ୍‌ରେ ଫଟୋ ଲଗାଇବା ଅନିବାର୍ଯ୍ୟ ନୁହେଁ। ହେଲେ ଦକ୍ଷିଣ କୋରିଆରେ ଚାକିରି ଆବେଦନ ସମୟରେ ସିଭିରେ ପାର୍ସପୋର୍ଟ ସାଇଜ୍ ଫଟୋ ଲଗାଇବା ଜରୁରି। ଏଥିସହ ସାକ୍ଷାତକାର ସମୟରେ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ସହ ଆବେଦନକାରୀ କେତେ ଫିଟ୍ ଏବଂ ଆକର୍ଷଣୀୟ ତାହା ଦେଖାଯାଉଛି ସେନେଇ ଚର୍ଚ୍ଚା ହୋଇଥାଏ। ଅଧିକ ମୋଟା ହେବା ଏଠାରେ ଆଳସ୍ୟତାର ପ୍ରତୀକ ଭାବେ ଜଣାଯାଏ। ଏଭଳି ସାମାଜିକ ଚାପ ଯୋଗୁଁ, ଦକ୍ଷିଣ କୋରିଆର ଯୁବପିଢ଼ି ଚାପଗ୍ରସ୍ତ ହୋଇ ଭୋକିଲା ରହି ପତଳା ହେବା ଚକ୍କରରେ ରୋଗଗ୍ରସ୍ତ ହୋଇ ପଡ଼ନ୍ତି। ପ୍ରତିଭାବାନ ଏବଂ ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ, ଅନେକ ଯୁବକ ଓଜନ ଅଧିକ ହେବା କାରଣରୁ ଚାକିରିରେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୁଅନ୍ତି। ସୁନ୍ଦର ଦେଖାଯାଉଥିବା କର୍ମଚାରୀମାନେ କମ୍ପାନିର ବ୍ରାଣ୍ଡ ମୂଲ୍ୟ ବୃଦ୍ଧି କରନ୍ତି ବୋଲି ଏଠାକାର କମ୍ପାନିଗୁଡ଼ିକ ଭାବନ୍ତି। ଏବେ ଏହି ସମସ୍ୟାର ସମାଧାନ ପାଇଁ, ଦକ୍ଷିଣ କୋରିଆ ସରକାର କଠୋର ପଦକ୍ଷେପ ନେଇଛନ୍ତି। ସରକାର ଫେୟାର ହାଇରିଂ ପ୍ରାକ୍ଟିସ୍ ଆକ୍ଟରେ ସଂଶୋଧନ କରିଛନ୍ତି, ଯଦ୍ୱାରା ୩୦ ରୁ ଅଧିକ କର୍ମଚାରୀ ଥିବା କମ୍ପାନିଗୁଡ଼ିକ ସେମାନଙ୍କ ଆବେଦନ ଫର୍ମରୁ ଫଟୋଗ୍ରାଫ୍, ଉଚ୍ଚତା, ଓଜନ ଏବଂ ପାରିବାରିକ ପୃଷ୍ଠଭୂମି ଭଳି ଦିଗଗୁଡ଼ିକୁ ହଟାଇବା ବାଧ୍ୟତାମୂଳକ କରାଯାଇଛି। ଏହାସତ୍ତ୍ୱେ ବି ସାକ୍ଷାତକାର ସମୟରେ ଏଭଳି ଭେଦଭାବ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଦେଖାଯାଇଛି।

## ଆଜି ଆସିଥିଲେ

# ଜନନାୟିକା ନନ୍ଦିନୀ



ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ । ସେ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିନ୍ଧାଣୀ। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ରାଜନୀତି କ୍ଷେତ୍ରରେ ତାଙ୍କର ଦୃଢ଼ତା ଓ ସାହସିକତା ପାଇଁ ତାଙ୍କୁ ଓଡ଼ିଶାର “ଆଇରନ ଲେଡି” ବୋଲି କୁହାଯାଏ। ନନ୍ଦିନୀ ୧୯୩୧ ମସିହା ଆଜିର ଦିନରେ କଟକ ଜିଲ୍ଲାର ବକ୍ସିବଜାର ଯାଚକ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀ ଥିଲେ। ପିତାଙ୍କ ସୃଜନଶୀଳତା ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ଚିନ୍ତାଧାରାର ଯୁଗ୍ମ ପ୍ରଭାବ ପଡ଼ିଥିଲା ନନ୍ଦିନୀଙ୍କ ଉପରେ। ଛାତ୍ରାବସ୍ଥାରୁ ରାଜନୀତିରେ ନନ୍ଦିନୀଙ୍କର ଆଗ୍ରହ ଥିଲା। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ଜାତୀୟ ଯୁବ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ବାରମ୍ବାର ଗିରଫ ହୋଇଥିଲେ। ଖୁବ୍ କମ୍ ବୟସରୁ ସେ କଂଗ୍ରେସରେ ଯୋଗ ଦେଇ ମହିଳା ଫୋରମ୍‌ର ସଭାପତି ହୋଇଥିଲେ। କଟକର ଝିଅ ନନ୍ଦିନୀ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ। ନନ୍ଦିନୀ ପ୍ରଥମେ ୧୯୬୨ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ପରେ ୧୯୬୮ ରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ। ନନ୍ଦିନୀ ୧୯୭୨ରୁ ୭୩ ଓ ୧୯୭୪ରୁ ୭୬ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କଂଗ୍ରେସରୁ ବାହାରି ଜନତା ଦଳରେ ଯୋଗ ଦେଇଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଦଳରେ କିଛି ଦିନ କାର୍ଯ୍ୟ କରିଥିଲେ। ପରେ ସେ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବର୍ହିଭୁତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା। ନନ୍ଦିନୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ସାହିତ୍ୟକ୍ଷେତ୍ରକୁ ଅବଦାନ ପାଇଁ ତାଙ୍କୁ ‘କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର’ ଓ ‘ସାହିତ୍ୟ ଭାରତୀ’ ପୁରସ୍କାର ମିଳିଥିଲା। ରାଜନୈତିକ ବ୍ୟସ୍ତତା ଭିତରେ ମଧ୍ୟ ସେ ଅମୃତା ପ୍ରୀତମ୍‌ଙ୍କ ‘ରସିଦ୍ ଟିକେଟ୍’, ତସଲିମା ନସରିନ୍‌ଙ୍କ ‘ଲଜ୍ଜା’ ପୁସ୍ତକ ଅନୁବାଦ କରିଥିଲେ । ଅଗଷ୍ଟ ୪, ୨୦୦୬ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା।



# କଲମୀ ବାଇଗଣ ଚାଷରୁ ଆୟ ବୃଦ୍ଧି

**ଅଧିକାଂଶ ଚାଷୀ ପାରମ୍ପରିକ ଚାଷ ବଦଳରେ ଅତ୍ୟାଧୁନିକ କୃଷି ପ୍ରଣାଳୀ ଆପଣାଉଛନ୍ତି। ଏହାଦ୍ୱାରା ଲାଭବାନ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଛତିଶଗଡ଼, ମହାସମୁନ୍ଦ ଜିଲ୍ଲା, ବୋହାରପାର ଗାଁ’ର ନବୀନ ସାଓ୍ୱ। ନବୀନ କଲମୀ ବାଇଗଣ ଚାଷ କରି ନିଜର ଆୟ ବୃଦ୍ଧି କରିପାରିଛନ୍ତି।**

ପାରମ୍ପରିକ ଧାନ ଚାଷରୁ ନବୀନଙ୍କୁ ଲାଭ ନ ମିଳିବାରୁ ସେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ କଲମୀ ବାଇଗଣ ଚାଷ ଆରମ୍ଭ କଲେ। ଉଦ୍ୟାନ ବିଭାଗ ମାର୍ଗଦର୍ଶନରେ ପ୍ରାୟ ତିନି ଏକର ଜମିରେ ଚାଷ କରିଲେ। ଚାଷ ପାଇଁ ସେ ବୁନ୍ଦା ଜଳ ସେଚନ ଏବଂ ମଲଚିଂ ପ୍ରଣାଳୀ ବ୍ୟବହାର କରିଥିଲେ। ଉନ୍ନତମାନର କଲମୀ ଚାରା ଲଗାଇ ଜମିରେ ଏହାର ସଠିକ୍ ଯତ୍ନ ନେବା ଦ୍ୱାରା ଗଛଗୁଡ଼ିକ ବେଶ୍ ହୃଷ୍ଟପୁଷ୍ଟ ହୋଇଥିଲା। ପ୍ରତି ଏକର ପିଛା ୧୫୫ କ୍ୱିଣ୍ଟାଲ ବାଇଗଣ ଅମଳ ହୋଇଥିଲା। ଏହି ଚାଷରେ ରୋଗ ପୋକ କମ୍ ଲାଗିବା ଆଶଙ୍କା ଥାଏ। ଗଛରେ ପୋକ କିମ୍ବା ବ୍ୟାକ୍ଟେରିଆଜନିତ ଶୁଖିଲା ରୋଗ ହୁଏ ନାହିଁ। ନବୀନ ଅମଳ ବାଇଗଣକୁ ବିକ୍ରି କରି ୨ ଲକ୍ଷ ୪୫ ହଜାର ଟଙ୍କାର ଲାଭ ପାଇଥିଲେ। ଧାନ ଚାଷ ତୁଳନାରେ ଏହି ଚାଷରୁ ତାଙ୍କୁ ଲାଭ ପାଞ୍ଚ ଗୁଣ ମିଳିଥିଲା।




# ମାଟିଆଳୁ ଚାଷ



ମାଟିଆଳୁ ମେ’ରୁ ଜୁନ୍ ମାସରେ ଲଗାଯାଏ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି ଶ୍ରୀକୀର୍ତ୍ତି, ଶ୍ରୀରୂପା, ହାତୀଖୋଜ, ଛୋଟ ମାଟିଆଳୁ- ଶ୍ରୀକଳା, ଧଳା ମାଟିଆଳୁ-ଶ୍ରୀ ଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଇତ୍ୟାଦି। ଏକ ଏକର ଜମି ପାଇଁ ୮ରୁ ୧୦ କୁଇଣ୍ଟାଲ ମାଟିଆଳୁ ଆବଶ୍ୟକ ହୁଏ। ଏହି ଖଣ୍ଡଗୁଡ଼ିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାଯାଏ। ଜମିକୁ ଗୁଣ୍ଡ ଚାଷ କରି ଧାଡ଼ିକୁ ଧାଡ଼ି ତିନିଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳାଯାଏ। ଗୋବର ଖତ ଓ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୂରଣ କରିବାକୁ ହୁଏ। ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରିବା ଆବଶ୍ୟକ। ଲଗାଇବାବେଳେ ସମୁଦାୟ ସୁପର ଫସ୍‌ଫେଟ୍ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରାଯାଏ। ମନ୍ଦାରେ ମାଟିଆଳୁ ବିହନକୁ ୫ରୁ ୧୦ ସେମି ଗଭୀରରେ ପୋତାଯାଏ। ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ମାଟିଆଳୁ ଲଗା ହୋଇଥିଲେ ବିହନ ଲଗା ହେବା ପରେ ମନ୍ଦାକୁ ଶୁଖିଲା ନଡ଼ା, ତାଳପତ୍ର ବା ଘାସ ଦେଇ ଘୋଡ଼ାଇ ଦେଇ ପାରିବେ।

# ଲତାଜାତୀୟ ଫସଲ ପାଇଁ ମନ୍ଦା ପ୍ରସ୍ତୁତି



ଲତାଜାତୀୟ ଫସଲ ଯଥା - କଖାରୁ, କାକୁଡ଼ି, ଛଚିନ୍ଦ୍ରା, କଲରା ଚାଷ ପାଇଁ ବର୍ତ୍ତମାନ ମନ୍ଦା ପ୍ରସ୍ତୁତ କରି ପାରିବେ। ଜମିରୁ ଘାସ ବାଛି କୋଡାଖୁସା କରି ମାଟିକୁ ସମତୁଲ କରି ମନ୍ଦା ତିଆରି କରାଯାଏ। ମନ୍ଦାରେ ଉଈ ନ ଲାଗିବା ପାଇଁ ଚାରିପାଖେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଏ। ମୂଳସାର ହିସାବରେ ଭର୍ମିକମ୍ପୋଷ୍ଟ, ଜୈବିକ ଖତ ମାଟିରେ ପ୍ରୟୋଗ କରାଯାଏ। ମନ୍ଦାରେ ବିହନ ଲଗାଇ ଜଳ ସେଚନ କରାଯାଏ। ପାଣିପାଗ ଅନୁସାରେ ହାଲୁକା ଜଳସେଚନ କରାଗଲେ ୫ରୁ ୭ ଦିନରେ ବିହନ ଗଜା ହୋଇଥାଏ।

# କୁକୁଡ଼ାଙ୍କ ରାଣୀକ୍ଷେତ ରୋଗ



**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ା ପାଳନ କରନ୍ତି। କୁକୁଡ଼ାଙ୍କ ସଠିକ୍ ଦେଖାଶୁଣା କଲେ ଲାଭ ମିଳିଥାଏ। ହେଲେ ବେଳେ ବେଳେ ହଠାତ୍ କୁକୁଡ଼ାଙ୍କ ଶାରୀରିକ ସମସ୍ୟା ଦେଖାଯିବା ସହ ସେମାନେ ଖାଇବା ବନ୍ଦ କରିଦିଅନ୍ତି। ଧଳା ଓ ସବୁଜ ଝାଡ଼ା ହୋଇ କୁକୁଡ଼ାଙ୍କ ମୃତ୍ୟୁ ହୋଇଥାଏ। ଏହା ଏକ ଭୂତାଣୁଜନିତ ରୋଗ। ଏଥିପ୍ରତି ସତର୍କ ରହିବା ଆବଶ୍ୟକ।**

ଧଳା ଓ ସବୁଜ ଝାଡ଼ାରେ ଆକ୍ରାନ୍ତ କୁକୁଡ଼ାମାନେ ଘୁମାନ୍ତି, ପାଟିରୁ ଲାଳ ଗଡ଼ାନ୍ତି। ଡେଣା ସବୁ ଝୁଲିଲା ଭଳି ରୁହେ। ଧଳା ଚୂନ ଭଳି ଝାଡ଼ା ହୋଇ ପଛ ପଟେ ଲାଗେ। ନିଃଶ୍ୱାସ ନେବା ସମୟରେ ଘୁଡୁଘୁଡୁ ଶବ୍ଦ କରନ୍ତି। ଖାଇବା ବନ୍ଦ କରି ଦୁର୍ବଳ ହୋଇପଡ଼ନ୍ତି। ଅଣ୍ଡା ଉତ୍ପାଦନ କମିଯାଏ, ଅଚାନକ ମୃତ୍ୟୁ ହୋଇଥାଏ। ତେଣୁ ଏହି ସମସ୍ୟାର ନିରାକରଣ ପାଇଁ ସଠିକ୍ ସମୟରେ ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ କୁକୁଡ଼ାଙ୍କୁ ଟିକା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ।

# ଗଛ ଶୁଖି ଯାଉଥିଲେ...



**ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଏବଂ ଗରମ ପ୍ରବାହ ଫସଲକୁ ପ୍ରଭାବିତ କରୁଛି। ଏହା ଦ୍ୱାରା ଗଛର ପତ୍ର ଶୁଖିଯିବା ସହ ମଉଳି ଯାଉଛି। ସାଧାରଣତଃ ପାକଶାଳା ବଗିଚାରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେଣୁ ଗଛକୁ ଥଣ୍ଡା ଏବଂ ସତେଜ ରଖିବା ପାଇଁ ତରଳ ଖତ ବ୍ୟବହାର କରିବା ସର୍ବୋତ୍ତମ।**

- ପତ୍ର ଶୁଖିଥିଲେ ତାହାକୁ ନ ହଟାଇ କୁଣ୍ଡକୁ ଛାଇ ସ୍ଥାନକୁ ସ୍ଥାନାନ୍ତର କରିବା ଆବଶ୍ୟକ। ମାଟିର ଆର୍ଦ୍ରତା ବଜାୟ ରଖିବାକୁ ମାଟିକୁ ନଡ଼ା, ଶୁଖିଲା ପତ୍ର ଦ୍ୱାରା ଘୋଡ଼ାଇ ରଖି ପାରିବେ। ବଗିଚା ଉପରେ ସେଡ୍ ନେଟ୍, ସୂତା ଶାଢ଼ି, କପଡ଼ା ବିଛାଇ ପାରିବେ।
- ଗଛମୂଳକୁ ଛୋଟ କଟା ପେଟି ଦ୍ୱାରା ଘୋଡ଼ାଇ ଜଳ ସେଚନ କଲେ ଗଛମୂଳ ଥଣ୍ଡା ରହିଥାଏ। ମାଟିର ଆର୍ଦ୍ରତା ବଜାୟ ରୁହେ।
- ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ନ କରି ଜିଆଖତର ତରଳ, ତରଭୁଜ ଚୋପାର ତରଳ ଖତ, ଗୋବର ଖତ, ଅଣ୍ଡାଚୋପାର ଖତ ଗଛମୂଳରେ ପ୍ରୟୋଗ କରି ପାରିବେ। ସନ୍ଧ୍ୟା ସମୟରେ ଜଳ ସେଚନ କରିବା ଭଲ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କାଳ ବୈଶାଖୀ ବର୍ଷା ଓ ଝଡ଼ ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ।
- ଭେଣ୍ଡି ଫସଲରେ ଗଣ୍ଡି ଓ ଫଳ ବିନ୍ଧା ପୋକ ଦେଖାଦେଲେ ପ୍ରାଥମିକ ଅବସ୍ଥାରେ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଦଳୀ ଗଛରେ ଘୁଣିପୋକ ବା ଶୁଣ୍ଢା ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି କସ୍‌ମୋଲ୍ୟୋର ଥିବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ। ଗଛ ଲଗାଇବା ବେଳକୁ କନ୍ଦାଗୁଡ଼ିକୁ ଉଷୁମ ପାଣିରେ ୩୦ ମିନିଟ୍ ବୁଡାଇ ତାପରେ ଲଗାନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ @ ୮୦ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ।
- ଗାଈଗୋରୁଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟାରେ ଛାଡନ୍ତୁ।